READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୪୨ ୩୦ ଅକ୍ଟୋବର - ୫ ନଭେମ୍ବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-42 30th OCTOBER- 5th NOVEMBER, 2023 BHUBANESWAR ₹ 5/- (8 Pages)

### ଇଣ୍ଟରନେଟ୍‌ରେ ବଢ଼ୁଛି ଶିଶୁ ଯୌନ ସମ୍ପର୍କିତ କଣ୍ଟେଣ୍ଟ
## ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ




**ନୂଆଦିଲ୍ଲୀ :** ଇଣ୍ଟରନେଟରେ ଶିଶୁ ଯୌନ ସମ୍ପର୍କିତ କଣ୍ଟେଣ୍ଟ ପ୍ରସାରଣ ପ୍ରସଙ୍ଗରେ ସୁପାରିସଗୁଡିକୁ କାର୍ଯ୍ୟକାରୀ କରିବା ଲାଗି ସମସ୍ତ କେନ୍ଦ୍ରଶାସିତ ଓ ରାଜ୍ୟ ସରକାରଙ୍କ କର୍ତ୍ତୃପକ୍ଷଙ୍କୁ ଜାତୀୟ ମାନବାଧିକାର ଆୟୋଗଙ୍କ ପରାମର୍ଶ। ଦୁଇମାସ ମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ ବା ଏଟିଆର ପଠାଇବା ଲାଗି କମିଶନ ଦେଇଛନ୍ତି ନିର୍ଦ୍ଦେଶ। ଇଣ୍ଟରନେଟରେ ଶିଶୁ ଯୌନ ସଂକ୍ରାନ୍ତ ମ୍ୟାଟେରିଆଲ ବା ସିଏସଏଏମଗୁଡିକୁ ନିୟନ୍ତ୍ରଣ କରିବା ସହ ଶିଶୁମାନଙ୍କ ଅଧିକାରର ସୁରକ୍ଷା ଲାଗି ନୂଆ ଗାଇଡଲାଇନ ଜାରି କରିଛନ୍ତି କମିଶନ। ୨୦୨୩ରେ ବର୍ତ୍ତମାନ ସୁଦ୍ଧା ଏହି ଧରଣର ୪ ଲକ୍ଷ ୫୦ ହଜାର ୨୦୭ଟି ମାମଲା ପରିଲକ୍ଷିତ ହୋଇଥିବାବେଳେ ଦିନକୁ ଦିନ ଏହି ଧରଣର ମ୍ୟାଟେରିଆଲର ପ୍ରଡକ୍ସନ ଓ ଡିଷ୍ଟ୍ରିବ୍ୟୁସନ ସଂଖ୍ୟା ବଢ଼ୁଥିବା ଜଣାଯାଇଛି। ୨୦୨୧ରେ ଏହି ମାମଲା ସଂଖ୍ୟା ୧ ଲକ୍ଷ ୬୩ ହଜାର ୬୩୩ ଥିବାବେଳେ ୨୦୨୨ରେ ଏହି ସଂଖ୍ୟା ଥିଲା ➤ ପୃ-୬

## ‘ଓଡ଼ିଶାକୁ ବିପୁଳ ଅର୍ଥ ଦେଉଛନ୍ତି ମୋଦି ସରକାର, ଠିକାଦାର ପୋଷୁଛନ୍ତି ରାଜ୍ୟ ସରକାର’



**ତିର୍ତ୍ତୋଲ :** ରାଜ୍ୟ ସରକାର ବଡ ବଡ ଠିକାଦାରଙ୍କୁ ପୋଷିବା ପାଇଁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ରଘୁନାଥପୁର ବ୍ଲକର ମାଆ ମାନଙ୍କ ପାଇଁ ପାଣି ମୁନ୍ଦେ ଦେବାର ବ୍ୟବସ୍ଥା କରୁନାହାନ୍ତି, ଯାହା ବିଡମ୍ବନା ବୋଲି ଶନିବାର ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ରଘୁନାଥପୁରରେ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାର ଓଡ଼ିଶାକୁ ବିପୁଳ ଅର୍ଥ ଦେବା ପରେ ମଧ ତିର୍ତ୍ତୋଲ ଓ ରଘୁନାଥପୁର ବାସୀଙ୍କୁ ରାଜ୍ୟ ସରକାର ଉପେକ୍ଷା କରିଛନ୍ତି। ପୂର୍ବ ସରକାରର ୧୦ ବର୍ଷରେ ଓଡ଼ିଶାକୁ ମାତ୍ର ୩ ଲକ୍ଷ କୋଟି ଆସିଥିବା ବେଳେ ମୋଦି ସରକାରରେ ଏ ପର୍ଯ୍ୟନ୍ତ ୧୮ ଲକ୍ଷ କୋଟି ଟଙ୍କା ଆସିଛି। ରଘୁନାଥପୁରରେ ପ୍ରତି ଘରକୁ ପାଇପ ଯୋଗେ ପିଇବା ପାଣିର ବ୍ୟବସ୍ଥା ହୋଇ ନାହିଁ। ବାରମ୍ବାର ବିଜୁଳି କାଟ୍ ହେଉଛି। ଷ୍ଟ୍ରିଟ୍ ଲାଇଟ, ଯାତ୍ରୀ ବିଶ୍ରାମଗାର ପାଇଁ ସ୍ଥାନୀୟ ଲୋକମାନେ ଦାବି କଲା ପରେ ବି ସରକାର କର୍ଣ୍ଣପାତ କରୁନାହାନ୍ତି। ଯୁବକମାନେ ସୁରଟ, ତାମିଲନାଡୁ ଭଳି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଠାରେ ମୋ ଗାଁ ମୋ ବିକାଶରେ ପ୍ରାୟ ୧ କୋଟି ୬୨ ଲକ୍ଷର ଦୁର୍ନୀତିର ପ୍ରମାଣ ମିଳିଛି ଏବଂ ଏଥିପାଇଁ ବିଭାଗୀୟ ଅଧିକାରୀମାନେ ଜେଲ୍ ଯାଇଛନ୍ତି। ଏ ସରକାର ଶାସକ ଦଳର ନେତାଙ୍କ ପକେଟ ଗରମ କରୁଥିବା ସରକାର। ଏଠାକାର ସରକାର ବଡ ବଡ ଠିକାଦାରଙ୍କୁ ପୋଷିବା ପାଇଁ ପ୍ରାଥମିକତା ଦେଉଛି। ମାଆ ମାନଙ୍କୁ ପାଣି ମୁନ୍ଦେ ଦେବାର ବ୍ୟବସ୍ଥା ନାହିଁ। ଚାଷୀର ହକରୁ ବଞ୍ଚିତ କରାଯାଉଛି। ପିଏମ ଆବାସ ଯୋଜନାରେ ମୋଦି ସରକାର ୩୨ ଲକ୍ଷ ଘର ଦେବା ପରେ ବି ରଘୁନାଥପୁର ବ୍ଲକରେ ପକ୍କା ଛାତ ହୋଇନାହିଁ। ମୋଦିଙ୍କ ପଇସାରେ ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା କଥା କହୁଛନ୍ତି। ଏ ସବୁର ସମାଧାନ ପାଇଁ ଆମେ ଦୃଢ ରାଜନୈତିକ ଇଚ୍ଛାଶକ୍ତି ରଖୁଥିବା ତଥା ଓଡ଼ିଆ ସ୍ୱାଭିମାନ, ଓଡ଼ିଆ ➤ ପୃ-୬

## ଲିପ୍‌ଷ୍ଟିକ୍‌ରେ କ୍ୟାନ୍‌ସର !



**ନୂଆଦିଲ୍ଲୀ :** ଦୈନନ୍ଦିନ ଜୀବନରେ ଆମେ ରାସାୟନିନିକ ପଦାର୍ଥର ବହୁଳ ବ୍ୟବହାର କରିଥାଉ। ବ୍ୟବହାର କରୁଥିବା କସମେଟିକ ପ୍ରଡକ୍ଟ ଠାରୁ ଆରମ୍ଭ କରି ବେଶପୋଷାକ ଯାଏଁ ସବୁ ରାସାୟନିକ ଜିନିଷରେ ପ୍ରସ୍ତୁତ କରାଯାଉଛି। ରାସାୟନିକ ପଦାର୍ଥ ମଧ୍ୟରୁ ଆମେ ପିଏଫଏଏସ ବା ପରଫ୍ଲୁରୋଆଲକାଇଲ୍ ଆଣ୍ଡ ପଲିଫ୍ଲୁରୋଆଲକାଇଲ ସବଷ୍ଟାନ୍ସେସକୁ ବହୁଳ ବ୍ୟବହାର କରିଥାଉ। ଏହା ଫର୍ ଏଭର କେମିକାଲ ନାମରେ ମଧ ପରିଚିତ। କିନ୍ତୁ ଆପଣ ଜାଣିଛନ୍ତି କି ଏହି ରାସାୟନିକ କେମିକାଲ ଆମ ଶରୀର ପ୍ରତି ଅତ୍ୟନ୍ତ ବିପଦଜ୍ଜନକ। ଏହି କେମିକାଲ ଆମ ଡେ ଟୁ ଡେ ଲାଇଫରେ ବ୍ୟବହାର କରୁଥିବା ପ୍ରସାଧନ ସାମଗ୍ରୀରେ ବହୁଳ ବ୍ୟବହାର କରାଯାଏ। ବିଶେଷକରି ୱାଟରପ୍ରୁଫ୍ କସମେଟିକ ବଡି ଲୋଶନ, ସନସ୍କ୍ରିମ, ଲିପଷ୍ଟିକ, ନେଲ ପଲିସ, ଫାଉଣ୍ଡେସନ, ଆଇଶ୍ୟାଡୋ, ମସ୍କାରା ଇତ୍ୟାଦିରେ ପିଏଫଏଏସ ରହିଥାଏ। ୱାଟରପ୍ରୁଫ୍ ଯୋଗୁ ପାଣି ସଂସ୍ପର୍ଶରେ ଆସିଲେ ➤ ପୃ-୬

## ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଅନୁଭବ ପାଇବେ ଭକ୍ତ

### ନୂଆ ଦାୟିତ୍ୱ ଗ୍ରହଣ ପରେ ପୁରୀରୁ ପାଣ୍ଡିଆନ୍‌ଙ୍କ ପ୍ରଥମ ସମୀକ୍ଷା
### ଡିସେମ୍ବର ୧୫ ସୁଦ୍ଧା ପରିକ୍ରମା ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ସମୃଦ୍ଧ, ସଶକ୍ତ ଓ ନୂତନ ଓଡ଼ିଶା ଗଠନର ନୂତନ ସ୍ଥପତି ତଥା ‘୫-ଟି’ ଓ ‘ନବୀନ ଓଡ଼ିଶା’ର ଅଧକ୍ଷ ଭି.କେ.ପାଣ୍ଡିଆନ ନୂଆ ଦାୟିତ୍ୱ ଗ୍ରହଣ ପରେ ଶନିବାର ଭୋରୁ ପୁରୀରେ ପ୍ରଥମ ସମୀକ୍ଷା କରିଥିଲେ। ଶନିବାର ବଡିଭୋରୁ ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ଭି.କେ.ପାଣ୍ଡିଆନ। ଭୋର ୪ଟାରେ ପୁରୀରେ ପହଞ୍ଚି ସକାଳ ୬ଟା ପର୍ଯ୍ୟନ୍ତ ସମୀକ୍ଷା କରିଥିଲେ ପାଣ୍ଡିଆନ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ତ୍ୱରାନ୍ୱିତ କରି ଡିସେମ୍ବର ୧୫ ତାରିଖ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପରିକ୍ରମା ପ୍ରକଳ୍ପ ଡିସେମ୍ବର ୧୫ ତାରିଖ ସୁଦ୍ଧା ସରିଲେ ଏହା ନୂଆବର୍ଷରେ ଭକ୍ତଙ୍କ ପାଇଁ ନୂଆ ଅନୁଭୂତି ହେବ ବୋଲି କହିଛନ୍ତି ଭି.କେ.ପାଣ୍ଡିଆନ। ଏହା ସହ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠ ଗୁଡ଼ିକର ପୁନରୁଦ୍ଧାର କାମ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେ ଶ୍ରୀମନ୍ଦିର ଚାରି ଦ୍ୱାର କାମ ମଧ ବୁଲି ଦେଖିଥିଲେ। ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ଦୁଇ ଚକିଆ ଗାଡିର ପାର୍କିଂ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିକ୍ରମା ପ୍ରକଳ୍ପର ବିଦ୍ୟୁତ୍ ବ୍ୟବସ୍ଥା କାମ ନିର୍ଦ୍ଧାରିତ ସମୟରେ ଶେଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜଗନ୍ନାଥ ବଲ୍ଲଭ ପାର୍କିଂ କାମ ସହ ଯାତ୍ରୀଙ୍କ ପାଇଁ କରାଯାଉଥିବା ବିଭିନ୍ନ ବିକାଶ କାମର ସମୀକ୍ଷା କରିଥିଲେ ଫାଇଭ୍-ଟି ଓ ମୋ ଓଡ଼ିଶା ନବୀନ ଓଡ଼ିଶା ଅଧକ୍ଷ ଭି.କେ ପାଣ୍ଡିଆନ୍। ଏହି ସମୟରେ ପୁରୀ ଜିଲ୍ଲାପାଳ, ଏସପି, ଓବିସିସି ଏମଡି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ୨୦୨୧ ନଭେମ୍ବର ମାସରେ ଏହି ୮୦୦ କୋଟି ଟଙ୍କାର ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ମେଘନନ୍ଦା ପାଚେରି (ଶ୍ରୀଜଗନ୍ନାଥ ମନ୍ଦିରର ବାହାର କାନ୍ଥ) ଚାରିପାଖରେ ୭୫ ମିଟରର ଏକ ବାଧାମୁକ୍ତ କରିଡର ନିର୍ମାଣ କରିବ। ଶହ ଶହ ବର୍ଷ ମଧ୍ୟରେ ଏହା ହେଉଛି ମନ୍ଦିର ଚତୁଃପାର୍ଶ୍ୱର ସବୁଠାରୁ ବଡ଼ ➤ ପୃ-୬

## କେନ୍ଦ୍ରୀୟ ନେତାଙ୍କ ଭରସାରେ ରାଜ୍ୟ କଂଗ୍ରେସ

**ଭୁବନେଶ୍ୱର:** ରାଜ୍ୟ କଂଗ୍ରେସକୁ କେନ୍ଦ୍ରୀୟ ନେତା ଭରସା। କନ୍ଦଳ ଭିତରେ ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ରାଜ୍ୟ କଂଗ୍ରେସ। କେନ୍ଦ୍ରୀୟ ନେତାଙ୍କୁ ଆଣି ଦଳ ତୃଣମୂଳ ସ୍ତରରୁ ସ୍ଥିତି ସଜାଡ଼ିବାକୁ ଅଣ୍ଟା ଭିଡ଼ିଛି। ରାହୁଲ ଓ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ଆସିବା ଲାଗି ଆମନ୍ତ୍ରଣ କରିଛି ରାଜ୍ୟ କଂଗ୍ରେସ। ଅନ୍ୟପଟେ ନିଜ ଉପରୁ ଦଳୀୟ ନିଲମ୍ବନ ଉଠାଇବା ପାଇଁ ବିଧାୟକ ମହମ୍ମଦ ମୋକିମ ବ୍ୟାକଲୁ ଥିବା ବେଳେ ଏବେ ନିଲମ୍ବନ ଉଠିବ ନାହିଁ ବୋଲି ପିସିସି ପ୍ରଭାରୀ କହିଛନ୍ତି। ସେପଟେ ଟିକେଟ୍ ବଣ୍ଟା ନେଇ କଂଗ୍ରେସ କସରତ ଆରମ୍ଭ କରିଛି। ରାଜ୍ୟ କଂଗ୍ରେସକୁ ଘାରିଛି ସ୍ଥିତି ସୁଧାରିବା ଚିନ୍ତା। ଦଳ ନେବ କେନ୍ଦ୍ରୀୟ ନେତାଙ୍କ ସହାୟତା। ଓଡ଼ିଶା ଆସିବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ। ଡିସେମ୍ବରରୁ ଜାନୁଆରୀ ଭିତରେ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଛି ରାଜ୍ୟ କଂଗ୍ରେସ। କେନ୍ଦ୍ରୀୟ ନେତାଙ୍କ ସହାୟତାରେ ତୃଣମୂଳ ସ୍ତରରେ କଂଗ୍ରେସ ସଂଗଠନକୁ ମଜଭୁତ କରିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିଛି। ରାହୁଲ ଗାନ୍ଧୀଙ୍କୁ ନେଇ ୪ଟି ବଡ଼ସଭା କରିବାକୁ ଦଳ ଲକ୍ଷ୍ୟ ରଖିଥିବା ପିସିସି ପ୍ରଭାରୀ ଚେଲ୍ଲା କୁମାର କହିଛନ୍ତି। ପାଞ୍ଚଟି ରାଜ୍ୟରେ ନିର୍ବାଚନ ପରେ କଂଗ୍ରେସର ଟପ୍ କେନ୍ଦ୍ରୀୟ ନେତା ଓଡ଼ିଶା ଆସିବା କାର୍ଯ୍ୟକ୍ରମ ଥିବାରୁ ଦଳ ଗ୍ରାଉଣ୍ଡରେ ➤ ପୃ-୬

## ଜଟଣୀରେ ସ୍ଥାପନ ହେବ ଅତ୍ୟାଧୁନିକ ଶିଶୁ କର୍କଟ ଚିକିତ୍ସାଳୟ

**ଭୁବନେଶ୍ୱର :** ଜାତୀୟ ସ୍ତରରେ ଶିଶୁ କର୍କଟ ହାର ବୃଦ୍ଧି ପାଉଥିବା ବେଳେ ଓଡ଼ିଶାରେ ମଧ ଅନୁରୂପ ସ୍ଥିତି ପରିଲକ୍ଷିତ ହେଉଛି। ଏହା ମଧ ରାଜ୍ୟ ସରକାରଙ୍କ ପାଇଁ ସମ୍ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି ଶିଶୁ କର୍କଟ ବିରୋଧୀ ଲଢ଼େଇରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ଜଟଣୀ ସ୍ଥିତ ନାଇଜର୍ ପରିସରରେ ପ୍ରସ୍ତାବିତ ହୋମି ଭାବା କ୍ୟାନ୍ସର ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟରରେ ଶିଶୁ କର୍କଟ ରୋଗୀଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯିବା ପାଇଁ ରାଜ୍ୟ ସରକାର ୧୫୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ସେହିପରି ଉକ୍ତ ଡାକ୍ତରଖାନା ପରିସରରେ ରୋଗୀ ସହାୟକ ତଥା ପରିବାର ସଦସ୍ୟଙ୍କ ରହିବା ନିମନ୍ତେ ୧୨୦ କୋଟି ଟଙ୍କା ବ୍ୟୟରେ ୨ ଲକ୍ଷ ବର୍ଗଫୁଟ୍ ଆୟତନ ବିଶିଷ୍ଟ ଏକ ଧର୍ମଶାଳା ନିର୍ମାଣ ହେବ। ଉକ୍ତ ଦୁଇ ପ୍ରକଳ୍ପକୁ ରାଜ୍ୟ ସରକାର ବିଧିବଦ୍ଧ ଅନୁମୋଦନ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ମୁମ୍ବଇ ସ୍ଥିତ ଟାଟା ମେମୋରିଆଲ ସେଣ୍ଟର ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି। ➤ ପୃ-୬

## ବକ୍ରବାଣୀ



ଭାଇଚାରାପଣେ ବିଭୋର ହେଇ
ଟ୍ରଲିରେ ସାହିବ ଡ୍ରମ ପିଟିଲେ
ଶୁଣିକି ଏ କଥା ରାଗିଲେ ରଜା
ଚବିଶ ଘଣ୍ଟାରେ ବଦଳି କଲେ
କିଏ ରାମ ଏଠି କିଏ ରାବଣ
ବିଭୀଷଣ ଆଉ କିଏ ଲକ୍ଷ୍ମଣ
ଜାଣି ହେଲା ନାହିଁ କା’ଆଡ଼େ କିଏ
କେଉଁ ଆଡୁ କିଏ ମାଇଲା ବାଣ
ଶିଶୁପାଳ ହେଲେ ନରିଆ ଭାଇ
ବେଦୀରୁ ଉଠିଲେ ବିଧାଟେ ଖାଇ।

——— ଟୁଟୁ

## ପିଆଜ ଦେଖିଲେ କାନ୍ଦ ଲାଗୁଛି



**ଭୁବନେଶ୍ୱର :** ଏବେ ବଜାରରେ ପିଆଜ ଦରରେ ଆଉ ହାତ ମାରି ହେଉନି। ଗୋଟିଏ ସପ୍ତାହ ମଧ୍ୟରେ ପିଆଜ ଦର ହୁ ହୁ ହୋଇ ବଢ଼ିଚାଲିଛି। କିଛିଦିନ ତଳେ କିଲୋ ପ୍ରତି ୩୦ ଟଙ୍କା ଥିବା ପିଆଜ ଏବେ ୭୦ ଟପିଲାଣି। ତେଣୁ ପିଆଜକୁ କିଣିବାକୁ ଯାଉଥିବା ଗ୍ରାହକ କିଏ ଦୂରରୁ ଥାଇ ପିଆଜକୁ ଦେଖିଦେଉଛି ତ କିଏ ବିଲକୁଲ ଅନାଉନି। ବଜାରକୁ ଯିବା ମାତ୍ରେ ପ୍ରଥମେ ପରିବା ବ୍ୟାଗରେ ପିଆଜ ପଶୁଥିଲା ବେଳେ ଏବେ କିନ୍ତୁ ଶେଷକୁ ରହୁଛି ପିଆଜ ତାଲିକା। ବଡ଼ ଦୋକାନୀଙ୍କ ଠାରୁ ଆରମ୍ଭ କରି ଖୁଚୁରା ବ୍ୟବସାୟୀ ପର୍ଯ୍ୟନ୍ତ ସବୁଠି ୭୦ ପାର। ବଜାରରେ ୭୦ ଟଙ୍କା ତଳକୁ ଆଉ ପିଆଜ ମିଳୁନି। ପିଆଜର ଏପରି ହଠାତ୍ ଦର ବୃଦ୍ଧି ନେଇ ଚିନ୍ତାରେ ପଡିଗଲେଣି ଖାଉଟି। ରୋଷେଇ ଘରୁ ଉଭାନ ହେଇଯିବନି ତ ପିଆଜ ଏପରି ଚିନ୍ତା ଖାଉଟିଙ୍କୁ ଘାରୁଛି। ଆମିଷ ରୋଷେଇରେ ପିଆଜ ନହେଲେ ନଚଳେ, ➤ ପୃ-୬

### ଚମକିବ ଚିଲିକା
## ଚାଲିବ ସୌରଶକ୍ତି ଚାଳିତ ମୋଟର ବୋଟ୍



**ଭୁବନେଶ୍ୱର:** ରୂପାନ୍ତର ପଥେ ଓଡ଼ିଶା। ଆହୁରି ରୂପବତୀ ହେବ ଚିଲିକା। ଚିଲିକାରେ ଚାଲୁଥିବା ଡିଜେଲ ମୋଟର ବୋଟ୍ ହଟାଇ ସୌରଶକ୍ତି ଚାଳିତ ମୋଟର ବୋଟ ଚାଲିବ। ଚିଲିକାର ଜୈବବିବିଧତା ଓ ଶବ୍ଦ ପ୍ରଦୂଷଣକୁ ହ୍ରାସ କରିବାକୁ ରାଜ୍ୟ ସରକାର ଏହି ଅଭିନବ ପଦକ୍ଷେପ ନେବାକୁ ଯାଉଛନ୍ତି। ଶକ୍ତି ବିଭାଗ ଅଧୀନରେ ଥିବା ଓରେଡ଼ା ପକ୍ଷରୁ ପ୍ରସ୍ତୁତ ହୋଇଛି ମାଷ୍ଟର୍ ପ୍ଲାନ୍। ପ୍ରାଥମିକ ପର୍ଯ୍ୟାୟରେ ପାଇଲଟ ପ୍ରକଳ୍ପ ଭାବେ ୧୦୦ଟି ସୌରଶକ୍ତି ଚାଳିତ ମୋଟର ବୋଟ ପ୍ରଦାନ କରାଯିବ। ଯାହାକୁ ସ୍ୱାଗତ କରିଛି ପର୍ଯ୍ୟଟନ ଶିଳ୍ପ। ଆହୁରି ସୁନ୍ଦରୀ ହେବ ଚିଲିକା। ପ୍ରାକୃତିକ ସୌନ୍ଦର୍ଯ୍ୟ ରହିବ ଅକ୍ଷୁର୍ଣ୍ଣ। ଜୈବ ବିବିଧତା ରହିବ ବଜାୟ। ଶବ୍ଦ ପ୍ରଦୂଷଣ ହେବ ଶୂନ। ଏଣିକି ନୀଳ ଜଳରାଶିରେ ଚାଲିବନି ଡିଜେଲ ଚାଳିତ ମୋଟର ବୋଟ। ତା ବଦଳରେ ଚିଲିକା ବକ୍ଷରେ ଚାଲିବ ସୌରଶକ୍ତି ଚାଳିତ ମୋଟର ବୋଟ୍। ଶକ୍ତି ବିଭାଗ ଅଧୀନରେ ଥିବା ଓଡ଼ିଶା ରିନିଓ୍ୱେବଲ୍ ଡେଭଲପମେଣ୍ଟ ଏଜେନ୍ସି ବା ଓରେଡା ପ୍ରସ୍ତୁତ କରିଛି ମାଷ୍ଟର ପ୍ଲାନ୍। ମାଷ୍ଟର ପ୍ଲାନ୍ ଅନୁଯାୟୀ ଓରେଡା ଚିଲିକାରେ ପାଇଲଟ ପ୍ରକଳ୍ପ ଭାବେ ୧୦୦ଟି ସୌରଶକ୍ତି ଚାଳିତ ମୋଟର ବୋଟ୍ ଯୋଗାଇ ଦେବ। ➤ ପୃ-୬

### ଡିଜିଟାଲ ପେମେଣ୍ଟ ସିଷ୍ଟମରେ ଭାରତ ବିଶ୍ୱରେ ଅଗ୍ରଣୀ
## ୟୁପିଆଇ ମାଧ୍ୟମରେ ବାର୍ଷିକ କାରବାର ସଂଖ୍ୟା ୪୦%ରୁ ଅଧିକ




**ନୂଆଦିଲ୍ଲୀ, (ପିଆଇବି):** ଭାରତର କୌଣସି ଉଦ୍ଭାବନ ଏବେ ଯଦି ସମଗ୍ର ବିଶ୍ୱରେ ଦୃଷ୍ଟି ଆକର୍ଷଣ କରିଥାଏ ତାହା ନିଃସନ୍ଦେହରେ ୟୁପିଆଇ ବା ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍। ସମ୍ପ୍ରତି ଭାରତର ୪୦%ରୁ ଅଧିକ ଆର୍ଥିକ ଦେଣନେଣ ଡିଜିଟାଲ ମାଧ୍ୟମରେ ହେଉଛି। ସେଥିରୁ ଅଧିକାଂଶ କାରବାର ୟୁପିଆଇ ମାଧ୍ୟମରେ କରାଯାଉଛି। ଦେଶର ୩୦ କୋଟି ବ୍ୟକ୍ତି ବିଶେଷ ଓ ୫କୋଟିରୁ ଅଧିକ ବ୍ୟବସାୟୀ ୟୁପିଆଇ ବ୍ୟବହାର କରୁଛନ୍ତି। ରାସ୍ତାକଡର ଉଠାଦୋକାନଠାରୁ ଆରମ୍ଭ କରି ବୃହତ୍ ସପିଂ ମଲ୍ ପର୍ଯ୍ୟନ୍ତ ସମସ୍ତେ ଏବେ ୟୁପିଆଇ ବ୍ୟବହାର କରୁଛନ୍ତି। ବିଶ୍ୱର ସବୁ ଦେଶ ମଧ୍ୟରୁ ଭାରତରେ ଡିଜିଟାଲ କାରବାର ସଂଖ୍ୟା ସର୍ବାଧିକ। ୨୦୨୨ ତଥ୍ୟ ଅନୁସାରେ ଭାରତରେ ମୋଟ ଦେଣନେଣର ୪୬ ଶତାଂଶ ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ହୁଏ। ଭାରତ ପରେ ଏ କ୍ଷେତ୍ରରେ କ୍ରମଗତ ଭାବେ ପଛକୁ ପଛ ରହିଛନ୍ତି ବ୍ରାଜିଲ, ଚୀନ, ଥାଇଲାଣ୍ଡ ଓ ଦକ୍ଷିଣ କୋରିଆ। ୨୦୧୬ରେ ଭାରତରେ ମାତ୍ର ୧୦ଲକ୍ଷ ଡିଜିଟାଲ ଟ୍ରାଞ୍ଜାକସନ ହୋଇଥିବାବେଳେ ଏବେ ୟୁପିଆଇ ମାଧ୍ୟମରେ କାରବାର ସଂଖ୍ୟା ୧୦ବିଲିୟନ ବା ୧୦୦୦ କୋଟି ଅତିକ୍ରମ କରିଛି। ୟୁପିଆଇ ଯେଉଁ ସବୁଠୁ ବଡ ପରିବର୍ତ୍ତନ ଆଣିଛି ସେଇଟି ହେଲା ଭାରତୀୟମାନେ ଏହାର ବ୍ୟବହାର କରୁଥିବା ଢଙ୍ଗ ବା ଶୈଳୀ। ବୈଶ୍ୱିକ ଡାଟା ରିସର୍ଚ୍ଚର ତଥ୍ୟ ଅନୁସାରେ ୨୦୧୭ରେ ଭାରତରେ ନଗଦ ଅର୍ଥ କାରବାର ମୋଟ କାରବାରର ୯୦ ଶତାଂଶରୁ ହ୍ରାସ ପାଇ ୬୦ ଶତାଂଶରେ ପହଁଚି ଥିଲା। ଏହାର ଛ’ ମାସ ମଧ୍ୟରେ ୫୦୦ ଓ ୧୦୦୦ଟଙ୍କିଆ ନୋଟ୍ ପ୍ରତ୍ୟାହୃତ ହେବା ପରେ ୟୁପିଆଇର ମୋଟ କାରବାର ପରିମାଣ ୨.୯ ନିୟୁତରୁ ୭୨ ନିୟୁତକୁ ବୃଦ୍ଧି ପାଇଥିଲା। ୨୦୧୭ ଶେଷ ସୁଦ୍ଧା ୟୁପିଆଇ ଟ୍ରାଞ୍ଜାକସନ୍ ତା’ ପୂର୍ବବର୍ଷ ତୁଳନାରେ ୯୦୦ ଶତାଂଶ ବଢିଥିଲା। ସେବେଠାରୁ ଭାରତରେ ୟୁପିଆଇ ଟ୍ରାଞ୍ଜାକସନ କାରବାର ହାର ବଢିବାରେ ଲାଗିଛି। ୟୁପିଆଇ ଅତ୍ୟନ୍ତ ବ୍ୟବହାର ଅନୁକୂଳ। ଏହାକୁ ବ୍ୟବହାର କରିବା ଏତେ ସହଜ ଯେ ଯାହା ବିଶ୍ୱାସ କରିବା କଷ୍ଟ। ଏକ ଭର୍ଚୁଆଲ ପେମେଣ୍ଟ ଆଡ୍ରେସ (ଭିପିଏ) ବ୍ୟବହାର କରି ବ୍ୟବହାରକାରୀ ୟୁପିଏ ମାଧ୍ୟମରେ ଅର୍ଥ ପ୍ରେରଣ କରିପାରିବେ। ଏହି ବ୍ୟବସ୍ଥାରେ ପ୍ରେରକଙ୍କୁ ନିଜର ସମ୍ବେଦନଶୀଳ ବ୍ୟାଙ୍କ ତଥ୍ୟାବଳୀ ଦେବାର ଆବଶ୍ୟକତା ନାହିଁ। ଏହି ପ୍ରକ୍ରିୟାଟି ସ୍ମାର୍ଟଫୋନରେ ‘ଟେକ୍ସଡ ମେସେଜ୍’ ପଠାଇବା ଭଳି ଅତି ସହଜ। ଏହାର ପ୍ରଭାବ କେତେ ଅଧିକ ତାହାକୁ କଳନା କରିବା କଷ୍ଟ। ଏହା ମାଧ୍ୟମରେ ଲୋକଙ୍କ ଆର୍ଥିକ ସମାବେଶୀତା ବଢ଼ୁଛି, ଆର୍ଥିକ କାରବାରରେ ସ୍ୱଚ୍ଛତା ରକ୍ଷା ହେଉଛି ଓ ଅଣଆନୁଷ୍ଠାନିକ ଅର୍ଥନୀତିର ଆକାର ହ୍ରାସ ପାଉଛି। ୟୁପିଆଇ ଅଭିବୃଦ୍ଧି ଯୋଗୁଁ ନଗଦ କାରବାର ପରିମାଣ କେବଳ ହ୍ରାସ ପାଇନାହିଁ, ଏହା ମଧ ଅନ୍ୟାନ୍ୟ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ଚାହିଦା ହ୍ରାସ କରିଛି। ଉଦାହରଣ ସ୍ୱରୂପ ମର୍ଚ୍ଚାଣ୍ଟ ପେମେଣ୍ଟ ପାଇଁ ଡେବିଟ କାର୍ଡର ବ୍ୟବହାର ବର୍ଷକୁ ବର୍ଷ ହ୍ରାସ ପାଇବାରେ ଲାଗିଛି। ୟୁପିଆଇ ମଧ ପ୍ରିପେଡ ୱାଲେଟର ଏବେକାର ଆକ୍ସେସ ଶୈଳୀକୁ ବଦଳାଇ ଦେଇଛି। ୟୁପିଆଇ ଦିନକୁ ଦିନ ବିକଶିତ ଓ ଉନ୍ନତ ହେଉଥିବାରୁ ଏବଂ ଏଥିରେ ଇନୋଭେସନ ଅଣାଯାଉଥିବାରୁ ଏହା ଭାରତର ଡିଜିଟାଲ ଭବିଷ୍ୟତକୁ ନୂଆ ରୂପ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପ୍ରାୟ ନିଶ୍ଚିତ। ଡିଜିଟାଲ ପେମେଣ୍ଟ ସିଷ୍ଟମର ସଫଳତା କିନ୍ତୁ ଡିଜିଟାଲ ପେଣ୍ଟେ ଭିତ୍ତିଭୂମିର ବ୍ୟାପକତା ଓ ଦୃଢତା ଉପରେ ନିର୍ଭର କରେ ନାହିଁ। ଏହାର ବହୁଳ ବ୍ୟବହାର ହିଁ ଏହାକୁ ସଫଳ କରାଏ। ଲୋକେ ଯେତେ ଉତ୍ସାହିତ ହୋଇ ଏହି ଡିଜିଟାଲ କାରବାର ମାଧ୍ୟମକୁ ଗ୍ରହଣ କରିବେ। ତାହା ସେତେ ସଫଳ ହେବ। ଏହା ଅବଶ୍ୟ ସତ୍ୟ ଯେ ଉତ୍ତମ ଭିତ୍ତିଭୂମି ଓ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
କାର୍ଯ୍ୟକ୍ଷେତ୍ରରେ ସହଯୋଗ ମିଳିବ। ବ୍ୟବସାୟରେ ଲାଭ ବୃଦ୍ଧି ହେବ। କ୍ରୋଧରେ ନିୟନ୍ତ୍ରଣ ରଖନ୍ତୁ। ଛାତ୍ରଙ୍କ ପାଇଁ ସମୟ ଅନୁକୂଳ। ମତାନ୍ତର ଯୋଗ ଅଛି। ସ୍ୱାସ୍ଥ୍ୟର ଧ୍ୟାନ ରଖନ୍ତୁ। ଶୁଭ ତାରିଖ ୨,୪, ଭାଗ୍ୟଫଳ-୮୦%। ପ୍ରତିକାର : ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**ବୃଷ**
ରୋକିଥିବା କାର୍ଯ୍ୟର ସମାଧାନ ମିଳିବ। ପଦୋନ୍ନତି ହୋଇପାରେ। ବ୍ୟବସାୟରେ ଅର୍ଥ ବିନିଯୋଗ ବିଚାର କରି କରନ୍ତୁ। ଉଧାର ଦିଅନ୍ତୁ ନାହିଁ। ପ୍ରେମରେ ଭୁଲ ବୁଝାମଣା ହୋଇପାରେ। ପେଟରେ ସମସ୍ୟା ହୋଇପାରେ। ଶୁଭ ତାରିଖ ୩୦,୪, ଭାଗ୍ୟଫଳ-୬୦%। ପ୍ରତିକାର : ଦରିଦ୍ରଙ୍କୁ ସାହାଯ୍ୟ କରନ୍ତୁ।

**ମିଥୁନ**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ବ୍ୟବସାୟରେ ଆର୍ଥିକ ସମସ୍ୟା ଦୂର ହେବ। ଯାନବାହନ କ୍ରୟ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ଶୁଭ ତାରିଖ ୧, ୨, ଭାଗ୍ୟଫଳ-୬୦%। ପ୍ରତିକାର : ଭଗବାନ ଗଣେଶଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**କର୍କଟ**
ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହୋଇପାରେ। ଆୟର ନୂଆ ଦିଗ ପାଇବେ। ପାଠରୁ ଛାତ୍ରଙ୍କ ମନ ହଜି ଯାଇପାରେ। ପରିବାର ମଧ୍ୟରେ ବିବାଦ ହୋଇପାରେ। ପ୍ରେମ ସମ୍ବନ୍ଧ ମଜବୁତ ହେବ। ଶୁଭ ତାରିଖ ୧, ୩, ୫, ଭାଗ୍ୟଫଳ-୯୦%। ପ୍ରତିକାର : ଗୁରୁବାର ଦିନ ହଳଦିଆ ବସ୍ତୁ ଦାନ କରନ୍ତୁ।

**ସିଂହ**
ପୁରୁଣା ରୋଗରେ ପୀଡିତ ହୋଇପାରନ୍ତି। ପରିବାରରେ ଶାନ୍ତିର ପରିବେଶ ରହିବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ବ୍ୟୟରେ ଲଗାମ ଦିଅନ୍ତୁ। ଦମ୍ପତିମାନେ ଭଲ ସମୟ କଟାଇବେ। ଶୁଭ ତାରିଖ ୩୦, ୨, ଭାଗ୍ୟଫଳ-୮୦%। ପ୍ରତିକାର : ହନୁମାନଙ୍କୁ ଦର୍ଶନ କରନ୍ତୁ।

**କନ୍ୟା**
ଶର୍ଦ୍ଦି ଓ ଥଣ୍ଡାରେ ପୀଡିତ ହୋଇପାରନ୍ତି। ମନର ଇଚ୍ଛା ପୂରଣ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର କଥାରେ ପଡନ୍ତୁ ନାହିଁ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଛାତ୍ରମାନେ ସଫଳ ହେବେ। ବିବାହ ପ୍ରସ୍ତାବ ଆସିପାରେ। ଶୁଭ ତାରିଖ ୩୦, ୩, ୪, ଭାଗ୍ୟଫଳ : ୭୦%। ପ୍ରତିକାର : ସଂଧ୍ୟାରେ ଠାକୁରଙ୍କ ଆଗରେ ଦୀପ ଜାଳନ୍ତୁ।

**ତୁଳା**
ସ୍ୱାସ୍ଥ୍ୟରେ ବିଶେଷ ପରିବର୍ତ୍ତନ ହେବ। ବ୍ୟବସାୟରେ ସଂଘର୍ଷ କରିବେ। ଚାକିରୀରେ ପରିବର୍ତ୍ତନ ପାଇଁ ସମୟ ଅନୁକୂଳ। ଛାତ୍ରମାନେ ସମୟ ନଷ୍ଟ କରନ୍ତୁ ନାହିଁ। ଦମ୍ପତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ। ଶୁଭ ତାରିଖ ୧, ୫, ଭାଗ୍ୟଫଳ : ୭୦%। ପ୍ରତିକାର : ଭଗବାନ ଶିବଙ୍କୁ ଜଳ ଚଢ଼ାନ୍ତୁ।

**ବିଛା**
ଗୁରୁଜନଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। କ୍ରୋଧରେ ନିୟନ୍ତ୍ରଣ ରଖନ୍ତୁ। ମନ ଦୃଢ଼ ରହିବ। ବ୍ୟୟରେ ବୃଦ୍ଧି ହୋଇପାରେ। ପୁରୁଣା ବନ୍ଧୁଙ୍କ ସାକ୍ଷାତ ହୋଇପାରେ। ପରିବାରରେ ଶାନ୍ତି ରହିବ। ଶୁଭ ତାରିଖ ୩୦, ୨, ୩, ଭାଗ୍ୟଫଳ : ୬୦%। ପ୍ରତିକାର : ଶନିବାର ଦିନ କାଉଙ୍କୁ ରୁଟି ଖୁଆନ୍ତୁ।

**ଧନୁ**
ଦୁର୍ଘଟଣାର ସମ୍ଭାବନା ଅଛି। ମାନ୍ଦା ବ୍ୟବସାୟ ପାଇଁ ମନ ଅସ୍ଥିର ରହିପାରେ। ନୂଆ ଚାକିରି ମିଳିପାରେ। ଉଧାର ପଇସା ଫେରନ୍ତ ପାଇପାରନ୍ତି। ବ୍ୟସ୍ତତା ପରି ପରିବାରକୁ ସମୟ ଦେଇପାରିବେନାହିଁ। ଶୁଭ ତାରିଖ ୧, ୨, ୪, ଭାଗ୍ୟଫଳ : ୭୦%। ପ୍ରତିକାର : ବେଲ ଗଛକୁ ପୂଜା କରନ୍ତୁ।

**ମକର**
ସ୍ୱାସ୍ଥ୍ୟରେ ସାମାନ୍ୟ ଅବନତି ହେବ। ପରିଶ୍ରମର ଫଳ ପାଇବେ। ନୂଆ ଚାକିରି ପାଇଁ ସମସ୍ୟାର ସମ୍ମୁଖୀନ ହେବେ। ଚିନ୍ତିତ ରହିପାରନ୍ତି। ଶୁଭ ତାରିଖ ୩, ୪, ଭାଗ୍ୟଫଳ : ୬୦%। ପ୍ରତିକାର : କେଶର ତିଳକ ଲଗାଇ ଘରୁ ବାହାରକୁ ଯାଆନ୍ତୁ।

**କୁମ୍ଭ**
ଅଧିକ ପରିଶ୍ରମ ପାଇଁ ଥକି ଯିବେ। ରୋଜଗାରର ସମସ୍ତ ପ୍ରତିବନ୍ଧକ ଦୂର ହେବ। ବିଦେଶରୁ ଆର୍ଥିକ ଲାଭ ଯୋଗ ଅଛି। ପ୍ରେମରେ ସତର୍କ ରହନ୍ତୁ ସମସ୍ୟା ହୋଇପାରେ। ବାଣୀରେ ଲଗାମ ଦିଅନ୍ତୁ। ଶୁଭ ତାରିଖ ୨, ୫, ଭାଗ୍ୟଫଳ : ୭୦%। ପ୍ରତିକାର : ପୂର୍ବ ପୁରୁଷଙ୍କ ପାଇଁ ଦାନ ଧର୍ମ କରନ୍ତୁ।

**ମୀନ**
ମାଂସପେଶୀରେ କଷ୍ଟ ହୋଇପାରେ। ଅଚାନକ ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ସମ୍ପତ୍ତି କିଣାବିକା ନିଷ୍ପତ୍ତି ନେଇପାରନ୍ତି। ପରିବାରରେ ତୃତୀୟ ବ୍ୟକ୍ତି ହସ୍ତକ୍ଷେପ କରିପାରନ୍ତି। ଶୁଭ ତାରିଖ ୧, ୩, ୫, ଭାଗ୍ୟଫଳ : ୮୦%। ପ୍ରତିକାର : କଳା କୁକୁରକୁ ଖାଇବାକୁ ଦିଅନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କମୁଛି ଭୂତଳ ଜଳ; ବଢ଼ିଲା ଭାରତର ଚିନ୍ତା




**ନୂଆଦିଲ୍ଲୀ :** ଭାରତରେ ଭୂତଳ ଜଳ ହ୍ରାସକୁ ନେଇ ଚେତାବନୀ ଦେଲା ଜାତିସଙ୍ଘ। ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ୨୦୨୫ ସୁଦ୍ଧା ଭୂତଳ ଜଳ ଗୁରୁତର ଭାବେ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରିଛି ଜାତିସଙ୍ଘର ଏକ ରିପୋର୍ଟ। ଭାରତର ଇଣ୍ଡୋ-ଗାଙ୍ଗେଟିକ୍‌ର କେତେକ ଅଞ୍ଚଳରେ ଭୂତଳ ଜଳ ହ୍ରାସ ପାଇବାର ବିପଦ ସଙ୍କେତର ଟିପିଂ ପଏଣ୍ଟ ଅତିକ୍ରମ କରିସାରିଛି। ଯାହା ଏବେ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି। ଜାତିସଙ୍ଘ ଅଧୀନରେ ଥିବା ଏକ ବିଶ୍ୱବିଦ୍ୟାଳୟ, ପରିବେଶ ଏବଂ ମାନବ ସୁରକ୍ଷା ଅନୁଷ୍ଠାନ ଦ୍ୱାରା 'ଇଣ୍ଟର-କନେକ୍ଟେଡ ଡିଜାଷ୍ଟର ରିସ୍କ ରିପୋର୍ଟ ୨୦୨୩' ଶୀର୍ଷକରେ ପ୍ରକାଶ ପାଇଛି ଏହି ତଥ୍ୟ। ତେବେ ଏହି ରିପୋର୍ଟରେ ପ୍ରକାଶ ପାଇଛି ଯେ ବିଶ୍ୱ ଛଅଟି ଜଳବାୟୁ ପରିବର୍ତ୍ତନ ବିନ୍ଦୁ ବା ଟିପିଂ ପଏଣ୍ଟର ନିକଟତର ହେଉଛି। ସେଗୁଡ଼ିକ ହେଲା, ବିଲୁପ୍ତିକୁ ତ୍ୱରାନ୍ୱିତ କରିବା, ଭୂତଳ ଜଳ ହ୍ରାସ, ପାର୍ବତ୍ୟ ହିମଖଣ୍ଡ ତରଳିବା, ଅନ୍ତରୀକ୍ଷ ଭଗ୍ନାବଶେଷ, ଅସହ୍ୟ ଉତ୍ତାପ ଏବଂ ଏକ ବୀମା ବିହୀନ ଭବିଷ୍ୟତ। ପୃଥିବୀ ପ୍ରଣାଳୀରେ ପରିବେଶ ପରିବର୍ତ୍ତନ ବିନ୍ଦୁ ବା ଟିପିଂ ପଏଣ୍ଟ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସୀମା। ଯଦି ଜଳବାୟୁ ପରିବର୍ତ୍ତନର ସୀମା, ଟିପିଂ ପଏଣ୍ଟ ଅତିକ୍ରମ କରେ ତେବେ ସେହି ଜଳବାୟୁ ପରିବର୍ତ୍ତନରୁ ପୃଥିବୀକୁ ରକ୍ଷା କରିବା ଅସମ୍ଭବ ହୋଇପାରେ। ତାହା ଆକସ୍ମିକ ଏବଂ ଅନେକ ସମୟରେ ଅପୂରଣୀୟ ପରିବର୍ତ୍ତନ ଘଟିପାରେ। ଯାହା ପୃଥିବୀକୁ ଅତ୍ୟନ୍ତ ବିପର୍ଯ୍ୟସ୍ତ ଜଳବାୟୁ ପରିବର୍ତ୍ତନ ଆଡ଼କୁ ନେଇଯାଇପାରେ। ବିଶ୍ୱରେ ପ୍ରାୟ ୭୦ ପ୍ରତିଶତ ଭୂତଳ ଜଳ କୃଷିକାର୍ଯ୍ୟ ପାଇଁ ବ୍ୟବହୃତ ହୋଇଥାଏ। ଗ୍ରୀଷ୍ମ ଋତୁରେ ଯେତେବେଳେ ଜଳଭଣ୍ଡାର ଗୁଡ଼ିକରେ ଜଳ ସ୍ତର କମିଯାଏ ସେତେବେଳେ ମରୁଡ଼ି ଯୋଗୁ ହେଉଥିବା କୃଷି କ୍ଷତିକୁ ହ୍ରାସ କରିବାରେ ଭୂତଳ ଜଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏହି ଜଳବାୟୁ ପରିବର୍ତ୍ତନ ଯୋଗୁ ଏହା ଆହୁରି ବିଗିଡ଼ିବାର ଆଶଙ୍କା ରହିଛି। ତେବେ ଏହି ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଭୂତଳ ଜଳ ସ୍ତର ଟିପିଂ ପଏଣ୍ଟର ନିକଟତର ହେବାର ଲାଗିଛି। ବିଶ୍ୱର ଅଧାରୁ ଅଧିକ ପ୍ରମୁଖ ଭୂତଳ ଜଳର ଭୂଖଣ୍ଡିତ ସ୍ଥଳ ପ୍ରାକୃତିକ ଭାବେ ଯେତିକି ଶୀଘ୍ର ଭରଣା ହେବାକଥା, ତା'ଠାରୁ ଅଧିକ ଗତିରେ କମିବାରେ ଲାଗିଛି। ଏହା ଭବିଷ୍ୟତରେ କୃଷିକାର୍ଯ୍ୟ ଉପରେ ଗୁରୁତର ପ୍ରଵାହ ପକାଇବ ସହ ସମଗ୍ର ଖାଦ୍ୟ ଉତ୍ପାଦନ ପ୍ରଣାଳୀ ପାଇଁ ଏକ ବିପଦ ସୃଷ୍ଟି କରିପାରେ। ସେହିଭଳି ସାଉଦି ଆରବ ପରି କେତେକ ଦେଶ ଭୂତଳ ଜଳର ବିପଦ ସଙ୍କେତର ଟିପିଂ ପଏଣ୍ଟ ଅତିକ୍ରମ କରିସାରିଥିବାବେଳେ ଭାରତ ସମେତ ଅନ୍ୟ ଦେଶ ଏହାଠାରୁ ବେଶି ଦୂରରେ ନାହାଁନ୍ତି। ସେହିଭଳି ୧୪୦ କୋଟି ଭାରତୀୟଙ୍କ ପାଇଁ ରୁଟି ବାସ୍କେଟ ଭାବରେ କାର୍ଯ୍ୟକରେ ଭାରତର ଉତ୍ତର-ପଶ୍ଚିମାଞ୍ଚଳ ରାଜ୍ୟ ଯେଉଁଳି ପଞ୍ଜାବ ଏବଂ ହରିୟାଣା। ଯାହା ଦେଶର ଚାଉଳ ଯୋଗାଣର ୫୦ ପ୍ରତିଶତ ଏବଂ ଗହମ ଯୋଗାଣର ୮୫ ପ୍ରତିଶତ ଉତ୍ପାଦନ କରିଥାଏ। ତେବେ ଚିନ୍ତାର ବିଷୟ ଏହାକି ପଞ୍ଜାବରେ ୭୮ ପ୍ରତିଶତ ଭୂତଳ କୂଅରେ ଜଳ ସ୍ତର ହ୍ରାସ ପାଇବାରେ ଲାଗିଛି। ଯାହା ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ୨୦୨୫ ସୁଦ୍ଧା ଭୂତଳ ଜଳ ଗୁରୁତର ଭାବେ ହ୍ରାସ ପାଇବ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଜାତିସଙ୍ଘ ବିଶ୍ୱବିଦ୍ୟାଳୟ ଓ ପରିବେଶ ଏବଂ ମାନବ ସୁରକ୍ଷା ଅନୁଷ୍ଠାନରମୁଖ୍ୟ ଲେଖକ ତଥା ବରିଷ୍ଠ ବିଶେଷଜ୍ଞ ଜ୍ୟାକ୍ ଓ'କନର କହିଛନ୍ତି, 'ଯେତେବେଳ ଆମେ ଏହି ଟିପିଂ ପଏଣ୍ଟର ନିକଟତର ହେବା, ସେତେବେଳ ଆମେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ନେଇ ଅନୁଭବ କରିପାରିବା। ଥରେ ଟିପିଂ ପଏଣ୍ଟ ଅତିକ୍ରମ କଲେ ପୃଥିବୀକୁ ପଛକୁ ଫେରାଇବା କଷ୍ଟକର ହୋଇପଡ଼ିବ। ତେବେ ଏହି ରିପୋର୍ଟ ଆମକୁ ଭବିଷ୍ୟତର ବିପଦ ଓ ଏହା ପଛରେ ଥିବା କାରଣ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ଜରୁରୀ ପଦକ୍ଷପ ନେବାରେ ସାହାଯ୍ୟ କରିବ।'

# ଜାନୁଆରୀ ୨୨ରେ ରାମ ମନ୍ଦିର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ




**ଲକ୍ଷ୍ନୌ:** ଅଯୋଧ୍ୟାରେ ନିର୍ମାଣାଧୀନ ଶ୍ରୀରାମ ମନ୍ଦିରର ପ୍ରତିଷ୍ଠାର ତାରିଖ ଓ ସମୟ ଘୋଷଣା କରାଯାଇଛି। ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ନବ ନିର୍ମିତ ରାମ ମନ୍ଦିରର ଗର୍ଭଗୃହରେ ରାମଲାଲା ବିରାଜମାନ କରିବେ। ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ଦିନ ୧୨.୩୦ରେ ଶୁଭାରମ୍ଭ ହେବ। ଏହି ସୂଚନା ଦେଇଛନ୍ତି ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ। ସେ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଏହି ସମାରୋହରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମତି ପ୍ରକାଶ କରିଛନ୍ତି। ରାମ ଜନ୍ମଭୂମି ନିର୍ମାଣ କମିଟିର ସଦସ୍ୟ ମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏହି ପବିତ୍ର ସମାରୋହରେ ସାମିଲ ହେବାକୁ ନିମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମଧ କମିଟିର ସଦସ୍ୟମାନଙ୍କର ଅନୁରୋଧ ସ୍ୱିକାର କରିଛନ୍ତି। ତେବେ ଚମ୍ପତ ରାୟ, ନୃପେନ୍ଦ୍ର ମିଶ୍ର, ଗୋବିନ୍ଦ ଗିରିଙ୍କ ସମେତ ଟ୍ରଷ୍ଟର ଅଉ ଚାରି ଜଣ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ନିମନ୍ତ୍ରଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି ଏକ୍ସ (ପୂର୍ବ ଟ୍ୱିଟର)ରେ ମୋଦୀ ଲେଖିଛନ୍ତି ଯେ, ମୋର ସୌଭାଗ୍ୟ ଯେ, ମୁଁ ଏଭଳି ଐତିହାସିକ ସମାରୋହରେ ସାମିଲ ହେବି। ଏଥିପାଇଁ ମୁଁ ନିଜକୁ ଧନ୍ୟ ମନେକରୁଥିବା ଲେଖିଛନ୍ତି ମୋଦୀ। ଏହାସହ ସେ କମିଟିର ସଦସ୍ୟମାନଙ୍କ ସହ ଉଠାଇଥିବା ଫଟୋକୁ ମଧ୍ୟ ଅପଲୋଡ କରିଛନ୍ତି। ଶ୍ରୀରାମ ଜନ୍ମଭୂମୀ କମିଟିର ସଦସ୍ୟ କହିଛନ୍ତି ଯେ, ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ପ୍ରଭୁ ଶ୍ରୀ ରାମଲାଲାଙ୍କ ଶ୍ରୀ ବିଗ୍ରହର ପ୍ରାଣ ପ୍ରତିଷ୍ଠା ୨୨ ଜାନୁଆରୀ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିବେ। ଏହା ପୂର୍ବରୁ ୫ ଅଗଷ୍ଟ ୨୦୨୦ରେ ପ୍ରଧାନମନ୍ତ୍ରୀ ମୋଦୀ ଅଯୋଧ୍ୟାରେ ରାମ ମନ୍ଦିରର ଆଧାରଶୀଳା ରଖିଥିଲେ। ତେବେ ରାମଲାଲାଙ୍କୁ ମନ୍ଦିରର ଗର୍ଭଗୃହରେ ସ୍ଥାପନା ସମାରୋହରେ ମନ୍ଦିର ପରିସରରେ ପ୍ରବେଶ ପାଇଁ ପ୍ରାୟ ୧୦ ହଜାର ଲୋକଙ୍କୁ ଅନୁମତି ଦିଆଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

## ଶୀତ ଋତୁରେ ବଢ଼ିବ ବିମାନ ଭଡ଼ା



**ନୂଆଦିଲ୍ଲୀ :** ଚଳିତବର୍ଷ ଶୀତ ଋତୁରେ ବିମାନ ଚଳାଚଳ ବୃଦ୍ଧି ପାଇବ। ଏହି ସମୟରେ ଗତବର୍ଷ ଅପେକ୍ଷା ଚଳିତବର୍ଷ ୮ ପ୍ରତିଶତ ବିମାନ ଚଳାଚଳ ବଢ଼ିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଜାରି ଏକ ସୂଚନାରେ କୁହାଯାଇଛି। ଗୋ ଫାଷ୍ଟ ବିମାନ ଉଡ଼ାଣ ବନ୍ଦ କରିବା ସତ୍ତ୍ୱେ ବି ବିମାନ ଉଡ଼ାଣ ୮ ପ୍ରତିଶତ ବଢ଼ିବ ବୋଲି କୁହାଯାଉଛି। ଭାରତୀୟ ବେସାମରିକ ବିମାନ ଚଳାଚଳରେ ୭ ପ୍ରତିଶତ ଭାଗ ଗୋ ଫାଷ୍ଟର ବିମାନର ରହୁଥିଲା। ହେଲେ କମ୍ପାନୀ ଚଳିତବର୍ଷ ମେ' ମାସରେ ବିମାନ ସେବା ବନ୍ଦ କରିଦେଇଛି। ଏହା ସତ୍ତ୍ୱେ ବି ଶୀତ ଋତୁରେ ବିମାନ ଚଳାଚଳ ୮ ପ୍ରତିଶତ ବଢ଼ିବ ବୋଲି ଡିଜିସିଏ କହିଛି। ଶୀତକାଳୀନ କାର୍ଯ୍ୟସୂଚୀରେ ପ୍ରତି ସପ୍ତାହରେ ୧୧୮ ବିମାନ ବନ୍ଦରରୁ ୨୩,୭୩୨ ବିମାନ ଉଡ଼ାଣ ଭରିବ। ଯାହା ଗତବର୍ଷ ତୁଳନାରେ ୮ ପ୍ରତିଶତ ଅଧିକ ହେବ। ୨୦୨୨ ଗ୍ରୀଷ୍ମକାଳୀନ କାର୍ଯ୍ୟସୂଚୀରେ ୧୧୦ ବିମାନ ବନ୍ଦରରେ ସପ୍ତାହକୁ ୨୨,୯୦୭ ବିମାନ ବିମାନ ଉଡ଼ାଣ ଭରିଥିଲା। ତେବେ ବିମାନଯାତ୍ରୀଙ୍କ ସଂଖ୍ୟା ବଢୁଥିବାରୁ ବିମାନ ସେବା ବଢ଼ିବ ବୋଲି କୁହାଯାଇଛି। ପ୍ରତିବର୍ଷ ଅକ୍ଟୋବର ୩୦ ତାରିଖରୁ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ ଶୀତକାଳୀନ କାର୍ଯ୍ୟସୂଚୀ ଚାଲିଥାଏ। ୧୧୮ ବିମାନ ବନ୍ଦର ମଧ୍ୟରୁ ଭଟିଣ୍ଡା, ଜୈସାଲମାର, ଲୁଧିଆନା, ନଣ୍ଡେଡ, ଶିଭମୋଗା, ସାଲେମ, ଉକହ୍ଲୋ, ହିଣ୍ଡନ ଏବଂ ଜାଇରୋ ହେଉଛି ନୂତନ ବିମାନବନ୍ଦର। ଶୀତକାଳୀନ କାର୍ଯ୍ୟସୂଚୀ ୨୦୨୩ ପାଇଁ ଏହି ବିମାନବନ୍ଦରରୁ ଉଡ଼ାଣ ଭରିବାକୁ ପ୍ରସ୍ତାବ ରହିଥିବା ବେଳେ ଗୋନ୍ଦିଆ ବିମାନ ବନ୍ଦରକୁ ଏଥିରୁ ବାଦ୍ ଦିଆଯାଇଛି।


## 'ଚନ୍ଦ୍ରଯାନ-୩' ଅବତରଣ ବେଳେ ଚନ୍ଦ୍ରପୃଷ୍ଠରୁ ୨.୦୬ ଟନ୍ ମାଟି, ପଥର ଘୁଞ୍ଚିଯାଇଥିଲା



**ନୂଆଦିଲ୍ଲୀ:** ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନ-୩ ମିସନର ଲ୍ୟାଣ୍ଡର ବିକ୍ରମ ଗତ ଅଗଷ୍ଟ ୨୩ ତାରିଖରେ ସୂକ୍ଷ୍ମ ଅବତରଣ କରିଥିଲା। ଚନ୍ଦ୍ରର ଦକ୍ଷିଣ ମେରୁରେ ସୂକ୍ଷ୍ମ ଅବତରଣ କରାଇବାରେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ମାଇଲଖୁଣ୍ଟ ହାସଲ କରିଥିଲା। ତେବେ ଲ୍ୟାଣ୍ଡର ଅବତରଣ ସମୟରେ ଚନ୍ଦ୍ରପୃଷ୍ଠର ସେହି ଅଞ୍ଚଳରୁ ପ୍ରାୟ ୨.୦୬ ଟନ୍ ପ୍ରସ୍ତର ଏବଂ ମୃତ୍ତିକା ବିସ୍ଥାପିତ ହୋଇଯାଇଥିଲା। ଇସ୍ରୋ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡର ଅବତରଣ କରିଥିବା ସ୍ଥାନର ନାମ ଭାରତ ଶିବ ଶକ୍ତି ପଏଣ୍ଟ ରଖିଛି। ଚନ୍ଦ୍ରଯାନ-୩ ଲ୍ୟାଣ୍ଡର ମଡ୍ୟୁଲ ଅବତରଣ ସମୟରେ ସେଠାରେ ଥିବା ପଥର, ମୃତ୍ତିକା ଆଦିର ବିସ୍ଥାପନର ଫଟୋକୁ ସଂଗ୍ରହ କରାଯାଇ ବିଶ୍ଳେଷଣ ଏନଆରଏସ୍‌ସି (ନ୍ୟାସନାଲ ରିମୋଟ୍ ସେନ୍ସିଂ ସେଣ୍ଟର) ପକ୍ଷରୁ କରାଯାଇଛି। ଏଥିରୁ ଚନ୍ଦ୍ରପୃଷ୍ଠରେ ରହିଥିବା ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରାୟ ୨.୦୬ ଟନ୍ ଅବତରଣ ସ୍ଥଳରୁ ବିସ୍ଥାପିତ ହୋଇ ୧୦୮.୪ ବର୍ଗମିଟର ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛି। ଚନ୍ଦ୍ରଯାନ-୨ର ଅର୍ବିଟରରେ ଲାଗିଥିବା ହାଇ ରିଜଲ୍ୟୁସନ କ୍ୟାମେରା ଜରିଆରେ ଲ୍ୟାଣ୍ଡର ଅବତରଣର କିଛି ଘଣ୍ଟା ପୂର୍ବରୁ ଏବଂ କିଛି ଘଣ୍ଟା ପରେ ଫଟୋ ଉଠାଯାଇଛି। ଏହାକୁ ବିଶ୍ଳେଷଣ କରିବା ପରେ ଇସ୍ରୋର ବୈଜ୍ଞାନିକମାନେ ଉପରୋକ୍ତ ନିର୍ଯାସରେ ପହଞ୍ଚିଛନ୍ତି। 'ଇଜେକ୍ଟା ହାଲୋ'ର ବିସ୍ତୃତ ବିଶ୍ଳେଷଣ ଜର୍ଣ୍ଣାଲ ଅଫ୍ ଇଣ୍ଡିଆନ୍ ସୋସାଇଟି ଅଫ୍ ରିମୋଟ ସେନ୍ସିଂରେ ବର୍ଣ୍ଣନା କରାଯାଇଛି।

### ଆହ୍ଲାବାଦ ହାଇକୋର୍ଟଙ୍କ ବଡ଼ ରାୟ

## ଲିଭ୍ ଇନ୍ ରିଲେସନସିପ୍ କେବଳ ଟାଇମ୍ ପାସ୍




**ଆହ୍ଲାବାଦ :** ଭିନ୍ନ ଧର୍ମର ଯୁବକ ଓ ଯୁବତୀଙ୍କ ଲିଭ୍ ଇନ୍ ରିଲେସନସିପକୁ କେବଳ ଟାଇମ୍ ପାସ୍ ବୋଲି କହିଛନ୍ତି ଆହ୍ଲାବାଦ ହାଇକୋର୍ଟ। କୋର୍ଟ କହିଛନ୍ତି, 'ଯେପର୍ଯ୍ୟନ୍ତ ଏହି ସମ୍ପର୍କକୁ ବିବାହର ରୂପ ଦେବାକୁ ଉଭୟ ପ୍ରସ୍ତୁତ ହୋଇ ନଥିବେ ଏହାରୁ ସୁରକ୍ଷା ଦିଆଯାଇ ପାରିବ ନାହିଁ।' ଜୀବନ ଫୁଲଶଯ୍ୟା ନୁହେଁ, ଏହା ବହୁତ କଠିନ ବୋଲି କୋର୍ଟ କହିବା ସହ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। କୁମାରୀ ରାଧିକା ଏବଂ ସୋହେଲ ଖାନଙ୍କ ଆବେଦନର ବିଚାର କରି ଏମିତି ନିଷ୍ପତ୍ତି ଶୁଣାଇଛନ୍ତି ବିଚାରପତି ରାହୁଲ ଚତୁର୍ବେଦୀ ଏବଂ ଏମଏଏଚ ଇଦରିସିଙ୍କ ଖଣ୍ଡପୀଠ। ଆବେଦନରେ କୁହାଯାଇଥିଲା, ଉଭୟ ଲିଭ୍ ଇନ୍ ରିଲେସନସିପରେ ରହିବାକୁ ଚାହୁଁଛନ୍ତି। ତେଣୁ ମଥୁରା ରିଫାଇନାରୀ ଥାନାରେ ହୋଇଥିବା ଅପହରଣ ମାମଲାକୁ ରଦ୍ଦ କରିବା ସହ ଗିରଫଦାରୀ ଅଟକାଇବାକୁ ନିବେଦନ କରାଯାଇଛି। କୋର୍ଟ ରାୟ ଶୁଣାଇବା ବେଳେ କହିଛନ୍ତି, 'ସୁପ୍ରିମକୋର୍ଟ କିଛି ମାମଲାରେ ଲିଭ୍ ଇନ୍ ରିଲେସନସିପରେ ରହିବାକୁ ଅନୁମତି ଦେଇଛନ୍ତି। ହେଲେ ଦୁଇ ମାସର ସମୟ ଓ ୨୦ରୁ ୨୨ ବର୍ଷ ବୟସରେ ଏମିତି ସମ୍ପର୍କକୁ ନେଇ ସେମାନେ ହୁଏତ ଗମ୍ଭୀର ଭାବେ ବିଚାର କରି ନପାରନ୍ତି। ଏଥିରେ ବିଶ୍ୱାସଠାରୁ ସମ୍ପର୍କର ଅଧିକ ମହତ୍ୱ ରହିଥାଏ। ଯେ ପର୍ଯ୍ୟନ୍ତ ଉଭୟ ଏହାକୁ ବିବାହର ରୂପ ଦେଇ ନଥିବେ ଓ ପରସ୍ପରକୁ ବିଶ୍ୱାସକୁ ନେଇ ନଥିବେ ସେ ପର୍ଯ୍ୟନ୍ତ କୋର୍ଟ ଏମିତି ସମ୍ପର୍କକୁ ନେଇ କେ?ଣସି ନିଷ୍ପତ୍ତି ଶୁଣାଇବେ ନାହିଁ।'

# 'ଭବିଷ୍ୟତ ବର୍ତ୍ତମାନ ଏଠାରେ ଅଛି'



**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ସପ୍ତମ ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୩କୁ ଉଦଘାଟନ କରିଛନ୍ତି। ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ହେଉଛି ଏସିଆର ସର୍ବବୃହତ୍ ଟେଲିକମ୍, ଗଣମାଧ୍ୟମ ଏବଂ ଟେକ୍ନୋଲୋଜି ଫୋରମ୍ ଯାହା ଅକ୍ଟୋବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ 'ଗ୍ଲୋବାଲ୍ ଡିଜିଟାଲ୍ ଇନୋଭେସନ୍' ଶୀର୍ଷକରେ ଆୟୋଜିତ ହେବ। ଆଇଏମସି ୨୦୨୩ ର ଲକ୍ଷ୍ୟ ହେଉଛି ପ୍ରମୁଖ ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶକାରୀ, ନିର୍ମାତା ଏବଂ ରପ୍ତାନିକାରୀ ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିବା। ଏହି କାର୍ଯ୍ୟକ୍ରମ ରେ ପ୍ରଧାନମନ୍ତ୍ରୀ ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ୧୦୦ଟି '୫ଜି ୟୁଜ୍ କେସ୍ ଲ୍ୟାବ୍' ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ହଲ୍ ୫ରେ ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହ ବୁଲି ଦେଖିଥିଲେ। ଏହି ଅବସରରେ ଶିଳ୍ପପତିମାନେ ମଧ ବକ୍ତବ୍ୟ ରଖିଥିଲେ। ରିଲାଏନ୍ସ ଜିଓ ଇନଫୋକମ ଲିମିଟେଡର ଅଧ୍ୟକ୍ଷ ଶ୍ରୀ ଆକାଶ ଏମ ଅମ୍ବାନୀ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାରକୁ ପ୍ରୋତ୍ସାହିତ କରି ଯୁବପିଢ଼ିଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ଯାହା ଭାରତର ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମିକୁ ଶକ୍ତି ପ୍ରଦାନ କରିଥାଏ । ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ସମାବେଶୀ, ଅଭିନବ ଏବଂ ସ୍ଥାୟୀ କରିବାରେ ପ୍ରଧାନମନ୍ତ୍ରୀ ଦେଶର ଲକ୍ଷ ଲକ୍ଷ ଯୁବବର୍ଗଙ୍କ ପାଇଁ ପ୍ରେରଣା ବୋଲି ସେ ଆଲୋକପାତ କରିଥିଲେ । ଜିଓ ଭାରତର ସମସ୍ତ ୨୨ଟି ସର୍କିଟରେ ୧୦ ଲକ୍ଷରୁ ଅଧିକ ୫ଜି ସେଲ୍ ସ୍ଥାପନ କରିଛି, ଯାହା ସାମଗ୍ରିକ ୫ଜି ବିତରଣରେ ୮୫ ପ୍ରତିଶତ ଯୋଗଦାନ ଦେଇଛି ଯେଉଁଠାରେ ୫ଜି ଷ୍ଟେକ୍ ର ରୋଲଆଉଟ୍ ଭାରତୀୟ ପ୍ରତିଭାଙ୍କ ଦ୍ୱାରା ଡିଜାଇନ୍, ବିକଶିତ ଏବଂ ଉତ୍ପାଦିତ ହୋଇଛି। ୧୨୫ ନିୟୁତ ଉପଭୋକ୍ତା ସଂଖ୍ୟା ସହିତ ଭାରତ ଶ୍ରେଷ୍ଠ ୩ ଟି ୫ଜି-କାର୍ଯ୍ୟକାରୀ ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀ ସମଗ୍ର ଦେଶକୁ ଏକଜୁଟ କରିଛନ୍ତି ଏବଂ ଜିଏସଟି, ଭାରତର ଡିଜିଟାଲ ବିପ୍ଳବ ଏବଂ ବିଶ୍ୱରେ ନିର୍ମିତ ସର୍ବୋଚ୍ଚ ପ୍ରତିମୂର୍ତ୍ତିର ଉଦାହରଣ ଦେଇଛନ୍ତି। 'ଆପଣଙ୍କ ପ୍ରୟାସ ଇଣ୍ଡିଆ ମୋବାଇଲ ସମ୍ମିଳନୀରେ ଆମ ସମସ୍ତଙ୍କୁ ପ୍ରେରଣା ଦେଇଛି', ବୋଲି ସେ ଦୋହରାଇଥିଲେ। ସମସ୍ତ ଡିଜିଟାଲ ଉଦ୍ୟୋଗୀ, ଉଦ୍ଭାବକ ଏବଂ ଷ୍ଟାର୍ଟଅପ୍‌ଙ୍କ ତରଫରୁ ଶ୍ରୀ ଅମ୍ବାନୀ ଭାରତର ଅମୃତ କାଳ ସମୟରେ ଭାରତର ସ୍ୱପ୍ନକୁ ସାକାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଭାରତୀ ଏଣ୍ଟରପ୍ରାଇଜେସର ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ ଡିଜିଟାଲ ଇଣ୍ଡିଆ ଆକାରରେ ପ୍ରଧାନମନ୍ତ୍ରୀ ଦେଇଥିବା ଦୃଷ୍ଟିକୋଣକୁ ସ୍ମରଣ କରିଥିଲେ ଯାହା ଦ୍ରୁତ ଗତିରେ ଡିଜିଟାଲ ଭିତ୍ତିଭୂମିର ବିକାଶରେ ସହାୟକ ହୋଇଥିଲା। ସେ ପ୍ରଧାନମନ୍ତ୍ରୀଙ୍କ ଜେଏଏମ ତିନି ଦୃଷ୍ଟିକୋଣ ଦ୍ୱାରା ଆସିଥିବା ପରିବର୍ତ୍ତନ ଏବଂ ଭାରତର ଡିଜିଟାଲ ପରିବର୍ତ୍ତନକୁ ବିଶ୍ୱ କିପରି ଗ୍ରହଣ କରିଛି ସେ ବିଷୟରେ ଆଲୋକପାତ କରିଥିଲେ। ଭାରତର ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର (ଡିପିଆଇ) ଅନେକ ଦେଶର ଈର୍ଷା ବୋଲି ସେ କହିଛନ୍ତି। ଶ୍ରୀ ମିତ୍ତଲଙ୍କ ମତରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିର ଦ୍ୱିତୀୟ ପ୍ରମୁଖ ସ୍ତମ୍ଭ ହେଉଛି ମେକ୍ ଇନ୍ ଇଣ୍ଡିଆ ଏବଂ ଗତ ଏକ ବର୍ଷ ମଧ୍ୟରେ ଉତ୍ପାଦନ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ଉଲ୍ଲେଖ କରିଥିଲେ। ସେ କହିଛନ୍ତି, ଉତ୍ପାଦନ କ୍ଷେତ୍ରରେ ଭାରତ ବହୁତ ଆଗକୁ ଯାଇ ପାରିଛି। ଆପଲଠାରୁ ଡିକ୍ସନ, ସାମସଙ୍ଗଠାରୁ ଆରମ୍ଭ କରି ଟାଟା, ପ୍ରତ୍ୟେକ କମ୍ପାନୀ, ଛୋଟ, ବଡ କିମ୍ବା ଷ୍ଟାର୍ଟଅପ୍ ଉତ୍ପାଦନ ସହ ଜଡିତ ଏବଂ ଭାରତ ଏକ ଉତ୍ପାଦନକାରୀ ରାଷ୍ଟ୍ର ଭାବରେ ଉଭା ହୋଇଛି, ବିଶେଷକରି ଡିଜିଟାଲ ଭିତ୍ତିଭୂମି ପାଇଁ ବିଶ୍ୱର ଏକ ବିଶାଳ ସ୍ତରରେ ଅଗ୍ରଣୀ। ୫୦୦୦ ସହର ଏବଂ ୨୦,୦୦୦ ଗାଁରେ ଏୟାରଟେଲ ୫ଜି କାର୍ଯ୍ୟକାରୀ ହୋଇସାରିଛି ବୋଲି ସେ ସୂଚନା ଦେଇଥିଲେ ଏବଂ ମାର୍ଚ୍ଚ ୨୦୨୪ ସୁଦ୍ଧା ଏହା ସମଗ୍ର ଦେଶକୁ ବ୍ୟାପିଯିବ ବୋଲି ସୂଚନା ଦେଇଥିଲେ ଏବଂ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସୂଚୀତ କରିଥିଲେ। ଏହା ପ୍ରକୃତରେ ବିଶ୍ୱର ସବୁଠାରୁ ଦ୍ରୁତତମ ୫ଜି କାର୍ଯ୍ୟକାରିତା ହେବ ବୋଲି ସେ କହିଛନ୍ତି। ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଲମ ବିର୍ଲା ଭାରତର ଡିଜିଟାଲ ରୂପାନ୍ତରଣରେ ପ୍ରଧାନମନ୍ତ୍ରୀଙ୍କର ଦୂରଦର୍ଶୀ ନେତୃତ୍ୱ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଡିଜିଟାଲ ଅନ୍ତର୍ଭୁକ୍ତୀକରଣ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ଯାହା 'ଅନ୍ତ୍ୟୋଦୟ' ନୀତିରେ ଆଧାରିତ ଯେଉଁଠାରେ ସମସ୍ତଙ୍କ ପାଇଁ ସୁବିଧା ସୁନିଶ୍ଚିତ କରାଯାଏ। ଡିଜିଟାଲ ବିକାଶରେ ଭାରତର ଅଭିବୃଦ୍ଧି ପାଇଁ ସେ ଏହି ଆଭିମୁଖ୍ୟକୁ ଶ୍ରେୟ ଦେଇଛନ୍ତି ଯାହା ବିଶ୍ୱସ୍ତରରେ ସ୍ୱୀକୃତି ଲାଭ କରିଛି। ପରିଚୟ, ଦେୟ ଏବଂ ଡାଟା ପରିଚାଳନା କ୍ଷେତ୍ରରେ ଭାରତର ସାଧାରଣ ଭିତ୍ତିଭୂମି ସମ୍ପତ୍ତିକୁ ଗ୍ରହଣ କରିବାକୁ ଅନେକ ଦେଶ ଆଗ୍ରହୀ ବୋଲି ଶ୍ରୀ ବିର୍ଲା କହିଥିଲେ, 'ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣରୁ ପ୍ରେରିତ ହୋଇ ଭାରତ ଦକ୍ଷିଣ ବିଶ୍ୱର ଚାମ୍ପିୟନ ଭାବରେ ଉଭା ହୋଇଛି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ହାସଲ କରିବା ରେ ଭୋଡାଫୋନ ଆଇଡିଆ ଏକ ଦାୟିତ୍ୱବାନ ଅଂଶୀଦାର ହେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ଦୋହରାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ୬ଜି ଭଳି କ୍ଷେତ୍ରରେ ଭବିଷ୍ୟତ ପ୍ରଯୁକ୍ତି ବିଦ୍ୟାର ମାନକ ବିକାଶ ସହିତ ଭାରତ ସକ୍ରିୟ ଭାବରେ ଜଡ଼ିତ ଅଛି। ଏଥିସହିତ ସରକାରଙ୍କ ଅତୁଳନୀୟ ସମର୍ଥନ ପାଇଁ ସେ ଧନ୍ୟବାଦ ଜଣାଇଛନ୍ତି।




# ନଭେମ୍ବର ପହିଲାରୁ 'ଇକୋ ରିଟ୍ରିଟ୍'



**ଭୁବନେଶ୍ୱର:** ନଭେମ୍ବର ପହିଲାରୁ ଆରମ୍ଭ ହେବ 'ଇକୋ ରିଟ୍ରିଟ୍-୨୦୨୩-୨୪'। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ-ରିଟ୍ରିଟ୍ ୱେବସାଇଟ୍ (ବୁକ୍ ଓଡ଼ିଶା ଡଟ୍ କମ୍ ଏବଂ ଓଡ଼ିଶା ଇକୋ ରିଟ୍ରିଟସ୍ ଡଟ୍ କମ୍) ରେ ବୁକିଂ ଚାଲିଛି। ଚଳିତ ଥର ୩ ମାସ ଧରି ୭ଟି ଜାଗାରେ ଏହା ଅନୁଷ୍ଠିତ ହେବ। କୋରାପୁଟ, କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ ଓ ପାଟୀ ସୋନାପୁର ବେଳାଭୂମିରେ ପର୍ଯ୍ୟଟକ ନିଆରା ଅନୁଭୂତି ସାଉଁଟିବେ। ପ୍ରଥମ ପର୍ଯ୍ୟାୟରେ ହୀରାକୁଦ, ଦାରିଙ୍ଗବାଡି, କୋରାପୁଟ(ପୁଟସିଲ୍) ଓ ସାତକୋଶିଆ ଆଦି ୪ଟି ସ୍ଥାନରେ ଉଦ୍ଘାଟିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏକାସାଙ୍ଗରେ ୪ଟି ସ୍ଥାନର ଇକୋ ରିଟ୍ରିଟ୍‌କୁ ଉଦ୍‌ଘାଟନ କରିବେ। ବିଭିନ୍ନ ସ୍ଥାନରେ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ, ନିର୍ଦ୍ଦେଶକ ଓ ଅଧିକାରୀମାନେ ଉପସ୍ଥିତ ରହିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଡିସେମ୍ବର ୧ ତାରିଖରେ ସୋନାପୁର ଓ ଭିତରକନିକା ଏବଂ ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଡିସେମ୍ବର ୧୫ରୁ କୋଣାର୍କ ଇକୋ ରିଟ୍ରିଟ୍ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ ରାଜ୍ୟର ବିକାଶ ପାଇଁ ସରକାର ଏହି ଉଦ୍ୟମ କରିଛନ୍ତି। ଏଥିରେ ପର୍ଯ୍ୟଟକମାନଙ୍କ ଲାଗି ସମସ୍ତ ପ୍ରକାର ସୁବିଧା ଯଥା, ବେଳାଭୂମି ଓ ପ୍ରାକୃତିକ ଶୋଭାରାଜିରେ ଭରପୂର ପରିବେଶରେ କଟେଜ୍, ୱାଟର ରାଇଡସ୍, ଜେଟ୍ ସ୍କି, ବନାନା ରାଇଡ୍, ବୋଟିଂ ଆଦିରେ ମଧ୍ୟ ଫଟୋ ସୁଟ୍ କରିବାର ସୁଯୋଗ ମିଳିବ। ଏହାସହ ଜଙ୍ଗଲ ସଫାରୀ, ରୋପ୍‌ୱେ ରାଇଡ୍‌କୁ ମଧ୍ୟ ଏଥିପାଇଁ ବ୍ୟବହାର କରିପାରିବେ ପର୍ଯ୍ୟଟକ। ପ୍ରକୃତି କୋଳରେ ରହି ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଦୁଃସାହସିକ ଜଳ କ୍ରୀଡ଼ାକୁ ଉପଭୋଗ କରିବେ ଦେଶ ବିଦେଶର ପର୍ଯ୍ୟଟକ। ସୁଦୀର୍ଘ ସମୁଦ୍ରର ବାଲୁକା ରାଶିରେ ଅତ୍ୟାଧୁନିକ କ୍ୟାମ୍ପ ସହ ଷ୍ଟାର୍ ହୋଟେଲ ଖାଦ୍ୟର ମଜା ନେବେ ପର୍ଯ୍ୟଟକ। ଗତବର୍ଷ କୋଣାର୍କ ଇକୋ ରିଟ୍ରିଟ୍ରେ ସର୍ବାଧିକ ପର୍ଯ୍ୟଟକ ବୁକିଂ କରିଥିବାରୁ ଚଳିତ ବର୍ଷ କୋଣାର୍କ ଇକୋରିଟ୍ରିଟ୍ର ବୁକିଂ ଦାମ୍ ୧୦ ପ୍ରତିଶତ ବୃଦ୍ଧି କରାଯାଇଥିବା ବେଳେ ଅନ୍ୟ ସ୍ଥାନଗୁଡ଼ିକରେ ସମାନ ରହିଛି।କଟକ ଜିଲ୍ଲା ନରସିଂହପୁର କମଳାଡ଼ିହ ଗ୍ରାମ ପଞ୍ଚାୟତ ବାଲିପୁଟର ମହାନଦୀ କୂଳରେ ଥିବା ସାତକୋଶିଆ ଗଣ୍ଡଠାରେ ଆୟୋଜିତ ହେବାକୁ ଥିବା 'ଇକୋ ରିଟ୍ରିଟ୍'ରେ ଝରଣା, ମନ୍ଦିର ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୂର ଆନନ୍ଦ ନେବେ ପର୍ଯ୍ୟଟକ। ଏଠାରେ ପ୍ରାୟ ୨୫ଟି ଟେଣ୍ଟ୍ରେ ପର୍ଯ୍ୟଟକଙ୍କ ରହଣୀ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ମହାନଦୀ କୂଳରେ ଯୋଗ, ବୋଟିଂ, ସାଇକ୍ଲିଂ, ନେଚରଟ୍ରେଲ ଆଦି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିବ। ସେହିପରି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଭିତରକନିକା ଜାତୀୟ ଉଦ୍ୟାନ ସ୍ୱତନ୍ତ୍ରତା ନିଆରା। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ନଳିତା ପାଟିଆଠାରେ ବି 'ଇକୋ ରିଟ୍ରିଟ୍' ଆରମ୍ଭ ହେବ। ଏଠାରେ କୃତ୍ରିମ ଝରଣା ସହ କଇଁଚ, ହରିଣ, ଦେଶୀ ବିଦେଶୀ ପକ୍ଷୀ, ମୟୂର ଓ ବଉଳା କୁମ୍ଭୀର ସହ ସମୟ ବିତାଇବାର ସୁଯୋଗ ପାଇବେ ପର୍ଯ୍ୟଟକ। ଜୈବ ବିବିଧତାରେ ଭରପୂର ଭିତରକନିକାରେ ପର୍ଯ୍ୟଟନ ଋତୁରେ ପ୍ରକୃତିପ୍ରେମୀ ଭିତରକନିକା ପରିଭ୍ରମଣ ଓ ଜଳଯାତ୍ରା କରିବାକୁ ସୁଯୋଗ ପାଇବେ। ଏଠାରେ ବିଳାସପୂର୍ଣ୍ଣ କଟେଜ୍ ରହିଥିବା ବେଳେ ଚା' ଓ କଫି, ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ସଂଧ୍ୟା ଜଳଖିଆ ଓ ରାତ୍ରି ଭୋଜନରେ ବିଭିନ୍ନ ସୁସ୍ୱାଦ ଖାଦ୍ୟ ରହିଛି। ଏଠାରେ ସୁନ୍ଦର ବେଳାଭୂମି, ଆଡଭେନଚର୍ସ, ୱାଇଲଡଲାଇଫ୍, ବୋଟିଂ, ଆଡଭେନଚର ଗେମ୍, ଆର୍ଚେରୀ, ସୁଟିଂ ଆଦିର ଭରପୂର ମଜା ନେବେ ପର୍ଯ୍ୟଟକ।ଏହାସହ ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି 'ଇକୋ ରିଟ୍ରିଟ୍'ରେ ମଧ୍ୟ ପର୍ଯ୍ୟଟକମାନେ ନିଆରା ଅନୁଭୂତି ପାଇବେ। ଏଠାରେ ପର୍ଯ୍ୟଟକମାନେ ଆଡ଼ଭେନଚର ସ୍ପୋର୍ଟ୍ସ, ଜିପ୍ ଲାଇନ୍, ରୋପ୍ ସ୍ୱିଙ୍ଗ, କମାଣ୍ଡୋ ଏକସରସାଇଜ୍ର ମଜା ନେବା ସାଙ୍ଗକୁ ଦାସିଂବାଡ଼ି ୱାଟରଫଲ୍ ବା ମିଦୁବନ୍ଧା ଜଳପ୍ରପାତ ବୁଲିବାର ସୁଯୋଗ ପାଇବେ। ଏଠାରେ ମୁଖ୍ୟ ଆକର୍ଷଣ ପାଲଟିବ ମଣ୍ଡାସୁରୁ ସାଇଲେଣ୍ଟ ଭ୍ୟାଲି ଅଫ୍ ଓଡ଼ିଶା ବା ଓଡ଼ିଶାର ପ୍ରଥମ ବାଇଓଡାଇଭରସିଟି ସ୍ପଟ୍। ଫୁଲବାଣୀଠାରୁ ୯୬କିମି ଦୂର କନ୍ଧମାଳ ଜିଲ୍ଲା ରାଇଗିଆ ବ୍ଲକରେ ଥିବା ଏହି ପର୍ଯ୍ୟଟନସ୍ଥଳୀକୁ ନିକଟରୁ ଉପଭୋଗ କରିବାର ସୁଯୋଗ ଦେବ ଇକୋ ରିଟ୍ରିଟ୍। ଇକୋ ରିଟ୍ରିଟ୍ର ୨ ଦିନିଆ ପ୍ୟାକେଜ୍ରେ ଏହି ସୁବିଧା ଉପଲବ୍ଧ ରହିଛି। ଏହି ସ୍ଥାନକୁ ଯିବା ଆସିବା ନିମନ୍ତେ ଓଟିଡିସି ପକ୍ଷରୁ ସୁବିଧା ରହିଛି। ଏଠାରେ ଲଭର୍ସ ପଏଣ୍ଟ, ସରସ୍ୱତୀ କେଭ୍, ହିଲ୍ ଭ୍ୟୁ, କଫି ଗାର୍ଡେନ୍, ପାଇନ୍ ଫରେଷ୍ଟ ଆଦି ଦେଖିବାର ସୁଯୋଗ ରହିବ।

## ତମାଖୁ ମୁକ୍ତ ଗାଁ ଅଭିଯାନରେ ଓଡ଼ିଶା ଶ୍ରେଷ୍ଠ


**ଭୁବନେଶ୍ୱର :** ସାରା ଦେଶକୁ ପଛରେ ପକାଇଲା ଓଡ଼ିଶା। ତମାଖୁ ମୁକ୍ତ ଗାଁ ଅଭିଯାନରେ ସାରା ଦେଶରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛି ଓଡ଼ିଶା। ଏହା ଟୋବାକୋ ଫ୍ରି ୟୁଥ କ୍ୟାମ୍ପେନ-୨୦୨୩ ଅଧୀନରେ ହୋଇଥିଲା। ଏହି ଅଭିଯାନ ଜୁଲାଇ ଓ ଅଗଷ୍ଟ ଦୁଇ ମାସ ଧରି ଚାଲିଥିଲା। ଭାରତ ସରକାରଙ୍କ ପକ୍ଷରୁ ଓଡ଼ିଶାକୁ ଏହି ପୁରସ୍କାର ଦିଆଯାଇଛି। ସାରା ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଟୋବାକୋ ମୁକ୍ତ ଗାଁ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ବିଭାଗକୁ ସରପଞ୍ଚଙ୍କ ଜରିଆରେ କୋଟପା ଆଇନକୁ ଗାଁରେ କାର୍ଯ୍ୟକାରୀ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଚିଠି କରିଥିଲା। ଏ ଯାଏ ୫୪ ପଞ୍ଚାୟତ ଟୋବାକୋ ମୁକ୍ତ ଘୋଷଣା ହୋଇ ସାରିଛି। ଆହୁରି ୧୧୪ ପଂଚାୟତରେ ଏହି କାମ ଚାଲିଛି। ସାରା ରାଜ୍ୟରେ ସଫଳତା ସହ ଟୋବାକୋ ମୁକ୍ତ ସ୍କୁଲ ଅଭିଯାନ ଚାଲିଛି।

## ଓଡ଼ିଶା ମିଲେଟସ ମିଶନର ଦୀର୍ଘ ମିଆଦି ରଣନୀତି ନିମନ୍ତେ ରୋଡମ୍ୟାପ୍ ପ୍ରସ୍ତୁତ



**ଭୁବନେଶ୍ୱର :** ଓଡ଼ିଶା ମିଲେଟ ମିଶନର ବିଭିନ୍ନ ଲକ୍ଷ୍ୟ ଏବଂ ରାଜ୍ୟ ସରକାରଙ୍କ ନଭେମ୍ବର ୯ ଏବଂ ୧୦ ତାରିଖରେ ଆୟୋଜିତ ହେବାକୁ ଥିବା ଦୁଇ ଦିନିଆ ମିଲେଟସ ସମ୍ବନ୍ଧୀୟ ଆନ୍ତର୍ଜାତିକ ସମ୍ମିଳନୀ ସମ୍ପର୍କରେ ବୁଧବାର ଏକ ବୈଠକ ଓଡ଼ିଶା ସରକାରଙ୍କ ଇନଷ୍ଟିଚ୍ୟୁସନାଲ କାପାସିଟି ବିଲ୍ଡିଂରେ ମୁଖ୍ୟ ଉପଦେଷ୍ଟା ସୁବ୍ରତ ବାଗଚୀଙ୍କ ଅଧକ୍ଷତାରେ କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ଓଡ଼ିଶା ମିଲେଟସ ମିଶନର ଅଧିକାରୀମାନେ ଯୋଗ ଦେଇଥିଲେ। ଓଡ଼ିଶାରେ ମିଲେଟ ମିଶନର ବିଭିନ୍ନ କାର୍ଯ୍ୟକ୍ରମର ପ୍ରମୁଖ ବୈଶିଷ୍ଟ୍ୟ ଏବଂ ଏପର୍ଯ୍ୟନ୍ତ ମିଳିଥିବା ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରାଯାଇଥିଲା। ଓଡ଼ିଶା ମିଲେଟସ ମିଶନ ପାଇଁ ୨୦୩୦ ଏବଂ ୨୦୩୬କୁ ଧାର୍ଯ୍ୟ ବର୍ଷଭାବେ ଲକ୍ଷ୍ୟ ରଖି ଏକ ଦୀର୍ଘ ମିଆଦି ରଣନୀତି ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ସୁବ୍ରତ ବାଗଚୀ ପରାମର୍ଶ ଦେଇଥିଲେ।

# କ୍ରୁଟକୁ ମିଳିଲା ଜାତୀୟ ଉତ୍କର୍ଷ ପୁରସ୍କାର




**ଭୁବନେଶ୍ୱର:**'ମୋ ବସ୍' ସେବା ଯୋଗାଉଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ସଫଳତାର ପାହାଚ ଚଢ଼ିବା ସହିତ ପୁଣି ଜାତୀୟ ପୁରସ୍କାର ହାତେଇଛି। ସର୍ବୋତ୍ତମ ନଗର ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କ୍ରୁଟକୁ ୫ମ ଥର ପାଇଁ ଏହି ଜାତୀୟ ଉତ୍କର୍ଷ ପୁରସ୍କାର ମିଳିଛି। ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ୧୬ତମ ଅର୍ବାନ ମୋବିଲିଟି ଇଣ୍ଡିଆନ୍ କନ୍‌ଫରେନ୍ସ ସମ୍ମିଳନୀରେ ପୁରସ୍କୃତ କରାଯାଇଛି। ସଠିକ ପରିଚାଳନା, ସରକାରୀ ସବସିଡି କମ୍ କରିବା ଓ ଯାତ୍ରୀଙ୍କ ସଂଖ୍ୟାକୁ ବୃଦ୍ଧି କରିବା ଦିଗରେ ସଫଳତା ପାଇଛି। ସମୟାନୁସାରେ ଯାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ 'କ୍ରୁଟ' ସେବାକୁ ଆହୁରି ତ୍ୱରାନ୍ୱିତ କରିଛି। ରାଜ୍ୟର ସହରାଞ୍ଚଳ ପରିବହନ କ୍ଷେତ୍ରରେ କ୍ରୁଟ୍ ଅନନ୍ୟ ଭୂମିକା ଗ୍ରହଣ କରିଛି। ପ୍ରତ୍ୟେକ ପଦକ୍ଷେପରେ 'ଦି ୱେ ୱି ମୁଭ୍' (ଆମେ ଯେଉଁ ଭାବରେ ଗତି କରୁ)କୁ ପୁନଃ ବ୍ୟାଖ୍ୟା କରି କ୍ରୁଟ୍ ଏହାର ସମସ୍ତ ଯାତ୍ରୀଙ୍କୁ 'ରାଇଡ୍ ୱିଥ୍ ପ୍ରାଇଡ୍ ବା ଗର୍ବର ସହିତ ଯାତ୍ରା'କୁ ନିଶ୍ଚିତ କରି ଦେଶର ଗଣପରିବହନ ସେବା ପ୍ରଦାନକାରୀଙ୍କ ପାଇଁ ଏକ ମାନଦଣ୍ଡ ସ୍ଥିର କରିବାରେ ସଫଳ ହୋଇଛି। ମୋ ଇ-ରାଇଡ୍ ଏବଂ ଇ-ବସ୍ ଯାତ୍ରୀଙ୍କ ଦ୍ୱାରା ପ୍ରଶଂସିତ ହୋଇଛି।

# 'ଆଜିର ଭାରତ ଆମର ପୂଜ୍ୟ ଶହୀଦ ଓ ସଂଗ୍ରାମୀମାନଙ୍କ ଅବଦାନ'



**ଭୁବନେଶ୍ୱର :** ଘଣ୍ଟ, ବାଦ୍ୟ, ଶଙ୍ଖ, ମହୁରୀ ଆଦି ବାଦ୍ୟ ଯନ୍ତ୍ର ଶବ୍ଦର ପ୍ରକମ୍ପନ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟସ୍ତରୀୟ 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମ ଅବସରରେ 'ମାଟି କଳସ ଯାତ୍ରା'ର ଶୁଭାରମ୍ଭ କରିଛନ୍ତି। ଦେଶ ତଥା ରାଜ୍ୟର ସବୁ ପଞ୍ଚାୟତରୁ ସଂଗୃହିତ ପବିତ୍ର ମାଟିରେ ନୂଆଦିଲ୍ଲୀରେ ଏକ ଅମୃତ ବାଟିକା ପ୍ରତିଷ୍ଠା କରାଯିବ। ଆସନ୍ତା କାଲିଠାରୁ ନୂଆଦିଲ୍ଲୀ ଅଭିମୁଖେ ଏହି ମାଟି କଳସ ଯାତ୍ରା ଆରମ୍ଭ ହେବ। ୭୫ତମ ସ୍ୱାଧୀନତା ଦିବସ ପାଳନର ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅବସରରେ ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ 'ମେରି ମାଟି ମେରା ଦେଶ'ର ରାଜ୍ୟସ୍ତରୀୟ ସମାପନ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଉଦ୍ ?ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ଭାରତ ଆମର ପୂଜ୍ୟ ଶହୀଦ ଓ ସଂଗ୍ରାମୀମାନଙ୍କ ଅବଦାନ। ସେମାନେ ଆମ ମାନସପଟ୍ଟରେ ଚିରଦିନ ପାଇଁ ଅମର ହୋଇ ରହିବେ। ଦେଶର ଅଗଣିତ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ହେଉଛି ପୁଣ୍ୟ ଭୂମି। ଏ ମାଟିରେ ଦେଶର ସ୍ୱାଧୀନତା ତଥା ମାତୃଭୂମିର ଗୌରବ ପାଇଁ ଅନେକ ବୀର ଶହୀଦ ହୋଇଛନ୍ତି। ସେହି ବୀର ମାଟିର ସମ୍ମାନାର୍ଥେ ଆୟୋଜିତ ଏହି ମାଟି କଳସ ଯାତ୍ରା ଆମ ସମସ୍ତଙ୍କୁ ଦେଶର ଏକତା ଓ ଅଖଣ୍ଡତା ପାଇଁ କାମ କରିବାକୁ ପ୍ରେରଣା ଯୋଗାଇବ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଏପରି ଏକ ମହତର କାର୍ଯ୍ୟକ୍ରମର ପରିକଳ୍ପନା ପାଇଁ ଧନ୍ୟବାଦ ଦେବା ସହ ଏହି ସମସ୍ତ ପୁଣ୍ୟ ମାଟିର ସମାହାରରେ ନୂଆଦିଲ୍ଲୀରେ ନିର୍ମିତ ଅମୃତ ବାଟିକା ଆଗାମୀ ଦିନରେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ତୀର୍ଥ ସ୍ଥଳରେ ପରିଗଣିତ ହେବ ବୋଲି କହିଥିଲେ। ଏହି ଅମୃତ ବାଟିକା ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମକୁ ଜାଗ୍ରତ କରିବା ସହ ଆଗାମୀ ପିଢ଼ିକୁ ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳୀଦାନର ମୂଲ୍ୟବୋଧ ସମ୍ପର୍କରେ ଅବଗତ କରାଇବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ ଏହି କାର୍ଯ୍ୟକ୍ରମ ଆମ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଆହୁରି ଉଜ୍ଜ୍ୱଳ କରିବ ଏବଂ ଏକ ନୂଆ ଓଡିଶା ତଥା ନୂଆ ଭାରତ ଗଠନ ପାଇଁ ସମସ୍ତଙ୍କୁ ପ୍ରେରଣା ଯୋଗାଇବ। ଏହି ଅବସରରେ ସବୁ ପଞ୍ଚାୟତରେ 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଓଡିଶାର ସବୁ ଭାଇ ଭଉଣୀମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ମାଟି କଳସ ଯାତ୍ରାରେ ସାମିଲ ହୋଇଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ପଞ୍ଚାୟତିରାଜ, ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ରାଜ୍ୟ ସରକାର ବୀର ସଂଗ୍ରାମୀମାନଙ୍କ ପ୍ରତି ସମ୍ମାନ ଜଣାଇ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

# 'ଶାସକ ଦଳ ଶୋଷକ ଦଳରେ ପରିଣତ'



**ଭୁବନେଶ୍ୱର :** ଦୀର୍ଘ ୨୩ବର୍ଷ ଧରି ଓଡ଼ିଶାରେ ବିଜୁ ଜନତା ଦଳ ଶାସନ କରୁଥିଲେ ମଧ୍ୟ ମହିଳାମାନେ ଏଠାରେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଏନେଇ ଭାରତୀୟ ଜନତା ପାର୍ଟି ବାରମ୍ବାର ଅଭିଯୋଗ କରିଆସିଥିଲେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଓଡ଼ିଶା ଏଭଳି ଏକ ରାଜ୍ୟ ଯେଉଁଠି ପ୍ରତି ଅଢ଼େଇ ଘଂଟାରେ ଜଣେ ମହିଳା ଦୁଷ୍କର୍ମର ଶିକାର ହେଉଛି। ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି। କିଛି ଦିନ ତଳେ ଭୁବନର ଏକ ଘଟଣା ସାରା ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରିଥିଲା। ସ୍ୱାମୀ ଓ ସ୍ତ୍ରୀ ବାଇକରେ ଯାଉଥିବାବେଳେ ୫ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇବା ସହ ସ୍ୱାମୀଙ୍କୁ ମାଡମାରି ସ୍ତ୍ରୀକୁ ଗଣଦୁଷ୍କର୍ମ କରିବା ଘଟଣା ମନରୁ ଲିଭିନଥିବାବେଳେ ଏବେ କେନ୍ଦ୍ରାପଡା ଗରଦପୁର ବ୍ଲକ କୋରୁଆର ଏଲ.ଏନ୍. କଲେଜର ଜଣେ ଛାତ୍ରୀଙ୍କୁ ନିଶା ଦେଇ ଅପହରଣ କରିବା ପରେ ଗଣଦୁଷ୍କର୍ମ କରାଯାଇଛି। ଯାହା ଓଡ଼ିଶାବାସୀଙ୍କୁ ଚକିତ ଓ ବ୍ୟଥିତ କରିଛି। ଏହି ଗଣଦୁଷ୍କର୍ମ ଘଟଣାରେ ବିଜୁ ଜନତା ଦଳର ସଂପୃକ୍ତି ଥିବା ସାମ୍ନାକୁ ଆସିଛି। ଓଡ଼ିଶାର ସବୁ ବିଭାଗକୁ ୫ଟି ରୂପାନ୍ତରିତ କରାଗଲା କିନ୍ତୁ ଏଥିରୁ ସମ୍ପୂର୍ଣ୍ଣ ଫେଲ ମାରିଛି ଗୃହବିଭାଗ ବୋଲି ରାଜ୍ୟ ମୁଖପାତ୍ର ସୋନାଲି ସାହୁ କହିଛନ୍ତି। ଶ୍ରୀମତି ସାହୁ କହିଛନ୍ତି ଯେ, ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ସ୍କୁଲ ଓ କଲେଜକୁ ୫-ଟିରେ ରୂପାନ୍ତରିତ କରିଥିଲେ। ତାହାଲେ ଏହି କଲେଜକୁ ନିଶାଦ୍ରବ୍ୟ ଆସିଲା କେଉଁଠୁ? ଗତ ୧୭ତାରିଖରେ ଜଣେ ଛାତ୍ରୀଙ୍କୁ କଲେଜ କମନରୁମ୍‌ରେ ନିଶା ଦିଆଯାଇ ବେହୋସ କରାଗଲା। ସେଠାରୁ କାର୍‌ରେ କଟକ ସ୍ଥିତ ସିଡିଏର ଏକ ହୋଟେଲକୁ ନେଇ ଗଣଦୁଷ୍କର୍ମ କରାଯାଇ ପୋଲ ପାଖରେ ଫୋପାଡି ଦିଆଯାଇଥିଲା ବୋଲି ତଦନ୍ତ ଅଧିକାରୀ ଏସଆଇ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି। ଏହି ଗଣଦୁଷ୍କର୍ମ କରିଥିବା ସୂର୍ଯ୍ୟକାନ୍ତ ସାହୁ ଓ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଖାଲି ସେତିକି ନୁହେଁ ଏହି ଗଣଦୁଷ୍କର୍ମ ପଛରେ ଆହୁରି ଅନେକଙ୍କ ସଂପୃକ୍ତି ଥିବା କଥା ତଦନ୍ତ ଅଧିକାରୀ ଶ୍ରୀଯୁକ୍ତ ପଣ୍ଡା କହିଛନ୍ତି। ଗଣଦୁଷ୍କର୍ମର ମାଷ୍ଟର ମାଇଣ୍ଡ ସୂର୍ଯ୍ୟକାନ୍ତ ସାହୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଖାସ୍ ଲୋକ ଓ ବିଜେଡିର ଆଗଧାଡିର କାର୍ଯ୍ୟକର୍ତ୍ତା ବୋଲି ଯଥେଷ୍ଟ ପ୍ରମାଣ ରହିଛି। ଖାଲି ସେତିକି ନୁହେଁ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀଙ୍କ ସହିତ ସମ୍ପର୍କ ଥିବାର ପ୍ରମାଣ ରହିଛି। ସେହିପରି ଦେବୀ ମିଶ୍ର, ପ୍ରତାପ ଜେନା, ଆଠଗଡ ଏନଏସି ଅଧକ୍ଷାଙ୍କ ସହିତ ସୂର୍ଯ୍ୟକାନ୍ତଙ୍କ ସମ୍ପର୍କ ଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଜୁ ଜନତା ଦଳର ନେତା, ମନ୍ତ୍ରୀ, ବିଧାୟକ, ସାଂସଦମାନେ ମହିଳାଙ୍କୁ ଅସଦାଚରଣରେ ସଂପୃକ୍ତି ଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସୂର୍ଯ୍ୟକାନ୍ତଙ୍କ ବିଜୁ ଜନତା ଦଳର ନେତାଙ୍କ ସହ ସଂପୃକ୍ତି ଅଛି ଫଳରେ ବିଜେଡି ନେତାଙ୍କ ଠାରୁ ଅନୁପ୍ରାଣିତ ହୋଇ ଗଣଦୁଷ୍କର୍ମ କରିଛନ୍ତି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ(ରାଜା)ଙ୍କ ସହ ବିଜେଡିର ଅନ୍ୟ ନେତାମାନଙ୍କ ସହ ସୂର୍ଯ୍ୟକାନ୍ତ ସମ୍ପର୍କ ଥିବା ଫଟୋ ଗଣମାଧ୍ୟମ ଭାଇରାଲ ହେଉଛି। ଶ୍ରୀ ସ୍ୱାଇଁଙ୍କ ସହ ସୂର୍ଯ୍ୟକାନ୍ତଙ୍କ କଣ ସମ୍ପର୍କ ଅଛି ତାହା ବିଜେଡି ସ୍ପଷ୍ଟ କରୁ ବୋଲି ଶ୍ରୀମତି ସାହୁ କହିଛନ୍ତି। ଓଡ଼ିଶାରେ ଆଇନର ଶାସନ ଚାଲୁଛି ତ? ଦୀର୍ଘ ୨୩ବର୍ଷ ତଳ ଘଟଣାର ପୁନରାବୃତି ହେବା ଦୁର୍ଭାଗ୍ୟଜନକ।

## ଐତିହାସିକ କଟକ ବାଲିଯାତ୍ରା ପାଇଁ ୧୧ରୁ ଆରମ୍ଭ ହେବ ପ୍ଲଟ ବୁକିଂ ପ୍ରକ୍ରିୟା




**କଟକ :** ଆସନ୍ତା ନଭେମ୍ବର ୨୭ରୁ ଐତିହାସିକ କଟକ ବାଲିଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ନଭେମ୍ବର ୨୭ ତାରିଖରୁ ଡିସେମ୍ବର ୪ ପର୍ଯ୍ୟନ୍ତ ୮ ଦିନ ଧରି ଚାଲିବ ଐତିହାସିକ ବାଲିଯାତ୍ରା। ତଳ ଓ ଉପର ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେବ। ନଭେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ଲଟ ନିଲାମ ହେବ। ବର୍ଗଫୁଟ ପ୍ରତି ସର୍ବନିମ୍ନ ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପୃଷ୍ଠପୋଷକ ମାନଙ୍କ ପାଇଁ ୩୦ ଅକ୍ଟୋବର ରୁ ୩ ନଭେମ୍ବର ପଞ୍ଜିକରଣ ହେବ। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷର ବାଲିଯାତ୍ରାକୁ ଅଧିକ ଚିତାକର୍ଷକ, ସୁରକ୍ଷିତ ଓ ଜନାଦୃତ କରିବା ସହ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ ଦିଆଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଯାତ୍ରାକୁ ଜାତୀୟ ଉତ୍ସବର ମାନ୍ୟତା ପ୍ରଦାନ ନିମନ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଦ୍ୱାରା ଅନୁରୋଧ କରିଥିଲେ। ବିଗତ ବାଲିଯାତ୍ରା ସମୟରେ ଇଣ୍ଡୋନେସିଆର ବାଲିଦ୍ୱୀପରେ ଉପସ୍ଥିତଥିବା ପ୍ରଧାନମନ୍ତ୍ରୀ କଟକ ବାଲିଯାତ୍ରାର ଅବତାରଣା କରି ଭୂୟସୀ ପ୍ରଶଂସା କରିଥିଲେ। କଟକ ମହାନଗର ନିଗମ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'କାଗଜ ଡଙ୍ଗା ତିଆରି କାର୍ଯ୍ୟକ୍ରମ' ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନୀତ ହୋଇଥିବା ଏବଂ କଟକ ମହାନଗର ନିଗମର ଆୟୁକ୍ତ ନିଖିଲ ପଓ୍ୱନ କଲ୍ୟାଣ ବାଲିଯାତ୍ରା ସମ୍ବନ୍ଧିତ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା, ଏକ ଆନନ୍ଦର ବିଷୟ। ଚଳିତ ବାଲିଯାତ୍ରାକୁ ଅଧିକରୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବାଲିଯାତ୍ରା ପାଇଁ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ କହିଥିଲେ।

# 'ନୂଆ ଶିଖରରେ ପହଞ୍ଚିବ ଗାଁ ବିକାଶ'



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କର ଗ୍ରାମାଭିମୁଖୀ ମହତ୍ୱକାଂକ୍ଷୀ ଯୋଜନା 'ଆମ ଓଡିଶା ନବୀନ ଓଡିଶା' ମାଧ୍ୟମରେ ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଆରମ୍ଭ ହୋଇଛି ଅଭିଯାନ। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଞ୍ଚାୟତ, ପ୍ରତି ଗାଁ। ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ପଞ୍ଚମ ଦିନରେ ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା। ଏଥିପାଇଁ ଖୋର୍ଦ୍ଧା ଜିଲ୍ଲାର ୭ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୯୫ କୋଟି ଟଙ୍କା। ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା – ଜୟଦେବ, ଭୁବନେଶ୍ୱର ଉତ୍ତର, ଏକାମ୍ର ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା ଓ ଚିଲିକା। ଏହିସବୁ ନିର୍ବାଚନମଣ୍ଡଳୀର ୧୦ଟି ବ୍ଲକ୍‌ରେ ୧୯୦ଟି ଗ୍ରାମ ପଞ୍ଚାୟତରେ ୨୭୬୩ଟି ପ୍ରକଳ୍ପ ହେବ। ସେହିପରି ଜଗତସିଂହପୁର ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀ ପାଇଁ ୯୯ କୋଟି ଟଙ୍କା ମଂଜୁର ହୋଇଛି। ଏହିସବୁ ନିର୍ବାଚନମଣ୍ଡଳୀ ଗୁଡିକ ହେଲା – ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା ଓ ଜଗତସିଂହପୁର। ଏଥିରେ ୮ଟି ବ୍ଲକ୍‌ର ୧୯୮ଟି ଗ୍ରାମପଞ୍ଚାୟତରେ ୨୯୨୨ଟି ପ୍ରକଳ୍ପ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ଜରିଆରେ ଓଡିଶାର ସଂସ୍କୃତିର ମୂଳ ଭିତ୍ତିକୁ ସୁଦୃଢ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡିଶା ଗଠନ ପାଇଁ ଏହା ହେବ ମୂଳ ଭିତ୍ତି। ଆମର ସୁଦୃଢ ସାଂସ୍କୃତିକ ଭିତ୍ତିଭୂମିରୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗ୍‌ବଳୟକୁ ଛୁଇଁବା ନିମନ୍ତେ ନୂଆ ଓଡିଶା ତାର ଡେଣାକୁ ଆହୁରି ପ୍ରସାରିତ କରି ନୂଆ ଶିଖରରେ ପହଞ୍ଚିବ ଏବଂ ଆମେ ଗଢିବା ନୂଆ ଓଡିଶା ନବୀନ ଓଡିଶା। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହେବ ଆଧୁନିକ ଓଡିଶାର ପରିଚୟ। ଓଡିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ନୂଆ ଓଡିଶାରେ ଆମର ଭିତ୍ତିଭୂମି ହେବ ସୁଦୃଢ ଓ ଡେଣା ହେବ ଶକ୍ତ ଏବଂ ଆକାଂକ୍ଷୀ ଓଡିଶା ପରିକଳ୍ପନା ପାଇବ ସାକାର ରୂପ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଆଜିର କାର୍ଯ୍ୟକ୍ରମ ପାଇଁ ଖୋର୍ଦ୍ଧା ଜିଲ୍ଲାର ୭ଟି ଓ ଜଗତସିଂହପୁର ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା। ୫ଟି ତଥା ନବୀନ ଓଡିଶା ଅଧକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଥିଲେ। ୫ଟି ତଥା ନବୀନ ଓଡିଶା ଅଧକ୍ଷ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ 'ଆମ ଓଡିଶା ନବୀନ ଓଡିଶା'କାର୍ଯ୍ୟକ୍ରମ ଜରିଆରେ ସବୁ ଗାଁରେ ରୂପାନ୍ତର ଆଣିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ସରକାରୀ ହସ୍ପିଟାଲ ଯେପରି ବେସରକାରୀ ହସ୍ପିଟାଲ ଭଳି ଆଧୁନିକ ଚିକିତ୍ସା ଯୋଗାଇ ଦେବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଆମ ହସ୍ପିଟାଲ ଯୋଜନା ଆରମ୍ଭ କରିଛନ୍ତି। ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନ ଗୁଡିକରେ ମଧ୍ୟ ରୂପାନ୍ତର କାର୍ଯ୍ୟକ୍ରମ ଚାଲିଛି। ଗାଁ ଗାଁରେ ସବୁ କାମକୁ ଆମେ ଠିକ୍ ସମୟରେ ସ୍ୱଚ୍ଛତାର ସହ କରି ରୂପାନ୍ତର ଆଣିବା ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡା, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସାଂସଦ ମାନସ ମଙ୍ଗରାଜ, ବିଧାୟକ ତଥା ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଧାୟକ ଅରବିନ୍ଦ ଢାଲି, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର , ବିଧାୟକ ସୁଶାନ୍ତ ରାଉତ, ବିଧାୟକ ରଘୁନନ୍ଦନ ଦାସ, ବିଧାୟକ ବିଜୟ ଶଂକର ଦାସ, ବିଧାୟକ ସମ୍ବିତ ରାଉତରାୟଙ୍କ ସମେତ ଜିଲ୍ଲାପରିଷଦ ସଭାପତି, ସଦସ୍ୟଗଣ, ବ୍ଲକ ଚେୟାରମ୍ୟାନ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସୀ ମାଧ୍ୟମରେ ଆଲୋଚନାରେ ଭାଗ ନେଇ ଗାଁ ଗାଁ ରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଥିଲେ। ସେମାନେ କହିଥିଲେ ଯେ ଗତ ୨୩ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ଓଡିଶାରେ ଚାଲିଛି ନିରନ୍ତର ବିକାଶ। ଆଜି ଓଡିଶାରେ ବିକାଶର ମାନଚିତ୍ର ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି ବୋଲି ସେମାନେ କହିଥିଲେ। ୫ଟି ସଚିବଙ୍କ ଗସ୍ତ ଯୋଗୁ ଜିଲ୍ଲାସ୍ତରରେ ବିକାଶ ତ୍ୱରାନ୍ୱିତ ହେବା ସହିତ ଅନେକ ଦିନରୁ ପଡି ରହିଥିବା ସମସ୍ୟା ଗୁଡିକ ମଧ୍ୟ ଦୂର ହୋଇଛି ବୋଲି ସେମାନେ କହିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୦ ଅକ୍ଟୋବର - ୫ ନଭେମ୍ବର, ୨୦୨୩

# ଦୋମୁହାଁ ପାକିସ୍ତାନ

ସମ୍ପାଦକୀୟ

ତାରକ ମହାନ୍ତି



ଚଳିତ ବିଶ୍ୱ କପ କ୍ରିକେଟରେ ବାରମ୍ବାର ପରାଜୟବରଣ କରୁଥିବା ପାକିସ୍ତାନ ଏବେ ଉଡ଼ାଜାହାଜ ଉଡାଣ ବନ୍ଦ କରିବାକୁ ବାଧ୍ୟ ହୋଇଛି। ୩ଶହରୁ ଉର୍ଦ୍ଧ୍ୱ ବିମାନ ଇନ୍ଧନ ଅଭାବରୁ ଗତ ଏକ ସପ୍ତାହ ହେଲା ଆଉ ବିଦେଶକୁ କିମ୍ବା ଦେଶ ଭିତରେ ବିମାନ ଉଡାଇବାକୁ ସକ୍ଷମ ହୋଇପାରୁନି। ଏହାର ମୂଳ କାରଣ ପାକିସ୍ତାନ ଷ୍ଟେଟ ଅଏଲ ବା ପିଏସଓ ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟାରଲାଇନ୍ସ ବା ପିଆଇଏକୁ ତୈଳ ଯୋଗାଇବା ବନ୍ଦ କରିଦେଇଛି। ଏକେତ ଦେଶରେ ସ୍ଥିତି ଦୁର୍ବଳ ଥିଲା ବେଳେ ଏହି ଏୟାରଲାଇନ୍ସ ମଧ୍ୟ ଦେବାଳିଆ ହୋଇପଡିଛି। ବନ୍ଦ ପଡ଼ିଥିବା ତିନିଶହରୁ ଉର୍ଦ୍ଧ୍ୱ ବିମାନ ମଧ୍ୟରେ ଦେଢ଼ଶହରୁ ଅଧିକ ଅନ୍ତର୍ଜାତୀୟ ବିମାନ ରହିଛି। ବିଭିନ୍ନ ଦେଶକୁ ଦେବାକୁ ଥିବା ଅର୍ଥ ପିଆଇଏ ପରିଶୋଧ କରିପାରୁନି। ତାମାଧ୍ୟରେ ମାଲେସିଆ ଓ ଦୁବାଇ ଭଳି ଦେଶ ଅଛନ୍ତି। ତେବେ ପିଆଇଏ ଦେବାଳିଆ ହେବାର ପ୍ରମୁଖ କାରଣ କଣ? କାରଣ ଏଇଆ ଯେ ପାକିସ୍ତାନ ଏଭଳି ଏକ ଦେଶ ଯେଉଁଠି ପ୍ରତ୍ୟେକ କାର୍ଯ୍ୟରେ ବ୍ୟାପକ ଜାଲିଆତି ଓ ଭ୍ରଷ୍ଟାଚାର। ଏଠାରେ ବିମାନ ଚାଳକ ମଧ୍ୟ ନକଲି କାଗଜାତ ଦେଇ ନିଯୁକ୍ତି ପାଇଛନ୍ତି। କେବଳ ଏତିକିରେ ପିଆଇଏର ଜାଲିଆତି ସରିନି। ବରଂ ପିଆଇଏରେ ବ୍ୟାପକ ପ୍ରିୟାପ୍ରୀତି କାରଣ ମଧ୍ୟ ଏଥିପାଇଁ ଦାୟୀ। ମାନବ ସମ୍ବଳ ନିଯୁକ୍ତି କ୍ଷେତ୍ରରେ ଅନାବଶ୍ୟକ ନିଯୁକ୍ତି କାରଣରୁ ଏହି ଏୟାରଲାଇନ୍ସ ବେତନ ଦେଇ ଦେଇ ମଧ୍ୟ ଦେବାଳିଆ। ହେଲେ ଏତେସବୁ ସତ୍ତ୍ୱେ ପାକିସ୍ତାନୀ ନେତା ଭାରତ ବିରୋଧୀ ବୟାନରୁ ବିରତି ନେଇନାହାନ୍ତି କିଛିବର୍ଷ ହେବ ପାକିସ୍ତାନର ପୂର୍ବ ପ୍ରଧାନମନ୍ତ୍ରୀ ନବାଜ ସରିଫ ଦେଶ ଛାଡି ବିଦେଶରେ ଥିଲେ। ଆଗକୁ ପାକିସ୍ତାନରେ ସାଧାରଣ ନିର୍ବାଚନ। ତେଣୁ ଗତ ସପ୍ତାହରେ ସରିଫ ବିଦେଶ ଛାଡି ନିଜ ଦେଶରେ ପହଞ୍ଚିଛନ୍ତି। ତାଙ୍କ ସ୍ୱାଗତ ପାଇଁ ସରିଫ ନିଜ ଟଙ୍କାରେ ଉଡ଼ାଜାହାଜ ଭଡା କରି ନିଜ ଉପରେ ଫୁଲ ବର୍ଷା କରିଥିଲେ। କିନ୍ତୁ ପ୍ରଶ୍ନ ଉଠୁଛି ଯେଉଁ ଦେଶର ଜନତା ଅଟା ପାଇଁ ଧାଡି ଦେଉଛନ୍ତି, ଅତ୍ୟାବଶକୀୟ ସାମଗ୍ରୀ ଓ ଔଷଧ ପାଇଁ ମୁଣ୍ଡ ପିଟୁଛନ୍ତି, ଋଣ ପାଇଁ ଦେଶ -ଦେଶ ବୁଲୁଛନ୍ତି ଏବଂ ବିଶ୍ୱ ବ୍ୟାଙ୍କ, ଆଇଏମଏଫ ନିକଟରେ ଗୁହାରି କରୁଛନ୍ତି ସେ ଦେଶର ନେତା ଏତେ ଧନୀ କିପରି? ଅସଲ କଥାଟି ଏଇଠି ରହିଛି, ପାକିସ୍ତାନ ଏଭଳି ଏକ ଦେଶ ଯେଉଁ ଦେଶର ନେତା ଭ୍ରଷ୍ଟାଚାର କରି ଦେଶକୁ ଲୁଣ୍ଠନ କରି ବିଦେଶରେ ବିଳାସପୂର୍ଣ୍ଣ ଜୀବନ ବିତାନ୍ତି। ଜିହାଦ ନାଁରେ ମଣିଷର ରକ୍ତରେ ହୋରି ଖେଳୁଥିବା ଏକ ବିଚିତ୍ର ମାନସିକତାର ଦେଶ ପାକିସ୍ତାନ ଅସଂଖ୍ୟ ଛୋଟ ଛୋଟ ବୟାନବାଜି କରିବାର ଅଭ୍ୟାସ ରଖିଛି। କିଛି ନା କିଛି ମିଛ ବିବୃତି ଦେଇ ନିଜ ଦେଶର ଲୋକଙ୍କୁ ବୋକା ବନାଇବାରେ ପାକ ନେତା ମାହିର ବା ସିଦ୍ଧହସ୍ତ। ତେଣୁ ପାକିସ୍ତାନ ମାଟିରେ ପାଦ ରଖୁ ରଖୁ ସରିଫ ଏଭଳି କିଛି ହାସ୍ୟାସ୍ପଦ ବୟାନ ଜରିଆରେ ନିଜ ଦେଶର ଲୋକଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଭାରତ ସହିତ ବନ୍ଧୁତା ହେବା ଦରକାର। କାଶ୍ମୀର ପ୍ରସଙ୍ଗ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ। ପାକିସ୍ତାନ - ବାଙ୍ଗଲାଦେଶ କରିଡର ହୋଇପାରିଲେ ପାକିସ୍ତାନ ଏହାର ଭରପୁର ଫାଇଦା ପାଇବ। ଏହି କରିଡର ଭାରତ ମଧ୍ୟଦେଇ ଯିବ। ଏଭଳି ଅନେକ ଡାହାମିଛ କହି ସେ ତାଙ୍କ ଉପସ୍ଥିତି ପାକିସ୍ତାନରେ ଜଣାଇଛନ୍ତି। ଏଥିସହିତ ମୁକ୍ତ ବିଦେଶ ନୀତି ସମ୍ପର୍କରେ ମଧ୍ୟ କହିଛନ୍ତି। ପ୍ରଶ୍ନ ଉଠୁଛି, ଭାରତ କେବେ ସରିଫଙ୍କୁ ବନ୍ଧୁତା କରିବାର ହାତ ବଢ଼େଇଛି କି? ଯେଉଁ ଦେଶ ଭାରତରେ ଆତଙ୍କ ସୃଷ୍ଟି କରି ଧନ ଜୀବନ ନଷ୍ଟ କରିଚାଲିଛି, ଜାତିସଂଘରେ କାଶ୍ମୀରକୁ ନେଇ ମିଥ୍ୟା ତଥ୍ୟ ଉତ୍ଥାପନ କରୁଛି, ଧର୍ମଯୁଦ୍ଧ ନାଁରେ ଆତଙ୍କବାଦୀ ତିଆରି କରୁଛି ସିଏ କିପରି ଭାରତର ବନ୍ଧୁ ହୋଇପାରିବ! ଅନ୍ୟକଥା ହେଉଛି, ମୁକ୍ତ ବିଦେଶ ନୀତି ପ୍ରସଙ୍ଗ, ପାକିସ୍ତାନ ସରକାର ସେନା ଦ୍ୱାରା ଏକ କାଠ କଣ୍ଢେଇ ମାତ୍ର ଯିଏ ସେନାର ନିର୍ଦ୍ଦେଶ ମାନେ ଓ ଚୀନ ଠାରୁ ଋଣ ନେଇ ଉତ୍ସବ ମନାଏ। ତେଣୁ ଏଭଳି ଏକ ଦେଶର ବିଦେଶ ନୀତିରେ ସ୍ୱାଧୀନତା ଆସିବ କିପରି! ଯେଉଁଠି ବିଶ୍ୱରେ ଭାରତ ଏକ ସମୃଦ୍ଧ ରାଷ୍ଟ୍ର ଓ ଏହାର ବିଦେଶ ନୀତି ଅତ୍ୟନ୍ତ ବଳିଷ୍ଠ ଏବଂ ଏହା ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବେ ଜଣାଶୁଣା। ମାନବିକତା ଉପରେ ବିଶ୍ୱାସ କରୁଥିବା ରାଷ୍ଟ୍ରର ନାମ ହେଉଛି ଭାରତ। ଯିଏ କେବେ ହିଂସାରେ ବିଶ୍ୱାସ କରେନାହିଁ। ଏଭଳି ସ୍ଥିତିରେ ସରିଫଙ୍କ ବୟାନରେ ଏଭଳି କିଛି ନୂତନତା ନାହିଁ ଯେ ଭାରତବାସୀ ଏହାକୁ ସ୍ୱାଗତ କରିବେ। ତେଣୁ ପାକିସ୍ତାନ ଚିରକାଳ ଦୋମୁହାଁ ନୀତି ନେଇ ଦୁନିଆ ଆଗରେ ହାତ ପାତିବାକୁ ବାଧ୍ୟ ହେବ।

# ଇସ୍ରାଏଲ୍ ପାଲେଷ୍ଟାଇନ ବିବାଦ ଉପରେ ଭାରତର ଆଭିମୁଖ୍ୟ



ଅସିତ ମହାନ୍ତି

ଇସ୍ରାଏଲ ସେନା ଏବଂ ହମାସ୍ ମଧ୍ୟରେ ଯୁଦ୍ଧ ଚାଲିଛି। ହମାସର ଆକସ୍ମିକ ଆକ୍ରମଣର ଜବାବରେ ଇସ୍ରାଏଲ ଲଗାତାର ଗାଜାକୁ ରକେଟ୍ ଆକ୍ରମଣ କରୁଛି। ଏହି ସମୟରେ, ୧୯୭୭ ରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଭାଷଣର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତାଙ୍କ ଅଭିଭାଷଣରେ ସେ କହିଛନ୍ତି ଯେ ଇସ୍ରାଏଲ ଦ୍ୱାରା ଅଧିକୃତ ଆରବ ଜମିକୁ ଖାଲି କରିବାକୁ ପଡ଼ିବ।୧୯୭୭ ମସିହାରେ ପ୍ରସାର ଭାରତୀର ଏକ ଭିଡିଓରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ବାଜପେୟୀ ତଥା ଭାରତୀୟ ଜନତା ପାର୍ଟି (ବିଜେପି) ନେତା ଅଟଳ ବିହାରୀ ବାଜପେୟୀ ପ୍ରାୟ ଚାଳିଶ ବର୍ଷ ପୂର୍ବେ ଏକ ରାଲିରେ ପାଲେଷ୍ଟାଇନକୁ ସମର୍ଥନ କରି ଇସ୍ରାଏଲକୁ 'ଜମି ଖାଲି କରିବାକୁ' ଦାବି କରିଥିଲେ। ବାଜପେୟୀ ଭାଷଣ ଦେଉଥିବା ବେଳେ ଶୁଣାଯାଏ, ଯେତେବେଳେ ସେ କହିଥିଲେ 'ଆକ୍ରମଣକାରୀ, ଆକ୍ରମଣ'ର ଫଳ ଉପଭୋଗ କରନ୍ତୁ ,ଏହା ଆମ ସମ୍ବଧରେ, ଆମକୁ ସ୍ୱୀକାର ନୁହେଁ। ତେଣୁ ଯେଉଁ ନିୟମ ଆମ ପାଇଁ ପ୍ରଯୁଜ୍ୟ, ସେହି ନିୟମ ଅନ୍ୟମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ଆରବ ମାନଙ୍କର ଜମି ଖାଲି ହେବା ଉଚିତ୍। ଯେଉଁମାନେ ପରୋପକାରୀ, ସେମାନଙ୍କର ଉଚ୍ଚ ଅଧିକାର ପ୍ରତିଷ୍ଠିତ ହେବା ଉଚିତ୍। ସୋଭିଏତ୍ ଋଷ, ଆମେରିକା ଦ୍ୱାରା ଇସ୍ରାଏଲର ଅସ୍ତିତ୍ୱ ଗ୍ରହଣ କରାଯାଇଛି, ଆମେ ମଧ୍ୟ ଏହାକୁ ଗ୍ରହଣ କରିଛୁ। ଦିବଙ୍ଗତ ପ୍ରଧାନମନ୍ତ୍ରୀ ବାଜପେୟୀ ମଧ୍ୟ ଦଶନ୍ଧି ଧରି ହିଂସାକାଣ୍ଡରେ ଶାନ୍ତି ପ୍ରତିଷ୍ଠା ର କଥା କହିଥିଲେ। "ମଧ୍ୟ ପୂର୍ବର ଏକ ସମାଧାନ ଖୋଜିବାକୁ ହେବ ଏବଂ ଏହା ନିଶ୍ଚୟ ମିଳିବ ଯାହା ଆକ୍ରୋଶକୁ ଶେଷ କରିବ ଏବଂ ସ୍ଥାୟୀ ଶାନ୍ତିର ମୂଳଦୁଆ ସୃଷ୍ଟି କରିବ।

ଏହି ଭିଡ଼ିଓଟି ଏଇଥିପାଇଁ ଭାଇରାଲ ହେଉଛି, କାରଣ ବର୍ତ୍ତମାନ ଇସ୍ରାଏଲ ଏବଂ ହାମାସ ମଧ୍ୟରେ ଲାଗିଥିବା ଯୁଦ୍ଧରେ, ଭାରତ ଇସ୍ରାଏଲ ପକ୍ଷରେ ନିଜର ବକ୍ତବ୍ୟ ରଖିଛି। ଯଦିଓ ଏହି ବକ୍ତବ୍ୟ ଏକ କୂଟନୀତିକ ବକ୍ତବ୍ୟ, ଯେଉଁଥିରେ ଭାରତ ଆତଙ୍କବାଦକୁ ବିରୋଧ କରୁଛି। ଯଦିଓ ଆତଙ୍କବାଦ କାହିଁକି ଏବଂ ଏହା ପଛରେ ଉଦ୍ଦେଶ୍ୟ କଣ , ତାହା ଏକ ଅଲଗା ଚର୍ଚ୍ଚା। ଅର୍ଥାତ ପାଲେଷ୍ଟାଇନ ରେ ଏହି ଆତଙ୍କୀ ସଂଗଠନ କାହିଁକି ସୃଷ୍ଟି ହେଲା ଏବଂ ଏହା ପଛରେ କାହାର ହାତ ଅଛି। ଯେହେତୁ ଭାରତ ପୁରା ବିଶ୍ୱରେ ଆତଙ୍କବାଦକୁ ନେଇ ଏକ ପରିବେଶ ସୃଷ୍ଟି କରୁଛି, ତେଣୁ ଭାରତ ପାଇଁ ଏହା ବାଧ୍ୟତା ଯେ ସେ ପାଲେଷ୍ଟାଇନକୁ ବିରୋଧ କରିବ। ଏହା ଯଦି ନହୁଏ ତେବେ ପୁରା ବିଶ୍ୱ ଭାରତକୁ କାଠ ଘଡାରେ ଛିଡା କରିବ। ତେଣୁ ଭାରତ ସମସ୍ୟାର ଜଡ଼ାକୁ ନଯାଇ ନିଜର ରକ୍ଷା ପାଇଁ ଆତଙ୍କବାଦ ବିରୋଧରେ ନିଜର ବକ୍ତବ୍ୟ ରଖୁଛି। ସେ ସ୍ପଷ୍ଟ ଭାବେ ପାଲେଷ୍ଟାଇନ ପକ୍ଷରେ ବୟାନ ଦେଇପାରିନାହିଁ। ସେହି କାରଣରୁ, ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ ପ୍ରସଙ୍ଗରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଏହି ପ୍ରସଙ୍ଗରେ ଆମର ନୀତି ଦୀର୍ଘକାଳୀନ ଏବଂ ସ୍ଥିର ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗଚି କହିଛନ୍ତି, 'ପାଲେଷ୍ଟାଇନ ଉପରେ ଭାରତର ନୀତି ଦୀର୍ଘ ଦିନରୁ ସମାନ ରହିଛି। ଭାରତ ସର୍ବଦା ବୁଝାମଣା ମାଧ୍ୟମରେ ଏକ ସ୍ୱାଧୀନ ତଥା ସାର୍ବଭୌମ ପାଲେଷ୍ଟାଇନ ସୃଷ୍ଟି କରିବାକୁ ପ୍ରୋତ୍ସାହିତ କରିଆସୁଛି। ଭାରତର ସ୍ଥିତି ଏବେ ମଧ୍ୟ ସମାନ ରହିଛି। ଅରିନ୍ଦମ ବାଗଚି ଆହୁରି ମଧ୍ୟ କହିଛନ୍ତି ଯେ ହାମାସ ଦ୍ୱାରା ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣ ଭାରତ ଏହାକୁ ଆତଙ୍କବାଦୀ ଆକ୍ରମଣ ଭାବେ ଦେଖୁଛି।' ଇସ୍ରାଏଲ ପାଇଁ ଭାରତର ସମର୍ଥନ ମଧ୍ୟ ପୂର୍ବ ଦିଗରେ ଏହାର କୂଟନୈତିକ ନୀତିକୁ ସୂଚିତ କରେ। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଇସ୍ରାଏଲରେ ଚାଲିଥିବା ପରିସ୍ଥିତି ସମ୍ପର୍କରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଫୋନ୍ କଲ ପରେ ମୋଦୀ ଏକ ବିବୃତ୍ତି ଜାରି କରି ଯେକୌଣସି ଆତଙ୍କବାଦକୁ ନିନ୍ଦା କରିଛନ୍ତି।

ଯଦି ଆମେ ଭାରତ ଏବଂ ଇସ୍ରାଏଲ ସମ୍ପର୍କକୁ ବୁଝିବା ପାଇଁ ଟିକେ ପଛକୁ ଯିବା, ତେବେ ଦେଖିବା - ସେପ୍ଟେମ୍ବର ୧୭, ୧୯୫୦ ରେ ଭାରତ ଆନୁଷ୍ଠାନିକ ଭାବରେ ଇସ୍ରାଏଲକୁ ସ୍ୱୀକୃତି ଦେଲା। ଏହାର କିଛି ସମୟ ପରେ ଯୁହୁଦୀ ଏଜେନ୍ସି ବମ୍ବେରେ ଏକ ଇମିଗ୍ରେସନ କାର୍ଯ୍ୟାଳୟ ପ୍ରତିଷ୍ଠା କଲା। ଏହା ପରେ ଏକ ବାଣିଜ୍ୟ କାର୍ଯ୍ୟାଳୟରେ ଏବଂ ପରବର୍ତ୍ତୀ ସମୟରେ ଏକ କନସୁଲେଟରେ ରୂପାନ୍ତରିତ ହେଲା। ୧୯୯୯ରେ କାର୍ଗିଲ ଯୁଦ୍ଧ ସମୟରେ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ସାମରିକ ସହଯୋଗ ଏକ ନୂତନ ସ୍ତରରେ ପହଞ୍ଚିଥିଲା। ଏକଥା ଭାରତ କଦାପି ଭୁଲିପାରିବ ନାହିଁ . ଇସ୍ରାଏଲ ଭାରତକୁ ମୋର୍ଟାର ଏବଂ ଆଣ୍ଟି ମୋର୍ଟାର ଉପକରଣ ଦେଇଥିଲା। ଏହା ବ୍ୟତୀତ ୧୯୬୫ ଏବଂ ୧୯୭୧ ମସିହାରେ ପାକିସ୍ତାନ ବିରୁଦ୍ଧରେ ହୋଇଥିବା ଯୁଦ୍ଧରେ ମଧ୍ୟ ଆରବ ଦେଶଗୁଡିକର ସମର୍ଥନ ପାଇ ନଥିଲା, ଯଦିଓ ଭାରତ ସେମାନଙ୍କ ନିକଟତର ଥିଲା। କିନ୍ତୁ ସେତେବେଳେ ଇସ୍ରାଏଲ ଭାରତକୁ ସାମରିକ ଉପକରଣ ଯୋଗାଇ ଦେଇଥିଲା। ଗତ ମାସରେ ସଂସଦରେ ଗାଜା ସଙ୍କଟ ଉପରେ ବିତର୍କ ବେଳେ ବିଜେପି ସାଂସଦ ତରୁଣ ବିଜୟ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ତେବେ ଏହା ପରେ ମଧ୍ୟ ଦୁଇ ଦେଶ ମଧ୍ୟରେ ରାଜ ନୈତିକ ସମ୍ପର୍କ ଆରମ୍ଭ ହୋଇପାରି ନଥିଲା। ୧୯୮୪ ରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ଭାରତ-ଇସ୍ରାଏଲ ସମ୍ପର୍କକୁ ନୂଆ ଶକ୍ତି ଦେଇଥିଲା। ରାଜୀବ ଗାନ୍ଧୀ ନୂତନ ପ୍ରଧାନମନ୍ତ୍ରୀ ହୋଇଥିଲେ। ଭିଆଇପି ସୁରକ୍ଷା ପାଇଁ ଏସପିଜି ଏବଂ ଏନଏସଜି ଗଠନ କରାଯାଇଥିଲା। ରାହୁଲ ବେଦୀ (ପ୍ରତିରକ୍ଷା ବିଶେଷଜ୍ଞ)) କହିଛନ୍ତି ଯେ ଏହି ସୈନିକମାନଙ୍କୁ ଇସ୍ରାଏଲ ସୈନିକମାନଙ୍କର ତାଲିମ ଯେପରି ଦିଆଯାଏ ଠିକ ସେହିପରି ତାଲିମ ଦିଆଯାଇଥିଲା। ୧୯୯୯ କାର୍ଗିଲ ଯୁଦ୍ଧରେ ଇସ୍ରାଏଲର ସାହାଯ୍ୟ ପରେ ଭାରତ ଏବଂ ଇସ୍ରାଏଲ୍ ନିକଟତର ହୋଇଥିଲେ। ଇସ୍ରାଏଲ୍ ଭାରତକୁ ଏରୋଲ୍ ଡ୍ରୋନ୍, ଲେଜର ଗାଇଡ୍ ବୋମା, ଗୁଳି ଏବଂ ଅନ୍ୟାନ୍ୟ ଅସ୍ତ୍ର ସାହାଯ୍ୟରେ ସାହାଯ୍ୟ କରିଥିଲା। ବିଶ୍ଳେଷକଙ୍କ ଅନୁଯାୟୀ ପାକିସ୍ତାନର ଆଣବିକ ବୋମା ମଧ୍ୟ ଇସଲାମିକ ବୋମା ନାମରେ ଜଣାଶୁଣା। ଇସ୍ରାଏଲ୍ ଭୟ କରୁଛି ଯେ ଏହି ଆଣବିକ ବୋମା ଇରାନ କିମ୍ବା କୌଣସି ଇସଲାମବାଦୀ ଉଗ୍ରବାଦୀ ସଂଗଠନର ହାତରେ ପଡିପାରେ। ଇସ୍ରାଏଲ ନେତାମାନେ ଯୁକ୍ତି କରନ୍ତି ଯେ ଇସ୍ରାଏଲ ଭଳି ଭାରତର ପଡ଼ୋଶୀରେ ପରିସ୍ଥିତି ଭଲ ନୁହେଁ ଏବଂ ଉଭୟ ଦେଶ ପରସ୍ପରର ସମର୍ଥନ ଆବଶ୍ୟକ କରନ୍ତି। କିନ୍ତୁ ଏସିଆର ଦୁଇଟି ବଡ ଶକ୍ତି ମଧ୍ୟରେ ଏହି ଘନିଷ୍ଠତା ଅତ୍ୟନ୍ତ ରହସ୍ୟମୟ ମନେହୁଏ। ଉଭୟ ପକ୍ଷ ଏ ବିଷୟରେ କହିବାକୁ ଚାହାଁନ୍ତି ନାହିଁ। ଭାରତୀୟ ମୁସଲମାନମାନଙ୍କ ମଧ୍ୟରେ ଯୁହୁଦୀ ବିରୋଧୀ ଭାବନା ସୃଷ୍ଟି ହୋଇପାରେ ଏବଂ ଆରବ ଦେଶ ସହ ଭାରତର ସମ୍ପର୍କ ପ୍ରଭାବିତ ହୋଇପାରେ ବୋଲି ଏକ ଭୟ ରହିଛି। ମଧ୍ୟ ପୂର୍ବରେ ଲକ୍ଷ ଲକ୍ଷ ଭାରତୀୟ କାର୍ଯ୍ୟ କରନ୍ତି ଏବଂ ଏହାର ତୈଳ ରପ୍ତାନୀର ପ୍ରାୟ ୭୦% ପାଇଁ ଭାରତ ମଧ୍ୟ ଏହା ଉପରେ ନିର୍ଭର କରେ। ଅନ୍ୟପକ୍ଷରେ, ଭାରତ ଏବଂ ଇସ୍ରାଏଲ ମଧ୍ୟରେ ବାଣିଜ୍ୟ ଯାହା ୧୯୯୨ ରେ ମାତ୍ର ୨୦୦ ନିୟୁତ ଡଲାର ଥିଲା, ଆଜି ୬ ବିଲିୟନ ଡଲାରରେ ପହଞ୍ଚିଛି। ଭାରତ ଏବଂ ଇସ୍ରାଏଲ ମଧ୍ୟରେ ପ୍ରତିରକ୍ଷା କାରବାରର ମୂଲ୍ୟ ହେଉଛି ଏକ ବିଲିୟନ ଡଲାର। ଏଭଳି ପରିସ୍ଥିତିରେ ଭାରତର କେଉଁ ବିକଳ୍ପ ଅଛି? ରାହୁଲ ବେଦୀ କୁହନ୍ତି, ଇସ୍ରାଏଲ୍ ଗଠନ ପରେ ଅନେକ ଦେଶ ସହ ଏହାର ସମ୍ପର୍କ ଗୁପ୍ତ ରହିଛି। ଭାରତ-ଇସ୍ରାଏଲ ସମ୍ପର୍କ ମଧ୍ୟ ସମାନ ବର୍ଗରେ ଅଛି। ଭାରତ ଆଗରେ ଯାହା ବି ବିକଳ୍ପ ହେଉ, ନିଷ୍ପତ୍ତି ନେବା ସହଜ ହେବ ନାହିଁ। ଏହା ଧ୍ୟାନ ଦେବା ଜରୁରୀ ଯେ ଇସ୍ରାଏଲ ପାଇଁ ଭାରତର ସମର୍ଥନ ପାଲେଷ୍ଟାଇନ ପାଇଁ ସମର୍ଥନ ଅଭାବରୁ ନୁହେଁ। ମଧ୍ୟପ୍ରାଚ୍ୟ ନୀତିରେ ଭାରତ ଏକ ସନ୍ତୁଳିତ ଆଭିମୁଖ୍ୟ ବଜାୟ ରଖିଛି। ଉଭୟ ଇସ୍ରାଏଲ ଏବଂ ପାଲେଷ୍ଟାଇନର ଅଧିକାର ଏବଂ ଆକାଂକ୍ଷାକୁ ଚିହ୍ନିବା। ବୁଝାମଣା ମାଧ୍ୟମରେ ଇସ୍ରାଏଲ-ପାଲେଷ୍ଟାଇନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ କ୍ରମାଗତ ଭାବରେ ଓକିଲାତି କରିଛି ଏବଂ ଦୁଇ ରାଜ୍ୟ ସମାଧାନକୁ ସମର୍ଥନ କରିଛି। ବର୍ତ୍ତମାନ ପ୍ରଶ୍ନ ହେଉଛି - ଖୋଲା ଖୋଲି ଭାବେ ଭାରତ ପାଲେଷ୍ଟାଇନ ପକ୍ଷରେ ନିଜର ବିବୃତ୍ତି ଦେବା ସମ୍ଭବ ନୁହେଁ। ଭାରତ ତାର କୂଟନୀତିକୁ ଏଠାରେ ପ୍ରୟୋଗ କରିଛି . ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ - ଭାରତ ପାଲେଷ୍ଟାଇନେ କୁ ଏକ ଆତଙ୍କବାଦୀ ଦେଶ ବୋଲି ବିବେଚନା କରିନାହିଁ, ବରଂ ଭାରତ ସମସ୍ତ ପ୍ରକାର ଆତଙ୍କବାଦୀ ଗତିବିଧିକୁ ବିରୋଧ କରେ ବୋଲି କହିଛି। ଯଦି ଖୋଲା ଖୋଲି ଭାବେ ବିବୃତ୍ତି ଦିଏ ତାହେଲେ, ଇସ୍ରାଏଲ ସହିତ ଭାରତର ଆର୍ଥିକ ଏବଂ ଉନ୍ନତ ଯୁଦ୍ଧ ସମ୍ବନ୍ଧିତ ଜ୍ଞାନ କୌଶଳର ଯେଉଁ ଭାଗିଦାରୀ ରହିଛି ତାହା ସମାପ୍ତ ହେବ। ଏହା ସହିତ ଉଭୟ ଦେଶ କୃଷି, ଜଳ ପରିଚାଳନା, ନବସୃଜନ ଏବଂ ଷ୍ଟାର୍ଟ ଅପ୍ ଭଳି କ୍ଷେତ୍ରଗୁଡିକରେ ଉଲ୍ଲେଖନୀୟ ଅଭିବୃଦ୍ଧିର ସାକ୍ଷୀ ରହିଛନ୍ତି। ଏହି କ୍ଷେତ୍ରରେ ସହଯୋଗ ଉଭୟ ଦେଶକୁ ଆର୍ଥିକ ଏବଂ ବୈଷୟିକ ଦୃଷ୍ଟିରୁ ଉପକୃତ କରିଛି। ବର୍ତ୍ତମାନ ପରିସ୍ଥିତିରେ ଭାରତକୁ ଆଉ ଏକ ବିବୃତି ଦେବା ଉଚିତ ଏବଂ ତାହା ହେଉଛି - ପାଲେଷ୍ଟାଇନ ଏବଂ ଇସ୍ରାଏଲ ମଧ୍ୟରେ ଲାଗିଥିବା ଯୁଦ୍ଧ ପରିସ୍ଥିତିକୁ ଏଡ଼ାଇବା ପାଇଁ ଜାତିସଂଘକୁ ଆଗକୁ ଆସିବା ପ୍ରୟୋଜନ। କାରଣ ଜାତିସଂଘକୁ ଭଲଭାବେ ଜଣା ଯେ ଏହି ଦୁଇ ଦେଶ ମଧ୍ୟରେ ଲଗାତାର ଯୁଦ୍ଧର କାରଣ କଣ?

*ସୁଜନପୁର , ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# ଆଜିବି ଅପେକ୍ଷାରେ

ଦେବସ୍ମିତା ବିଶ୍ୱାଳ



ସ୍ୱାଧୀନତା-ପରାଧୀନତା ଏଦୁଇ ବିପରୀତ ବୋଧକ ଶବ୍ଦ। ଏହି ଶବ୍ଦ ଦୁଇଟି ପ୍ରାୟ ସମସ୍ତଙ୍କ ନିକଟରେ ଜଣାଶୁଣା। ସମସ୍ତେ ଚାହାଁନ୍ତି, ସ୍ୱାଧୀନ ହୋଇ ଜୀବନ ବିତାଇବାକୁ। ଯାହାକୁ ପାଇବା ପାଇଁ ଭାରତମାତା କଠିନ ତପସ୍ୟା କରିଥିଲା। ଭାରତବାସୀ ପରାଧୀନତାର ନାଗ ଫାଶାରୁ ମୁକ୍ତିଲାଭ କରିବା ପାଇଁ ବ୍ୟାକୁଳିତ ହୋଇପଡିଥିଲେ। ମାତ୍ର ସ୍ୱାଧୀନତାର ଯେଉଁ ସ୍ୱପ୍ନ ସ୍ୱପ୍ନ ଆମେ ଦେଖିଥିଲେ ତାହା କଣ ଫଳପ୍ରସୁ ହୋଇ ପାରିଛି! ଆମେମାନେ କ'ଣ ଆଜି ସତରେ ସ୍ୱାଧୀନ! ସ୍ୱାଧୀନତା ନାଁରେ ଯେଉଁଠି ଜଣେ ଭାରତୀୟ ନାରୀ ସ୍ପଷ୍ଟ ଦିବାଲୋକରେ ରାଜରାସ୍ତାରେ ମଧ୍ୟ ନିଜ ସୁରକ୍ଷା ପାଇଁ ଆର୍ତ୍ତ ଚିତ୍କାର କରେ। ସ୍ୱାଧୀନ ଭାବରେ ନିଜ ଇଚ୍ଛାରେ ଜୀବନ ବିତାଇବାକୁ ଯାଇ ଯେଉଁଠି ଋଷୀ ପୁଅ ଆତ୍ମହତ୍ୟା କରେ। ମା' ତାର ଜନ୍ମିତ ସନ୍ତାନକୁ ବିକିବାକୁ ପଛାଏ ନାହିଁ। ସେଠି ଆମେ ନିଜକୁ ସ୍ୱାଧୀନ ଭାବେ ମତପ୍ରଦାନ କରିବା, ଏକ ବାହୁଲ୍ୟମାତ୍ର। ସ୍ୱାଧୀନତ ଭାବେ ମତଦାନ କରିବାର ଅଧିକାର ଅଛି ବୋଲି କହିଦେଇ ବି ଭୋଟ ପୂର୍ବରୁ ଯେଉଁଠି ଘର ଘର ବୁଲି ଟଙ୍କା ବଣ୍ଟାଯାଏ, ଜିତିବା ପରେ ବହୁବିଧ ସ୍ୱପ୍ନ ଦେଖାଇ ନିରୀହ ଦରିଦ୍ର ମାନଙ୍କୁ ପାଦତଳେ ଦଳି ଦିଆଯାଏ। ଆସନ ଗାଦିରେ ବସି ଦେଶର ଉନ୍ନତି ବଦଳରେ ଦେଶକୁ ସମାଜରେ ଶୋଷଣକୁ ଏକନିଷ୍ଠ ତିନନ୍ତ୍ର କରାଯାଏ, କୋମଳମତି ଶିଶୁ ଯେଉଁମାନେ ଆଗାମୀ ଦିନର ଭବିଷ୍ୟତ, ସେମାନଙ୍କୁ ଶିଶୁ ଶ୍ରମିକ ଭାବେ ନିଯୁକ୍ତି ଦିଆଯାଏ। ସେଠି ଆମେ ଆଜି ସ୍ୱାଧୀନ ବୋଲି ଗର୍ବ ଅନୁଭବ କରୁ।

ବାସ୍ତବରେ ଆମର ପ୍ରାପ୍ତ ସ୍ୱାଧୀନତା ଏକ ମହାକାଳ ଫଳ ସଦୃଶ; ମାତ୍ର ଜାଣିପାରୁନାହିଁ। ଏପରି ସ୍ୱାଧୀନତାର ଅନ୍ତକେବେ ହେବ? ମାତ୍ର ଆମେ କହିଚାଲିଛେ ଆମେ ସ୍ୱାଧୀନ। ଆଉ ଏହା ଆମର ସ୍ୱାଧୀନତା...।

*ସାଲେପୁର*

# ମହିଳାଙ୍କ ସ୍ଥିତି ଓ ଆଜିର ସମାଜ



ଡ.ଅସୀମା ସାହୁ

ବିଗତ ଚାରି ପାଂଚ ବର୍ଷ ମଧ୍ୟରେ ଅନେକ ବାଦ ବିବାଦ ମଧ୍ୟରେ ରହିଛନ୍ତି ମହିଳା। ଯୌନ ନିର୍ଯ୍ୟାତନା, ମହିଳା ଶ୍ରମଶକ୍ତିର ଦ୍ରୁତ ହ୍ରାସ, ମନ୍ଦିର ପ୍ରବେଶ ପଥ ଉନ୍ମୁକ୍ତ ଥାଇ ମଧ୍ୟ ପ୍ରବେଶ ପାଇଁ ପ୍ରବଳ ବିରୋଧ, ଟ୍ରିପଲ୍ ତଲାକ୍ ଉଚ୍ଛେଦ ସହ ରାଜନୈତିକ ଅଭିସନ୍ଧିମୂଳକ ମହିଳା ସୁରକ୍ଷା ଓ ଯୋଜନାର ବିଭିନ୍ନ ସରଣୀ ଏଥିରେ ଅର୍ନ୍ତଭୁକ୍ତ। ଏହା ସହିତ ବେଟି ବଚାଓ ଓ ବେଟି ପଢ଼ାଅ, ସ୍ୱଚ୍ଛ ଭାରତ, ଉଜ୍ୱଳ ଯୋଜନା, ମାତୃବନ୍ଦନା ଯୋଜନା, ଗ୍ୟାସ ସଂଯୋଗୀକରଣ ପରି ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ହାହୋଲ୍ଲା ଓ ବିରୋଧାଭାସ। ଏସବୁ ସତ୍ତ୍ୱେ ଆଗାମୀ ନିର୍ବଚନରେ ମହିଳାମାନଙ୍କ ସଂଖ୍ୟା ପୁରୁଷମାନଙ୍କ ସମକକ୍ଷ ବା ତଦ୍‌ଉର୍ଦ୍ଧ୍ୱେ ହୋଇଯିବାର ଆଶା କରାଯାଉଛି। ସେଂଟ୍ରମ୍ ନାମକ ଏକ ବିଭିନ୍ନ ସେବା ସଂସ୍ଥା 'ଇଲେକ୍ସନ୍ -୨୦୧୯: ଦ ସ୍ୱିଙ୍ଗ୍ ଫ୍ୟାକ୍ଟର'ରେ ଏ କଥା ସ୍ପଷ୍ଟ କରି କହିଛନ୍ତି ଯେ, ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷଙ୍କ ତୁଳନାରେ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏଥିସହିତ ଅଧିକାଂଶ ମହିଳାଙ୍କ ମତଦାନ ନିଜ ପରିବାର ବା ଗୋଷ୍ଠୀର ଏକଚ୍ଛତ୍ରବାଦ ପ୍ରରୋଚନା କି ଚାପରେ ଆଗପରି ଚାଲିବାର ସମ୍ଭାବନା ମଧ୍ୟ କ୍ଷୀଣ ହୋଇଯାଉଛି।

ଯଦିଓ ନିର୍ବାଚନ ପଞ୍ଜିକରଣ ତାଲିକାରେ ପୁରୁଷ ମତଦାତାଙ୍କ ପରିସଂଖ୍ୟାନ ମହିଳାଙ୍କ ଅପେକ୍ଷା ଅଧିକ ତଥାପି ବିଭିନ୍ନ ସଶକ୍ତିକରଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ସେମାନଙ୍କର ରାଜନୈତିକ ସଂପୃକ୍ତିକୁ ଓ ମତଦାନର ଗୋଷ୍ଠୀଗତ ଇଚ୍ଛାକୁ ବେଶ୍ ପ୍ରଭାବିତ କରିଥିବାର ପରିଲକ୍ଷିତ ହେଉଛି। ନିର୍ବଚାନ ଆୟୋଗଙ୍କ ୨୦୧୮ ମତଦାନ ପାଇଁ ପଞ୍ଜିକରଣ ପରିସଂଖ୍ୟନକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଭାରତରେ ମୋଟ ୪୫୩,୯୪.୩୯୨ଜଣ ପୁରଷ ମତଦାନା ଥିବା ବେଳେ ୪୨.୧୪୧,୦୭୩ ଜଣ ମହିଳା ମତଦାଦା ଅଛନ୍ତି।

ମମତା ବାନାର୍ଜୀଙ୍କର ୪୧ପ୍ରତିଶତ ମହିଳା ପ୍ରାର୍ଥୀ ଚୟନ, ନବୀନ ପଟ୍ଟନାୟକଙ୍କ ଲୋକସଭା ଆସନ ପାଇଁ ୩୩ପ୍ରତିଶତ ମହିଳା ସଂରକ୍ଷଣ ଘୋଷଣା କରିସାରିଲେଣି। ଏପରିକି ସଂଖ୍ୟାଲଘୁ ମୁସଲମାନ ମହିଳା ସଂଗଠନ 'ନଫ୍‌ରତ କେ ଖିଲଫ- ବେଖୋପ୍ ଏଲାନ୍'ର ଇସ୍ତହାରକୁ ଗ୍ରହଣ କରି କାର୍ଯ୍ୟ କରୁଛନ୍ତି। ୱେମ୍ ମାର୍ଚ୍ଚ - ଇଣ୍ଡିଆ ନାମକ ସଂସ୍ଥା ସାରା ଭାରତବର୍ଷରେ ମହିଳା ମାନଙ୍କ ନିର୍ବଚାନରେ ଅଧିକ ଅଂଶଗ୍ରହଣ ଓ ଯୋଗଦାନକୁ ଆଖିରେ ରଖି ସଚେତନର କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି।

ମହିଳା ମତଦାତାଙ୍କ ସଂଖ୍ୟା ୭୧ ପ୍ରତିଶତ ଥିବାବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ୭୦ପ୍ରତିଶତ। ସେହିପରି ନିର୍ବାଚନ ଆୟୋଗଙ୍କ ଅନ୍ୟଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ୨୦୧୮ ମସିହା ନିର୍ବଚନରେ ସର୍ବାଧିକ ୮୮.୪୭ ପ୍ରତିଶତ ମହିଳା ମତାଦାତା ଲକ୍ଷଦ୍ୱୀପର ଥିବାବେଳେ ନାଗାଲାଣ୍ଡରେ ୮୭.୪୯ ପ୍ରତିଶତ ଓ ସିକିମ୍‌ରେ ୮୩.୮୮ ପ୍ରତିଶତ ଅଛନ୍ତି। ପୁଣି ଯଦି ୧୯୭୨ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଲୋକସଭା ନିର୍ବାଚନକୁ ଅନୁଧାନ କରାଯାଏ ତେବେ ମହିଳା ଭୋଟଦାତାଙ୍କ ସଂଖ୍ୟା ୨୦ ପ୍ରତିଶିତକୁ ବୃଦ୍ଧି ପାଇଥିବା ବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ମାତ୍ର ୫ ପ୍ରତିଶତ ବୃଦ୍ଧିପାଇଛି। ଏହି ଆକଳନରୁ ମହିଳାମାନଙ୍କର ନିର୍ବାଚନରେ ମତଦାତା ଭାବରେ ଯୋଗଦାନର ଇଚ୍ଛା ଓ ସ୍ପୃହାକୁ ଅନୁମାନ କରାଯାଇପାରେ।

ଆହୁରି ମଧ୍ୟ ନିର୍ବଚନ ରଣାଙ୍ଗନରେ ମହିଳା ଯୋଦ୍ଧାଙ୍କର ପ୍ରବେଶ ଓ ପ୍ରତିପତିକୁ ନେଇ ବେଶ୍ ଚର୍ଚ୍ଚା। ଅବଶ୍ୟ ଶକ୍ତିଶାଳୀ ମହିଳାମାନେ ବହୁବର୍ଷ ରାଜନୀତିରେ ନିଜର ନିଜର ପତିଆରା ବିସ୍ତାର କରିଆସୁଛନ୍ତି। ପ୍ରଥମ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସଫଳତାର ସହ ୧୯୬୬ ମସିହାରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇଛନ୍ତି। ସେହିପରି ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ କଥା ଆଲୋଚନା କଲେ ଓଡ଼ିଶାର ବିଗତ ଦିନର ନେତ୍ରୀ ନନ୍ଦିନୀ ଶତପଥି, ସରୋଜିନୀ ନାଇଡୁଙ୍କ କଥା ବେଶ୍ ସ୍ମରଣୀୟ। ଏବେ ବହୁଜନ ସମାଜପାର୍ଟିର ସୁପ୍ରିମୋ ମାୟାବତୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଦିଲ୍ଲୀ ଦରବାରର ଶୀଳା ଦିକ୍ଷିତ୍‌ଙ୍କ ଦୃଷ୍ଟାନ୍ତ ସାମ୍ନାକୁ ଆସେ। ଏହି ହାଇପ୍ରୋଫାଇଲ ମହିଳାମାମେ ରାଜନୀତିଠୁ ଉର୍ଦ୍ଧ୍ୱରେ ନିଜ ନିଜର ଇତିହାସ ରଚନା କରିସାରିଲେଣି।

କେତେକ ଦୃଷ୍ଟିରୁ ବିଚାର କଲେ ଆମ ପ୍ରାଚୀନ ବୈଦିକ ଯୁଗରେ ନାରୀମାନେ ଅସମ୍ଭବ ପ୍ରକାର ଜ୍ଞାନଗୁଣର ଅଧିକାରୀ ଥିଲେ। ବିଶ୍ୱାନାରା, ଗାର୍ଗୀ, ମୈତ୍ରେୟୀ, ଲୋପାମୁଦ୍ରା ଆଦି ବୈଦିକ ଯୁଗର ପ୍ରଜ୍ଞା ନାରୀ ପ୍ରତିଭାଙ୍କର ଭାବମୂର୍ତ୍ତୀ ଏବେ ଆମ ମନକୁ ବେଶ୍ ପ୍ରଚୋଦିତ କରେ। କହିବାକୁ ଗଲେ ଭାରତୀୟ ସାହିତ୍ୟ ସଂସ୍କୃତି, ଚିତ୍ରଗୀତ, ନୃତ୍ୟର ଛନ୍ଦେଛନ୍ଦେ ଏହି ନାରୀମାନେ ଯେ କେତେ ଉଚ୍ଚରେ ତା କଳ୍ପନା କରିବେହ ନାହିଁ। ତଥାପି ଏତେ ସୋପାନ ଅତିକ୍ରମ କରି ମଧ୍ୟ ନାରୀ ଏବେ ଅବହେଳିତ। ଅବଳା ଦୁର୍ବଳା କହି ତାକୁ ମାନସିକ ସ୍ତରରେ ଯେଉଁ ଆଘାତ ଦିଆଯାଉଛି ତାହା ଅସହନୀୟ। ତଥାପି ଚଳନ୍ତି ଦଶନ୍ଧିରେ କ୍ରୀଡ଼ା କ୍ଷେତ୍ରରେ ହେଉ, ଶିଳ୍ପପ୍ରଦାନ କ୍ଷେତ୍ରରେ, ଆକାଶ ବାହିନୀ, ସେନା ବାହିନୀରେ ନାରୀମାନଙ୍କ ଅସାଧ କାର୍ଯ୍ୟ ନୈପୁଣ୍ୟ ସାରା ବିଶ୍ୱକୁ ଚମତ୍କୃତ କରିଦେଇଛି। ଏହି ମହିଳାମାନଙ୍କ କାର୍ଯ୍ୟ କୁଶଳତାକୁ ଲକ୍ଷ୍ୟ ରଖି ପ୍ରବାଦ ପ୍ରଚଳିତ ଅଛି - 'ଘୋଡ଼ା ଚଢ଼ା ବାପ ପିଲାଙ୍କୁ ମଣିଷ କରିପାରେନି, ମା ସୂତା କାଟି ମଣିଷ କରେ'। ମା ହିଁ ପରିବାରର ସମସ୍ତ ଦାୟିତ୍ୱ ବହନ କରେ ଯଦିଓ ପରିବାରର ପ୍ରତିପୋଷଣ ପାଇଁ ପୁରୁଷ ଉପରେ ଯାହା ନିର୍ଭର କରାଯାଉଥିଲା ଏବେ ତାହା ଆଉ ନାହିଁ। ଚାକିରୀ କ୍ଷେତ୍ରରେ ମଧ୍ୟ ସେମାନେ ରୋଜଗାରକ୍ଷମ ହେଉଛନ୍ତି। କେହି କେହି ଆତ୍ମନିର୍ଭରଶୀଳ ହେବା ପାଇଁ ଉପଯୁକ୍ତ ପନ୍ଥା ବାଛି ନେଉଛନ୍ତି।

ଲୈଙ୍ଗିକ ଅସମାନତା ହେତୁ କେତେ ଯେ ମହିଳା ଦୁଃଖ କଷ୍ଟ ଭୋଗୁଛନ୍ତି ତାର ଇୟତା ନାହିଁ। ପ୍ରତିକ୍ଷଣ ସେ ଘରୋଇ ହିଂସାର ଶୀକାର ହୋଇ ଜୀବନ ହରାଇ ଦେଉଛି। ଏଥିପ୍ରତି କାହାର ତିଳେ ହେଲେ ଭୃକ୍ଷେପ ନାହିଁ। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସନ୍ଦେହ ରହିବା ଫଳରେ ଦାମ୍ପତ୍ୟଜୀବନ ସୁଖମୟ ହୋଇପାରୁ ନାହିଁ - ସମାଜର ଯାବତୀୟ କୁସଂସ୍କାର ଓ ଅନ୍ଧବିଶ୍ୱାସ ଯୋଗୁଁ ନାରୀଟିଏ କେତେ ଦହଗଞ୍ଜି ହେଉଛି ସେହିଁ କେବଳ ଜାଣେ।

ଏହି ପରିପ୍ରେକ୍ଷୀରେ ପୁରାଣ ବା ମହାଭାରତ ତତ୍ୱକୁ ଆଧାର କରି ଜାତିର ପିତା ଗାନ୍ଧିଜୀଙ୍କ ଉକ୍ତି ଥିଲା -

"ସ୍ତ୍ରୀ ସ୍ୱାତନ୍ତ୍ରର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି "ଦ୍ରୌପଦୀ", ଯଦି କୁହାଯାଏ ସୀତା ହେଉଛନ୍ତି କୋମଳ କଳିକା ତ ଦ୍ରୌପଦୀ ହେଉଛନ୍ତି ଅନନ୍ତ ଦେବଦାରୁ। ମହାବଳୀ ଭୀମ ତାଙ୍କର ପ୍ରଚଣ୍ଡ ଇଚ୍ଛା ପାଖରେ ନତମସ୍ତକ। ବାକି ସମସ୍ତଙ୍କ ପାଖରେ ଭୀମ ଭୈରବ ଓ ଭୟଙ୍କର। କିନ୍ତୁ ଦ୍ରୌପଦୀଙ୍କ ସନ୍ନିକଟରେ ସେ ନୀରିହ ମେଷ ଶାବକଟିଏ। ଦ୍ରୌପଦୀ ନିଜର ସୁରକ୍ଷା ପାଇଁ ପାଣ୍ଡବମାନଙ୍କ ମଧ୍ୟରୁ କାହାକୁ ଭରସା କରିନାହାନ୍ତି କାରଣ ସେ ତେଜସ୍ୱିନୀ ଥିଲେ।" ଏହିପରି ଗାନ୍ଧିଜୀ ମହିଳା ମାନଙ୍କର ତେଜସ୍ୱିତାକୁ ନିରନ୍ତର ଉତ୍କର୍ଷତା ବୋଲି କହିଥାନ୍ତି। ତେଜର ଉତ୍କର୍ଷ ହେଲା ଶୀଳ, ସଂଜମ, ଧର୍ମବୋଧର ଉତ୍କର୍ଷତା।

ଏଣୁ ପରିବାର ଓ ସମାଜର ଧର୍ମ,ତେଜ ତଥା ଅଭ୍ୟୁଦୟ ପାଇଁ ଉଭୟ ସ୍ତ୍ରୀ ପୁରୁଷ ମିଳିମିଶି ପ୍ରୟାସ କରିବା ଉଚିତ। ତେବେ ଯାଇ ସମାଜ ସୁସ୍ଥ, ସବୁଜ, ବଳିଷ୍ଠ ହେବ। ଏଣୁ ନାରୀ ସଶକ୍ତିକରଣର ପ୍ରାସଙ୍ଗିକତା ଆଜିର ସମୟ ପାଇଁ ଖୁବ୍ ଉପଯୋଗୀ।

ଯେକୌଣସି ଦେଶର ପ୍ରଗତି କ୍ଷେତ୍ରରେ ବିଶେଷତଃ ଦେଶର ଆର୍ଥିକ ରାଜନୈତିକ ଓ ସାମଜିକ ଅଭ୍ୟୁଥାନ ପାଇଁ ମହିଳାଙ୍କ ଭୂମିକାକୁ ଅସ୍ୱୀକାର କରି ହେବନି। ଏସବୁ ପାଇଁ ଲିଙ୍ଗଗତ ଅସମାନତା Gender Inequalityକୁ ମୂଳପୋଛ କରିବା ଏକନ୍ତ ପ୍ରୟୋଜନ। ଏମିତି ଦେଶ ରହିଛି ଯେଉଁଠି ରାଜନୈତିକ ଓ ଆର୍ଥିକ କ୍ଷେତ୍ରରେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କ ଠାରୁ ଢ଼େର କମ, କିଛି କିଛି କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ଶିକ୍ଷାରେ ମହିଳାମାନେ ପଛରେ ପଡ଼ିଯାଇଛନ୍ତି। ଅସମାନତାକୁ ଦୂର କରିବା ପାଇଁ ସମସ୍ତ ଦୃଢ଼ପରିକର ହେବା ଉଚିତ।

ଶେଷରେ ଏହା କହିବା ବାସ୍ତବିକ ଯଥାର୍ଥ ସମସ୍ତ ମହିଳାଙ୍କୁ ସମ୍ମାନ କରିବା ଉଚିତ। ସେମାନଙ୍କ ପ୍ରତି ଅବହେଳା ଭୃଣହତ୍ୟ ଓ ନାରୀମାନଙ୍କ ପ୍ରତି ଅସମ୍ମାନ ନିର୍ଯ୍ୟାତନା ଫଳରେ ସମାଜ ରୁଗ୍ଣ ହେଇ ପଡୁଛି। ସାମାଜିକ ଭିତି ଭୂମି ଦୋହଲି ପଡୁଛି। ଏକଥା ଆମେ ମାନେ ଭୁଲି ଯିବା ଉଚିତ ନୁହେଁ - ନାରୀହିଁ ଜନନୀ। ଜନ୍ମଦାତ୍ରୀ ଭାବରେ ସନ୍ତାନ ସନ୍ତତିମାନଙ୍କୁ ଜନ୍ମ ଦେଇ ଏ ଦୁନିଆର ଅସ୍ତିତ୍ୱକୁ ବଜାୟ ରଖିଛି ଓ ଏଯାଏ ଆମେ ଗତି କରି ଆସିଛେ -ଏବଂ ନିଜ ପରିଚୟ ବାଢ଼ିବେ। ସେମାନଙ୍କୁ ନିର୍ଯ୍ୟାତନା ଦେବା ଅବା ଅସମ୍ମାନ ପ୍ରଦର୍ଶନ କରିବା ଆଦୌ ଉଚିତ ନୁହେଁ। ଭାରତୀୟ ସଂସ୍କୃତିରେ ନାରୀକୁ ଦେବୀ, ଦୁର୍ଗା ତଥା ଲକ୍ଷ୍ମୀ ଭାବରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଏପରିସ୍ଥଳେ ପ୍ରତ୍ୟେକ ବ୍ୟକ୍ତି ନାରୀଙ୍କୁ ସମାଜରେ ଶୀର୍ଷସ୍ଥାନ ପ୍ରଦାନ କଲେ ଯାଇ ବୁଝିବାକୁ ପଡ଼ିବ, ଦେଶ, ଜାତି ସମାଜର ଉନ୍ନତି ସମ୍ଭବପର।

*ଅଧ୍ୟକ୍ଷା*
*ଏସ.ସି.ବି ଡ଼ିଗ୍ରୀ କଲେଜ, ରିଗ୍ରା ରମ୍ଭା, ବାରିପଦା, ମୟୂରଭଞ୍ଜ*
*ଦୂରଭାଷ: ୯୪୩୭୮୦୦୭୭୦*


ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ

### ଅଙ୍କ ଦୃଶ୍ୟ



**କ୍ଷୀରୋଦ ଦାସ**




ଭାଗ-୧୮

**(ପୂର୍ବପ୍ରକାଶ ଉତ୍ତାରୁ)**

: କିଏ କହିଲାନାହିଁ ବୋଲି ? - କହିଲେ ଶୁଭକାନ୍ତ- "ତା ପ୍ରତି ମୋ ଛାତି ଭିତରେ ବି ରହିଛି ଅବଶିଷ୍ଟାଂଶ କିଛି ସ୍ନେହ ମମତା। ତା' ସହିତ ଅଛି ବି ପାହାଡ ପ୍ରମାଣ ଘୃଣା ଓ କ୍ରୋଧ। ଜଣେ ସାଧାରଣ ମଣିଷ ହିସାବରେ ମୁଁ ଘୃଣା ଓ ପ୍ରେମ ଉଭୟକୁ ଅନୁଭବ କରିପାରେ। ଭଲକୁ ଭଲପାଏ, ମନ୍ଦକୁ ଘୃଣା କରେ। କାରଣ ଭଲର ଭଲତ୍ୱରେ ଏବଂ ମନ୍ଦର ମନ୍ଦତ୍ୱରେ ମୋର ବିଶ୍ୱାସ ଅଛି; ଯେହେତୁ ମୁଁ ସାଧାରଣ ମଣିଷଟିଏ। ମୁଁ କିନ୍ତୁ ତୁମ ପରି ଅସାଧାରଣ ମମତାମୟୀ ମା'ଟିଏ ନୁହେଁଯେ ପାପ ଓ ପାପୀ ଉଭୟଙ୍କୁ ଭଲ ପାଇ ପାରିବି। ଭଲ ଓ ମନ୍ଦକୁ ଗୋଟିଏ ନିକିତିରେ ତଉଲିବି।"

ଅବୁଝା ଆଖିରେ ରାଜଲକ୍ଷ୍ମୀ ଜଳଜଳ କରି ଅନାଇ ରହିଥିଲେ ଶୁଭକାନ୍ତଙ୍କୁ।

ଅଳ୍ପ ସମୟ ନିରବ ରହି ଶୁଭକାନ୍ତ ପୁଣି କହିଲେ-

"ଏତେ ଧୈର୍ଯ୍ୟଶୀଳ, ନିରାସକ୍ତ ମଣିଷ ମୁଁ ନୁହେଁ। ସ୍ୱାମୀ ହିସାବରେ, ଜୀବନରେ ପ୍ରଥମ ଥର ପାଇଁ ମୁଁ କ୍ଷମା ଚାହୁଁଛି- ଦୟାକରି ତୁମ ପୁଅ ବିଷୟରେ ମୋତେ କେବେ ଆଉ କିଛି ପଚାରିବ ନାହିଁ। ଯେଉଁଦିନ ପଚାରିବ, ସେଦିନ ମୋ ମଲାମୁହଁ ଦେଖିବ।"

ନିର୍ବାକ୍ ହୋଇଗଲେ ରାଜଲକ୍ଷ୍ମୀ। ପରାଜିତ ମଣିଷଟିଏ ପରି ଉଠିଲେ ଏବଂ ଧୀରେ ଧୀରେ ନିଜ ଶୋଇବା ଘର ଭିତରକୁ ପଶିଯାଇ ଭିତରପଟୁ କବାଟ ବନ୍ଦ କଲେ।

ଶୁଭକାନ୍ତ ମଧ୍ୟ ନିଜ ଘର ଭିତରକୁ ପଶି କବାଟ ବନ୍ଦ କଲେ।

ସେଦିନ ଅପରାହ୍ନ ଚାରିଟା ସୁଦ୍ଧା ଗୋଟେ ଲମ୍ବା ହୋଣ୍ଡିଟି କାର୍ ଆସି ଅଟକିଲା ଶୁଭକାନ୍ତଙ୍କ ଘର ଆଗରେ। କଲିଂବେଲ୍ ବାଜିଲା। ଡ୍ରାଇଭର ପ୍ରଦୀପ୍ତ କବାଟ ଖୋଲି ପଚାରିଲା-କାହାକୁ ଖୋଜୁଛନ୍ତି ଆଜ୍ଞା ?

: ଡାକ୍ତର ସାର୍ ଅଛନ୍ତି ଘରେ ? - ଦୁଇଜଣ ଆଗନ୍ତୁକ ଭଦ୍ରଲୋକଙ୍କ ଭିତରକୁ ଜଣେ ପଚାରିଲେ।

: ଅଛନ୍ତି। କିନ୍ତୁ ସେ ରୋଗୀ ଦେଖୁନାହାନ୍ତି। -ପ୍ରଦୀପ୍ତ କହିଲା।

: ନା ନା, ଆମେ ରୋଗୀ ନୁହଁ କି ରୋଗ ଦେଖାଇବାକୁ ଆସିନାହୁଁ। କିଛି ବ୍ୟକ୍ତିଗତ କାମରେ ଆସିଛୁ।

: ଆସନ୍ତୁ ଭିତରକୁ! -ପ୍ରଦୀପ୍ତ ସେମାନଙ୍କୁ ଡ୍ରଇଂରୁମ୍‌କୁ ବାଟ କଢ଼ାଇନେଲା। ସାମ୍ନାରେ ବସିଥିବା ଦୁଇ ଭଦ୍ରବ୍ୟକ୍ତିଙ୍କୁ ଚିହ୍ନିପାରିଲେ ନାହିଁ ଶୁଭକାନ୍ତ।

: ମୁଁ ଆଜ୍ଞା ସରୋଜ ମହାପାତ୍ର। ବାଦଲର ଡ୍ୟାଡି।

: ମୁଁ ପ୍ରସନ୍ନ ପଟ୍ଟନାୟକ -ନାଗେଶର ବାପା।

ଦୁଇ ଭଦ୍ରବ୍ୟକ୍ତି ନିଜ ନିଜର ପରିଚୟ ଦେଲେ।

ସରୋଜ ମହାପାତ୍ର... ବାଦଲ... ପ୍ରସନ୍ନ ପଟ୍ଟନାୟକ... ନାଗେଶ... ଆବାକାବା ହୋଇ ଚାହିଁ ରହିଥିଲେ ଶୁଭକାନ୍ତ। କାଇଁ, ଏପରି ଚେହେରା ଓ ନାମଧାରୀ ବ୍ୟକ୍ତିମାନଙ୍କ ସହ ତାଙ୍କର ତ ଆଗରୁ କୌଣସି ପରିଚୟ ନାହିଁ। ଯେ କଣ ରାଜଲକ୍ଷ୍ମୀଙ୍କ ବାପ ଘରଆଡୁ କୌଣସି ସମ୍ପର୍କୀୟ କି! କିଏ ତେବେ ଏମାନେ ? କଣ ପାଇଁ ଆସିଛନ୍ତି ତାଙ୍କ ପାଖକୁ ? କି କାମରେ ?



ଶୁଭକାନ୍ତଙ୍କୁ ଅଧିକ ସମୟ ଦ୍ୱନ୍ଦ୍ୱ ଭିତରେ ନ ରଖି ସରୋଜ ମହାପାତ୍ର ନାମକ ଲମ୍ବା, ସାବନା ରଙ୍ଗର ପାଖାପାଖି ଷାଠିଏ ବର୍ଷ ବୟସ ବ୍ୟକ୍ତି ଜଣକ କହିଲେ- "ଆମେ ସମସ୍ତେ ବର୍ତ୍ତମାନ ବୁଡିଯାଇଥିବା ଗୋଟିଏ ଡଙ୍ଗାର ଯାତ୍ରୀ ଆଜ୍ଞା। ମୁଁ, ଆପଣ ଓ ପ୍ରସନ୍ନ ବାବୁ...।

ତଥାପି ଅବୁଝା ଆଖିରେ ଶୁଭକାନ୍ତ ଚାହିଁରହିଥିଲେ ଦୁଇ ଭଦ୍ରବ୍ୟକ୍ତିଙ୍କୁ।

ପ୍ରସନ୍ନ ପଟ୍ଟନାୟକ ନାମକ ଗୋରା, ଗେଡା ବ୍ୟକ୍ତିଜଣଙ୍କ କଥାଟିକୁ ଆହୁରି ପ୍ରାଞ୍ଜଳ କରି କହିଲେ- "ଆପଣଙ୍କ ପୁଅ ସଂଜୟ, ମୋ ପୁଅ ନାଗେଶ ଓ ମହାପାତ୍ରବାବୁଙ୍କ ପୁଅ ବାଦଲ...

ସବୁକିଛି ପରିଷ୍କାର ହୋଇଗଲା ଶୁଭକାନ୍ତଙ୍କ ସାମ୍ନାରେ। ତାଙ୍କ ପରି ଏ ଦୁଇଜଣ ଭଦ୍ରବ୍ୟକ୍ତି ମଧ୍ୟ ଦୁଇ ଉଦ୍ଧତ, ଉଚ୍ଛୃଙ୍ଖଳ ପୁଅମାନଙ୍କର ହତଭାଗ୍ୟ ବାପାମାନେ। ସେମାନେ ବି ତାଙ୍କ ପରି ପ୍ରଚଣ୍ଡ ମାନସିକ ଦୁଶ୍ଚିନ୍ତାରେ ଘାରି ହେଉଥିବେ। ପୁଅ ଜନ୍ମ କରିବାର କର୍ମଫଳ ଭୋଗୁଛନ୍ତି ବୋଲି କପାଳକୁ ନିନ୍ଦୁଥିବେ।

ସେମାନଙ୍କ ପ୍ରତି ଅଶେଷ ସମବେଦନାରେ ଭରିଗଲା ଶୁଭକାନ୍ତଙ୍କ ମନ। କଣ କହି ସେମାନଙ୍କ ଦୁଃଖୀ ମନକୁ ସାନ୍ତ୍ୱନା ଦେବେ, ସେଇକଥା ଚିନ୍ତା କରୁଥିବା ବେଳେ ସରୋଜ ମହାପାତ୍ର କହିଲେ- "ଆମେ ବସିଛୁ ଆପଣଙ୍କ ସହିତ ଏକ ଜରୁରୀ ଆଲୋଚନା କରିବା ପାଇଁ। ଆପଣ ଏ ସହରର ଜଣେ ନାମକରା ଡାକ୍ତର। ଜଣେ ଅଭିଜ୍ଞ ବ୍ୟକ୍ତି। ଆମଠାରୁ ବୟୋଜ୍ୟେଷ୍ଠ। ଆପଣଙ୍କ ପରାମର୍ଶ ନ ନେଇ ଏ କାମରେ ଆଗେଇ ହେବ ନାହିଁ।"


: ସରୋଜ ବାବୁ ଠିକ୍ କହିଛନ୍ତି ! -କହିଲେ ପ୍ରସନ୍ନ ବାବୁ- "ଏହା ଏପରି ଏକ ଗୁରୁତର, ସ୍ପର୍ଶକାତର ବିଷୟ ଯେ ସମସ୍ତେ ମିଳିମିଶି ଏହାର ମୁକାବିଲା ନ କଲେ ହାରିବା ଥୟ।"

*(କ୍ରମଶଃ)*

---

## ଶୂନ୍ୟତାରେ

**ଅନସୂୟା ପଣ୍ଡା**



କେତେବେଳୁ ଆଶାର ନଈଧାରରେ
ମୋ ହସର ଚୂନା ଚୂନା ଫୁଲ ବହିଗଲେଣି
ଶୂନ୍ୟମୟ ଲାଗେ ଏ ସଂସାର
ଅବସୋସରେ ମୁହଁକୁ ଫୁଲେଇ
ପ୍ରାରବ୍ଧକୁ ଦୋଷାରୋପ କରୁଛି।

ମୋ ଆତ୍ମୀୟ ମୋ ଆତ୍ମାକୁ ହତ୍ୟା କଲେଣି
ମୋ ଦେହର ଭୁଗୋଳରେ
ଅନେକ ଚାବୁକ ପ୍ରହାର
ମତେ ଶୂନ୍ୟତାରେ ଯନ୍ତ୍ରଣାକୁ
ମନ୍ଥିବା ଶିଖାଇଲାଣି
ମୁଁ ଶୋଷଣର ଚକ୍ରବ୍ୟୁହରେ।

ଆତ୍ମୀୟଙ୍କ ଦୁଇମୁଠା ଭୋକ ଭରିବାକୁ
କେତେବେଳୁ ବିବସ୍ତ୍ର ହେଲିଣି
ଭାଇବୋଲି ଯିଏ ଥିଲା
ସେ ସ୍ୱାର୍ଥୀ ରାକ୍ଷସଟିଏ
ଭଉଣୀର ରାକ୍ଷୀ ବିକି ବିଳାସର
ସୁଖ ମିଶା ନିଃଶ୍ୱାସ କିଣୁଛି।

ବାପା ବୋଲି ଯିଏ ଥିଲା
ନାଲି ପାଣି ମହୁଲି ହାଣ୍ଡିଆ
କୁସୁନା ପିଇ ଦାଣ୍ଡରେ ଗଡୁଛି
ନିଶାରେ ନିଶାଦ ପରି ବେବାଗ
ମଣିଷର ସଂଜ୍ଞା ପାସୋରିଛି
କର୍ତ୍ତବ୍ୟଶୂନ୍ୟ ପିଚାଶିଆ ଜୀବନ ଜିଇଁଛି।

କେତେବେଳୁ ଅଜ୍ଞାତରେ
ଅନ୍ଧାର ଆଲୁଅକୁ ହାତ କରି
ରାଜଗାଦି ଆବୋରି ନେଲାଣି
ମୁଁ ସେମିତି ଗହଳ ଅନ୍ଧାରରେ ସଂଘର୍ଷ କରୁଛି
ଆତ୍ମୀୟତାକୁ ବେନକାବ କରିବାର ପ୍ରୟାସରେ
ବାରବାର ନିଜେ ଜହର ପିଉଛି।


*ବୁର୍ଲା, ସମ୍ବଲପୁର*
*ଦୂରଭାଷ : ୯୪୩୯୨୧୧୯୭୧*

---

## ଆଶିଷ ଦିଅହେ ସୁଆଣ୍ଡୋର ସନ୍ଥ

**ବିନୟ ଭୂଷଣ ପାଣିଗ୍ରାହୀ**





ସଶରୀରେ ଦୀନବନ୍ଧୁ-ଦୟାସିନ୍ଧୁ
ସୁଆଣ୍ଡୋର ସନ୍ଥ ଆହେ ଗୋପବନ୍ଧୁ,
ଉତ୍କଳର ବରପୁତ୍ର-ସର୍ବମିତ୍ର
ଜନନୀ ବାମାଙ୍ଗେ କୃଷ୍ଣ ତିଳ ବିନ୍ଦୁ
ଜାତି ଭାଗ୍ୟାକାଶେ ଉଜ୍ଜ୍ୱଳ ପୂର୍ଣ୍ଣେନ୍ଦୁ
ଆଶିଷ ଦିଅ ଏ ଜାତିକୁ ପୁଣି।

ସ୍ୱାର୍ଥର ତମସା କରି ଆଚ୍ଛାଦିତ
ଅମୃତ ସନ୍ତାନେ କରେ କକ୍ଷଚ୍ୟୁତ
ହିଂସାଦ୍ୱେଷ ଜଳେ କରି ସ୍ନାନ ନିତ୍ୟ
ହୁଡ଼ିଲେଣି ତବ ପ୍ରଦର୍ଶିତ ପଥ
ହୋଇବା ପୂର୍ବରୁ ଅକାଳେ ସୂର୍ଯ୍ୟାସ୍ତ
ସେବାଭାବ ବୀଜ ଦିଅ ହେ ବୁଣି॥

ଶାନ୍ତ ସୁଶୀତଳ ଭାର୍ଗବୀର ଜଳ
ଫୁଟେ ଯହିଁ ଜାତି ପ୍ରୀତି ଶତଦଳ
ତବ କୀର୍ତ୍ତିରାଜି ତହିଁରେ ଉଜ୍ଜ୍ୱଳ
ପୁଣ୍ୟ ଉତ୍କଳର ଶ୍ରେଷ୍ଠ କର୍ମବୀର
ଆରତ ଗଞ୍ଜନ ମନ୍ତ୍ର ଉଚ୍ଚାରଣ
କର ତା'ର ତୀରେ ଉତ୍କଳମଣି।


ସେ ମନ୍ତ୍ର ଶ୍ରବଣେ ହେବ ଜାଗରଣ
ସେବା-ତ୍ୟାଗ-ପ୍ରେମ ଆଦି ଦିବ୍ୟଗୁଣ
ସତ୍ୟବାଦୀ ନୀତି-ବିଚାର ସ୍ମରଣେ
ମୃତ ଚେତନାରେ ଭରିଗଲେ ପ୍ରାଣ
କଙ୍କାଳ ଲଭିବ ନୂତନ ଜୀବନ
ଭାର୍ଗବୀ ବୋହିବ ପୁଣି ଉଜାଣି॥

*ହରସିଂହ ପୁର, ପୀରହାଟ ବଜାର*
*ଭଦ୍ରକ-୭୫୬୧୩୧*
*ଦୂରଭାଷ : ୯୯୩୭୫୪୮୪୩୧*

---

## ଭଡା ଘର

**ଶରତ କୁମାର ଦାସ**



ମୂଲ୍ୟବାନ ଚକମକ ବସ୍ତୁରେ
ଯେତେ ସଜେଇଲେ ବା
ପରସ୍ତ ପରସ୍ତ ଢାଙ୍କିଦେଲେ
ହିରା ମୋତି ଅବା ସୁନାର ଚାଦର
ଭଡା ଘର କାନ୍ଥର ଚିକ୍କଣ ପିଠିରେ
କି ଲାଭ ହେବ ଯେ!

ଝଲମଲ ଦିଶୁଥିବା ଜହ୍ନିଫୁଲିଆ
ଜହ୍ନ ଆଲୁଅକୁ କ'ଣ ଧରି ରଖିହେବ
ସବୁଦିନ ପାଇଁ ନିଜ ହାତ ପାପୁଲିରେ ?

ବଗିଚାରେ ଫୁଟିଥିବା ଫୁଲକୁ
ପଚାରି ହେବ କି କୋଉଠି ତା ଗନ୍ତବ୍ୟ ସ୍ଥଳ
ମନ୍ଦିରକୁ ନା ମଶାଣିକୁ ?

ଭଡା ଘର ତ ପୁଣି ଏକ ଅସ୍ଥାୟୀ ନିବାସ
କୋଉ ନିଜର କି!
ବାଜିଗଲେ ସମୟର ଶେଷ ଘଣ୍ଟି
ଛାଡିବାକୁ ହେବ ଦିନେ ନା ଦିନେ
ଇଚ୍ଛା ଥାଉ ବା ନଥାଉ
ମାଲିକର କ୍ରୂର ଇଂଗିତରେ।

ସବୁତକ ମୋହମାୟା
ଆଉ ଯେତେ ନିବିଡ଼ ବନ୍ଧନ ସେ ଘର ସହ
ଉଡୁଥିବେ ଶୂନ୍ୟରେ,ମହାଶୂନ୍ୟରେ
ଏକା ଏକା ନିଜ ନିଜ ଭାଗ୍ୟକୁ ଆଦରି।

ଲିଭିଯିବ ସହରର ସବୁ ବତି
କବ୍‌ଜାକରିବ କିଟିକିଟି ଅନ୍ଧକାର ଆପାଦମସ୍ତକ
ଆଉ ଶୁଭିବନି ଚେଢେଇଙ୍କ ମୁଗ୍ଧ କୋଳାହଳ
ବାଡିପଟ ବାଉଁଶ ବଣରୁ।

ଗଛପତ୍ରସବୁ ଝାରୁଥିବେ ଲୁହ
ମୋ ସହ ସେମାନଙ୍କ ଏଇ କେତେଟା ଦିନର
ମିଠା ମିଠା ଆତ୍ମୀୟତାକୁ ମନେପକାଇ
କେତେବେଳେ କେମିତି।

ହାତ ଠାରି ଡାକୁଥିବେ ପଛରେ
ମୋ ଭଡା ଘରେ ଠୁଳହୋଇ ରହିଥିବା ମୋ ଅର୍ଜିତ
ଯେତେ ନିନ୍ଦା ଅପବାଦ, ଯଶଖ୍ୟାତି।

ଦାଉଦାଉ ଦିଶୁଥିବ ମୋତେ କିନ୍ତୁ ମୋ
ଯିବା ବାଟରେ ସେ ନୂଆ ଘରଟିର ଅପରୂପ ଦୃଶ୍ୟ
କାକର ପଖାଳା ତା ସବୁଜ ଗାଲିଚା
ପ୍ରଜାପତିଙ୍କ ସତେଜ ଚୁମ୍ବନ
ପୁଣି ସ୍ନିଗ୍ଧ ଆଲିଙ୍ଗନ!

ହେଲେ ପଡିଥିବା ଶେଷ ପାଦଚିହ୍ନ ମୋର
ଭଡା ଘରର ନିର୍ଜୀବ ଚଟାଣ ଉପରେ
ହସୁଥିବ ଠୋ' ଠୋ' ଅଦୃଶ୍ୟରେ
ମୋ ନିର୍ବୋଧତାକୁ ଏକଲୟରେ ଚାହିଁ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ*
*ବଡବିଲ ମହାବିଦ୍ୟାଳୟ,*
*ବଡବିଲ ,ଜିଲ୍ଲା-କେନ୍ଦୁଝର*
*ଦୂରଭାଷ : ୮୨୪୯୧୩୭୦୯୧*

---

## ଅନ୍ତରାତ୍ମାର ଭିଜାସ୍ୱର

**ଲଳିତ ମୋହନ ମିଶ୍ର**



ବେଳେ ବେଳେ ମନୁଷ୍ୟ ଯାହା ଇଚ୍ଛା କରୁ ନ ଥାଏ ପରିସ୍ଥିତି ପରିବେଶର ତାଡ଼ନାରେ ସେ କର୍ମକୁ କରିବାକୁ ବାଧ୍ୟ ହୋଇ ହୋଇଥାଏ। ଏହାର ମୂଳ କାରଣ ପାରିପାର୍ଶ୍ୱିକ ସମୟ ଏବଂ ଅବସ୍ଥିତି। କିଛି ନ ପାଇ ଅନେକ କିଛି ପାଇବାର ପ୍ରତିଶ୍ରୁତି। ନିଜର ପ୍ରତିଛବିକୁ ନିଜ ମନରେ ପ୍ରତିଷ୍ଠା କରିବା। ନିଜକୁ ପ୍ରତି ମୁହୂର୍ତ୍ତରେ ଜିତିବାର ନାମ ଜୀବନ .....! କିଛି କୋହକୁ ଛାତିରେ ଧରି, କିଛି ଅନୁଭବକୁ ଅଙ୍ଗେ ଲିଭାଇ, କିଛି ଅସମ୍ଭବକୁ ସମ୍ଭବ କରିବାର ଅଭିପ୍ସା ହିଁ ଜୀବନ। ନିଜ ଭିତରେ ସଂଗଠିତ କରି କିଛି ବାଟ ଚାଲି, ଝୁଣ୍ଟି ପଡି, ପୁଣି ଉଠି ଚାଲିବାର ନାମ ଜୀବନ ...!! ହଜିଯାଇଥିବା ସ୍ମୃତିକୁ ସ୍ମୃତିରେ ରଖି ଆଗକୁ ବଢ଼ିବାର ଇଚ୍ଛାକୁ ଉଜ୍ଜିବୀତ କରି.... କିଛି ସ୍ୱପ୍ନକୁ ଖାଲି ସ୍ୱପ୍ନରେ ନ ରଖି.... କିଛି ଅବାସ୍ତବତାରୁ ବାହାରି ବାସ୍ତବତାର ରୂପ ଦେବାପାଇଁ.... କିଛି ଭରଷା ରଖି ନିରାଶା ମୁହଁରେ ଦୁଃଖକୁ ଦୂରେଇବା ପାଇଁ ଶୁଖିଲା ଓଠ ଧାରେ ହସକୁ ସଜେଇ ହସି ହସି ଜୀଇଁବାର ନାମ ହିଁ ତ ଜୀବନ...!!।

ଝିଅଟିଏ ଯେବେ ଯାଏ ଶାଶୁ ଘରକୁ ମଥାରେ ଓଢଣା ଟାଣି ଆସିଥାଏ। ମୁଣ୍ଡ ନଇଁ ନଇଁ ଚାଲୁଥାଏ। ଶାଶୁଘରେ ଏବଂ ତାହାର ପାଦକୁ ଗଣି ଗଣି ଚାଲୁଥାଏ । ଆଖିରେ ଥାଏ ତା'ର ଆଖିଏ ସପନ, ମନରେ ଥାଏ ଅନେକ ପ୍ରଶ୍ନ ? ସଂସାର ଜଞ୍ଜାଳେ ବସି ଏକାନ୍ତରେ ନିତି ଭାବେ.... ଏମିତି କେତେ ଦିନ ବିତି ଗଲାଣି । ପ୍ରତି ମୁହୂର୍ତ୍ତରେ ଭାବେ ସ୍ୱାମୀର କଥା! ଅଜାଗା ଘାଆ ଦେଖାଇ ହୁଏନା କି ଦେଖି ହୁଏନା.....

ସାହି ପଡିଶା ବନ୍ଧୁ ବାନ୍ଧବ ନ ଜାଣିବା ନ କହିବା ଲୋକଙ୍କ ମନରେ ପ୍ରଶ୍ନ ଝିଅର ଦୋଷ ନା ପୁଅର ଦୋଷ। କିଏ କିଏ ତ ପଚାରି ଦେବାକୁ ତଣ୍ଟି ପର୍ଯ୍ୟନ୍ତ କଥାଟା ଆଣୁଛନ୍ତି କିନ୍ତୁ କ'ଣ ଭାବିବେ ଭାବି ପଚାରି ପାରୁ ନାହାଁନ୍ତି। କେତେ ମୁଖୁଡା ସ୍ତ୍ରୀ ଲୋକ କ'ଣ ଭାବିଲେ ଭାବୁ... ବୋଲି ଭାବି ପଚାରି ଦିଅନ୍ତି!!! ଉପଯୁକ୍ତ ଉତ୍ତର ପାଇ ପାରନ୍ତି ନାହିଁ। କାହାକୁ କହିବ ମନର କଥା... କିଏ ବୁଝି ପାରିବ... ନିଜ ମନ ହୃଦୟର କଥା! ବରଂ ଠିକ୍ ହେବ... କାହାକୁ କିଛି ନ କହି ନିରବ ରହିବା। ଆଉ ସେୟା କରିଥିଲା ବର୍ଣ୍ଣାଳୀ।

ବାପା ବୋଉଙ୍କର ଏକମାତ୍ର କନ୍ୟା ବର୍ଣ୍ଣାଳୀ। ବାପା ବୈରାଗୀ ଚରଣ ବାବୁ ଝିଅକୁ ବାହାରକୁ ପଢିବାକୁ ଛାଡି ନ ଥିଲେ। ଏକ ମାତ୍ର ଅଲିଅଳି କନ୍ୟା। ରୂପ ଗୁଣ ସୌନ୍ଦର୍ଯ୍ୟ କେଉଁ ଥିରେ ବି କମ୍ ନୁହେଁ। ବର୍ଣ୍ଣାଳୀ ମେଟ୍ରିକରେ ଫାଷ୍ଟ ଡିଭିଜନ, +୨ ଏବଂ +୩ ବିଜ୍ଞାନରେ ଶତକଡା ଅଶୀ ପ୍ରତିଶତ ମାର୍କ ରଖି ପାଶ୍ କଲା। ଏମ୍.ଏସ୍. ସି ରେ ମଧ୍ୟ ଭଲ ନମ୍ବର ରଖିଲା। ଚାକିରୀ କରିବା ତାର ଉଦେଶ୍ୟ ଥିଲା। କିନ୍ତୁ ବୈରାଗୀ ବାବୁ ଆଇ. ଟି. ଡି. ଏ ର ସ୍ପେଶାଲ ଅଫିସର ଥିଲେ। ଝିଅକୁ ଚାକିରୀ କରାଇବାକୁ ସେ ଇଚ୍ଛା କଲେ ନାହିଁ। ବୈରାଗୀ ବାବୁଙ୍କର ବାଲ୍ୟ ବନ୍ଧୁ ବୈଷ୍ଣବ ବାବୁ ଯେ କି ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଛନ୍ତି। ତାଙ୍କର ଏକମାତ୍ର ପୁତ୍ର ବୈଭବ ବ୍ୟାଙ୍କ ପି. ଓ ଅଛି ତାହା ସହିତ ବର୍ଣ୍ଣାଳୀର ବିବାହ କରାଇ ଦେଲେ।

ସାମାଜିକ ନିତି ନିୟମ ଏବଂ ପ୍ରଥା ଅନୁସାରେ ବର୍ଣ୍ଣାଳୀ ବର୍ଷେ ଦେଢବର୍ଷ ପର୍ଯ୍ୟନ୍ତ ଶାଶୁ ଘରେ ରହିଲା। ବୈଭବ ଚାକିରୀରୁ ମାସେ ଦୁଇ ମାସରେ ଥରେ ଅଧେ ଘରକୁ ଆସେ। ଗାଁ ସାହି ପଡିଶା ବର୍ଣ୍ଣାଳୀକୁ ପୁଅ ପାଖକୁ ଛାଡି ଦେବାକୁ କହିଲେ। କିଏ କିଏ ମଧ୍ୟ ଏମିତି ବି କହିଲେ - ବୈଭବ ଟି ଆଉ କେତେ ଦିନ ହାତରେ ରାନ୍ଧି ଖାଇବ ? ବୋହୁକୁ ପୁଅ ପାଖକୁ ଛାଡି ଦେଉନ! ବୈଷ୍ଣବ ବାବୁ ବିଭିନ୍ନ ଲୋକଙ୍କ ଠାରୁ ବିଭିନ୍ନ କଥା ଶୁଣିଲେ। ବିବାହ ହେବାର ପ୍ରାୟ ଦୁଇ ବର୍ଷ ବିତିଗଲାଣି ବୋହୁ କୋଳରେ ଛୁଆଟିଏ ନାହିଁ। କିଏ କହିଲା ଶାଶୁ ଶ୍ୱଶୁର ସେବା ଶୁଶ୍ରୁଷା ପାଇବେ ବୋଲି ବୋହୂକୁ ରଖିଛନ୍ତି। କିନ୍ତୁ 'କାଳା ମା' କାଳ ଠାର ଜାଣେ'। ଅସଲ କଥାଟା କାହାକୁ କହିବେ ବାପା ମାଆ।

ବର୍ଣ୍ଣାଳୀ ଘର ମଧ୍ୟରେ ଶାଶୁ ଶ୍ୱଶୁରଙ୍କର ସେବା କରି କରି ଅଣାନ୍ତିଆ ହୋଇ ଗଲାଣି। ବିବାହର ପରେ ବୁଢାବୁଢୀ ଗୁରୁଜନ ମାନେ ଆଶା କରନ୍ତି ନାତି ନାତୁଣୀଟିଏ। ବର୍ଣ୍ଣାଳୀର ସାଙ୍ଗମାନେ କେତେ ପରେ ବିବାହ କରି ସେମାନେ ମାଆ ହେଲାଣି। ନାରୀର ପୂର୍ଣ୍ଣତା ମାତୃତ୍ୱ ଲାଭରେ ଥାଏ କିନ୍ତୁ ବର୍ଣ୍ଣାଳୀର ଭାଗ୍ୟରେ ସେତକ ନାହିଁ। ଆଶା ଆକାଂକ୍ଷାରେ ପ୍ରତୀକ୍ଷା କରିଥାଏ ବର୍ଣ୍ଣାଳୀ। ଲୋକମାନଙ୍କର କଥା ଶୁଣି ଶୁଣି ବୈଷ୍ଣବ ବାବୁ ବିରକ୍ତ ହୋଇ ବୈଭବ ସାଥିରେ ଏଥର ବର୍ଣ୍ଣାଳୀକୁ ଛାଡି ଦେଲେ। ବୈଭବ ଅବଶ୍ୟ ବଡ ଘରଟିଏ ଭଡା ନେଇ ଥାଏ। ଘର ମାଲିକିଆଣୀ ବଢିଆ ଲୋକ। ଘର ମାଲିକ ଦୁଇ ବର୍ଷ ତଳେ ହୃଦ୍ ଘାତରେ ପରଲୋକ ହୋଇଗଲେ। ତାଙ୍କର ପୁଅ ଟିଏ ଝିଅଟିଏ। ଝିଅ ବୈଜୟନ୍ତୀ ପୁଅ ବିଜନ। ଝିଅକୁ ପୂର୍ବରୁ ବିବାହ କରାଇ ଦେଇଥିଲେ ପୁଅ ବିଜନ ବି. ଏସି ସେକେଣ୍ଡ ଇଅରରେ ପଢୁଛି। ବର୍ଣ୍ଣାଳୀକୁ ଭାଉଜ ଭାଉଜ ଡାକେ।

ସ୍ୱାମୀ ସ୍ତ୍ରୀ ଚଳିବା ପାଇଁ ଟିଭି ଫ୍ରିଜ୍ ଜିନିଷ ପତ୍ର ଆଗରୁ ରଖିଥାଏ ବୈଭବ। ବ୍ୟାଙ୍କ ଚାଲିଗଲେ କେତେବେଳେ ଫେରିବ ଠିକ୍ ଠିକଣା ନାହିଁ ବୈଭବର। କେବେ ରାତି ଆଠଟା ତ କେବେ ନଅଟା। ରାତିରେ ଅଫିସରୁ ଆସି ଖାଇଦେଇ ଶୋଇପଡେ ବୈଭବ। ନାରୀ ମନର କଥା ସେ ବୁଝି ପାରେ ନାହିଁ। ଏପଟେ ନୂଆ ଯାଗା ନୂଆ ପରିଚୟ। ଦିନ ଦିନ ଏକା ଏକା ଘରେ ବସି ରହି ବିରକ୍ତ ହୁଏ ବର୍ଣ୍ଣାଳୀ। ଛାତ ଉପର ତଳ ହୋଇ କେତେ ସମୟ କଟାଇବ। ବେଳେ ବେଳେ ସ୍ୱାମୀଙ୍କୁ ପଚାରେ - ସବୁଦିନ କ'ଣ ତୁମର ରାତି ପର୍ଯ୍ୟନ୍ତ ଅଫିସ୍ କାମ ପଡୁଛି ? ସ୍ତ୍ରୀ ର ମନ କଥା ବୁଝି ପାରେ ନାହିଁ କି ବୁଝି ଅବୁଝା ପଣର ଅଭିନୟ କରେ ସେ କଥା ଜାଣି ପାରେ ନାହିଁ ବର୍ଣ୍ଣାଳୀ। ସ୍ୱାମୀ ପାଖରେ ନିଜକୁ ସମର୍ପଣ କରେ ବର୍ଣ୍ଣାଳୀ କିନ୍ତୁ ପ୍ରକୃଷ୍ଟ ଆଦର ପାଇ ପାରେ ନାହିଁ। ନିଜକୁ ହତୋତ୍ସାହିତ ମନେ କରେ। ନିଜର ତୃଷ୍ଣା ମେଣ୍ଟାଇ ପାରେ ନାହିଁ ବୈଭବ। ନିଜର ଅବୟବ ଅତୃପ୍ତ ହୋଇ ରହିଯାଏ ବର୍ଣ୍ଣାଳୀର। ନିଜର ଉତ୍ତେଜନାକୁ ପ୍ରଶମିତ କରିବା କଷ୍ଟକର ହୁଏ ବର୍ଣ୍ଣାଳୀକୁ ଏହି ବୟସରେ। ଗୋଟିଏ ସ୍ତ୍ରୀ ସ୍ୱାମୀ ଠାରୁ ଯାହା ଆଶା କରେ ତାହାର ଲକ୍ଷଣ ପାଇ ପାରେ ନାହିଁ। ସ୍ୱାମୀ ସ୍ତ୍ରୀ ଏକାଠି ବୁଲିବା.... ହସ ଖୁସି କରିବା... ସ୍ତ୍ରୀ ର ସାନିଧ ଲାଭ କରିବା... ଆପଣାର କରିବା...। ଏ ସବୁ ଦେଖିବାକୁ ମିଳେ ନାହିଁ।

ବୈଭବର ଏହି ଭଳି ବ୍ୟବହାରରେ ନିରୁତ୍ସାହିତ ମନେ କରେ ବର୍ଣ୍ଣାଳୀ। ସ୍ୱାମୀର ପୌରୁଷତ୍ୱରେ ସନ୍ଦେହ କରେ। ଅନନ୍ୟୋପାୟ ହୁଏ ସ୍ୱାମୀଙ୍କର ସାନିଧ ଲାଭ ପାଇଁ.... ନିଜର କାମ ଭାବନା ପୂର୍ଣ୍ଣ କରିବା ପାଇଁ... କାମୋଦ୍ଦୀପକ ସମସ୍ତ ଅସ୍ତ୍ର ପ୍ରୟୋଗ କରେ ବର୍ଣ୍ଣାଳୀ। ସଫଳତା ପାଇ ପାରେ ନାହିଁ। ଫୁଲ କଢିରୁ ଶୁଖି ଗଲା ପରି ସ୍ତ୍ରୀର ସ୍ପର୍ଶ ମାତ୍ରେ ନିଜକୁ କ୍ଷଣିକ ତୃପ୍ତି ଲାଭ କରେ ବୈଭବ ଅଥଚ ବର୍ଣ୍ଣାଳୀର କାମାଗ୍ନିକୁ ପ୍ରଶମିତ କରିପାରେ ନାହିଁ।

ସ୍ତ୍ରୀର ମନରେ ସନ୍ଦେହର ବୀଜ ବପନ ହେଲା। ସ୍ୱାମୀର ଏଭଳି ଆଚରଣରେ ପ୍ରଶ୍ନ କରେ ବର୍ଣ୍ଣାଳୀ - ତୁମେ ମୋତେ ସାମାଜିକ ନିତି ନିୟମ ଦୃଷ୍ଟିରୁ ବିବାହ କରିଛ ? ବାସ୍ତବିକ ସ୍ତ୍ରୀର ମନ କଥା ବୁଝି ପାରୁନାହଁ ବା କୌଣସି ତରୁଣୀର ପ୍ରେମରେ ପଡି ମୋତେ ହତାଦର କରୁଛ ? ମୁଁ ସମାଜ ଆଗରେ ବାଞ୍ଝର ଆଖ୍ୟା ପାଉଛି। ମୋତେ ଲୋକେ ଦେଖିଲେ ପଳାଶଫୁଲ ବୋଲି କହୁଛନ୍ତି । ପଳାଶଫୁଲର ଯେମିତି ସୁନ୍ଦରତା ଅଛି କିନ୍ତୁ ଠାକୁରଙ୍କର ନା ତ ପଦ ସେବାରେ ଲାଗି ପାରୁଛି ନା ସୁଗନ୍ଧ ଅଛି। ରୂପ ଗୁଣ ସୌନ୍ଦର୍ଯ୍ୟରେ ମୁଁ ପରିପୂର୍ଣ୍ଣ ଥିଲେ କ'ଣ ହେଲା ନା ସ୍ୱାମୀର ନା ତ ମାତୃତ୍ୱ ଲାଭ କରି ପାରିଲି। ସ୍ୱାମୀ ସ୍ତ୍ରୀ ପାର୍କରେ.. ମନ୍ଦିରରେ.. ମଲ୍ ରେ.. ହାତକୁ ହାତ ଛନ୍ଦି ବୁଲୁଛନ୍ତି। ଏସବୁ ଦେଖିଲେ ତୁମ ମନରେ କିଛି ଭାବନା ସୃଷ୍ଟି ହେଉନାହିଁ ନା ତୁମେ ପୁରୁଷ ନୁହଁ ?



*(କ୍ରମଶଃ)*

# ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ନେଇ ୱାକାଥନ ଓ ପଥ ଉତ୍ସବ

**ମାଲକାନଗିରି :** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୪ ନେଇ ୱାକାଥନ ଓ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଥ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ବିଶାଲ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱିପ ଭିଡ଼ିଓକୁ ଉନ୍ମୋଚନ କରିଥିଲେ। ଭୋଟ ଦେବା ଆମ ସମସ୍ତଙ୍କ ଅଧିକାର ଓ କର୍ତ୍ତବ୍ୟ। ତେଣୁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୪ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ସମସ୍ତ ନାଗରିକ ସଚେତନ ହୋଇ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୁଅନ୍ତୁ ଓ ଏକ ସୁସ୍ଥ ଗଣତନ୍ତ୍ର ରାଷ୍ଟ୍ର ଗଠନରେ ଅଂଶ ଗ୍ରହଣ କରନ୍ତୁ ବୋଲି ଜିଲ୍ଲାପାଳ ଆହ୍ୱାନ କରିଥିଲେ। ଭିଡ଼ିଓ ଉନ୍ମୋଚନ ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ନୀତେଶ ୱାଧୱାନୀ, ଖଣ୍ଡୀୟ ବନ ଅଧିକାରୀ, ପ୍ରତାପ କଟାପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ଓ ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଡଃ ଅକ୍ଷୟ କୁମାର ଖେମୁଣ୍ଡୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡ଼ଃ ଖେମୁଣ୍ଡୁ ସମସ୍ତଙ୍କୁ




ସ୍ୱାଗତ ଜଣାଇ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେହିପରି ସ୍ଥାନୀୟ ବ୍ଲକ୍ ପଡ଼ିଆଠାରେ ଜିଲ୍ଲା ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ, ଡଃ ଖେମୁଣ୍ଡୁ, ସିଡ଼ିଏମଓ, ଡ଼ା ପ୍ରଫୁଲ୍ଲ କୁମାର ନନ୍ଦ, ଏସଡିପିଓ, ସଚିନ ପଟେଲଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ମାଝୀ ସବୁଜ ପତାକା ଦେଖାଇ ୱାକାଥନର ଶୁଭାରମ୍ଭ କରିଥିଲେ। ଏହି ୱାକାଥନ ବ୍ଲକ ପଡିଆ ଠାରୁ ଆରମ୍ଭ ହୋଇ ବାଲିମେଳା ଛକ ପର୍ଯ୍ୟନ୍ତ ହୋଇଥିଲା। ଏହି ବିଶାଳ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ୧୭ ବର୍ଷରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ, ବିଏଲଓ, ଦିବ୍ୟାଙ୍ଗ, କିନ୍ନର, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ପଥ ଉତ୍ସବରେ ନିର୍ବାଚନ ପ୍ରକ୍ରିୟା ସମ୍ବନ୍ଧୀୟ ବିଷୟବସ୍ତୁ ନେଇ ବିଭିନ୍ନ ସଚେତନତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଷ୍ଟଟ୍ ଭୋଟର ପଞ୍ଜୀକରଣ ପାଇଁ କିଓସ୍କ, ରଙ୍ଗୋଲି, ମାର୍ଶାଲ ଆର୍ଟ, ସ୍କେଟିଂ ଏବଂ ତାରବାଜୀ ଅନ୍ୟାନ୍ୟ ପ୍ରମୁଖ ଆକର୍ଷଣ ଥିଲା। ସମସ୍ତ ୧୭ ବର୍ଷରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀଙ୍କୁ ଭୋଟର ତାଲିକାରେ ପଞ୍ଜୀକରଣ ନିମନ୍ତେ ଉତ୍ସାହିତ କରି ନିର୍ବାଚନରେ ଅଂଶଗ୍ରହଣ ମାଧ୍ୟମରେ ଗଣତନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହି ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପ୍ରଭାତୀ ଝଡିଆ, ମାଲକାନଗିରି ପୂର୍ବତନ ତହସିଲଦାର, ସୟଦ ସବୀର ସା ଏବଂ ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ନିର୍ବାଚନ ବିଭାଗର କର୍ମଚାରୀ ଓ ପଥ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶ୍ରେଷ୍ଠ ଦଳଙ୍କୁ ସମ୍ମାନୀତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇଣ୍ଟରନେଟ୍‌ରେ ...

୨ ଲକ୍ଷ ୪ ହଜାର ୫୬। ଯୌନ ଉତ୍ତେଜନାସୃଷ୍ଟିକାରୀ ଦୃଶ୍ୟାବଳୀ, ଶିଶୁଙ୍କୁ ଯୌନ ନିର୍ଯାତନା ସଂକ୍ରାନ୍ତ ମ୍ୟାଟେରିଆଲ, ଶିଶୁଙ୍କୁ ଯୌନ ଶୋଷଣ ଆଦିକୁ ଚାଇଲଡ ପର୍ଣ୍ଣୋଗ୍ରାଫି ଭାବେ ଗ୍ରହଣ କରିବା ଲାଗି ପରାମର୍ଶ ଦିଆଯାଇଛି। ସୂଚନା ଓ ପ୍ରଯୁକ୍ତି ଆଇନ ୨୦୦୦ରେ ରହିଥିବା ଯୌନ ଉତ୍ତେଜନା ସଂକ୍ରାନ୍ତ ସଂଜ୍ଞାର ପୁନଃସମୀକ୍ଷା କରିବା ଲାଗି ସରକାରଙ୍କୁ ପରାମର୍ଶ ଦେଇଛନ୍ତି କମିଶନ। ଇଣ୍ଟରନେଟର ପ୍ରସାରିତ ହେଉଥିବା ଦୃଶ୍ୟଗୁଡିକୁ ମନିଟରିଂ କରିବା ସହ ଏହାର ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି କମିଶନ। ଶିଶୁ ଯୌନ ନିର୍ଯାତନା ସଂକ୍ରାନ୍ତ ମ୍ୟାଟେରିଆଲଗୁଡିକ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ ଲାଗି ପ୍ରସ୍ତାବିତ ସ୍ୱତନ୍ତ୍ର କେନ୍ଦ୍ରୀୟ ପୋଲିସ ୟୁନିଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ କମିଶନ କହିଛନ୍ତି। ଆଇନଜୀବୀ, ବିଚାରପତି, ପୋଲିସ, ସରକାରୀ ଅଧିକାରୀଙ୍କୁ ଏସମ୍ପର୍କରେ ପ୍ରଶିକ୍ଷଣ ଦେବା ଲାଗି ସୁପାରିସ କରିଛନ୍ତି କମିଶନ। ସେହିପରି ଏହି ଧରଣର ମ୍ୟାଟେରିଆଲ ଗୁଡିକୁ ତୁରନ୍ତ ହଟାଇଦେବା ଲାଗି ମିଡିଆ ପ୍ଲାଟଫର୍ମଗୁଡିକୁ କମିଶନ ପରାମର୍ଶ ଦେଇଛନ୍ତି।

### 'ଓଡ଼ିଶାକୁ ବିପୁଳ ...

ଅସ୍ମିତା ଏବଂ ମହାପ୍ରଭୁଙ୍କ ପ୍ରତି ସମର୍ପିତ ଥିବା ଲୋକଙ୍କୁ ଦାୟିତ୍ୱ ଦେବା ପାଇଁ ଲଢେଇ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ତିର୍ତ୍ତୋଲ ସ୍ଥିତ ମହାକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ କହିଛନ୍ତି ଜଗତସିଂହପୁର ଜିଲ୍ଲା ରଘୁନାଥପୁରରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିବାରୁ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ। ଓଡ଼ିଆ ସଂସ୍କୃତିର ପବିତ୍ର ପୀଠସ୍ଥଳ ମାଆ ଶାରଳା ଏବଂ ଓଡ଼ିଆ ଭାଷାର ଆଦିକବି ସାରଳା ଦାସଙ୍କ ଏହି ପବିତ୍ର ଭୂମିକୁ ମୋର ପ୍ରଣାମ। ଗଣକବି ବୈଷ୍ଣବ ପାଣିଙ୍କ ପୁଣ୍ୟ ଜୟନ୍ତୀରେ ତାଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।

### ଲିପଷ୍ଟିକ୍‌ରେ ...

ଏଥିରେ କିଛି ପ୍ରଭାବ ପଡି ନ ଥାଏ। ଏକ ଅଧ୍ୟୟନରୁ ଜଣାପଡିଛି କି, ଏହାର ବହୁଳ ବ୍ୟବହାର ଦ୍ୱାରା ବହୁତ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ସେଣ୍ଟର ଫର୍ ଡିଜିଜି କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ ଅନୁସାରେ, ପିଏଫଏଏସ ରାସାୟନିକ ତତ୍ତ୍ୱ ମଣିଷର ରକ୍ତରେ ପାଣି, ଖାଦ୍ୟ, ପବନ ଆଦି ଜରିଆରିରେ ଶରୀରରେ ପ୍ରବେଶ କରିଥାଏ। ୨୦୧୬ରେ କାନାଡାରେ, ୨୦୨୨ରେ ୟୁରୋପର ଅନେକ ଦେଶ ଏହି କେମିକାଲର ବ୍ୟବହାରକୁ ନିଷେଧ କରିଥିରିଲେ। ତେବେ କେବଳ ପ୍ରସାଧନ ସାମଗ୍ରୀ ଓ କପଡାରେ ନୁହେଁ ରୋଷେଇ ଘରେ ବ୍ୟବହୃତ ବାସନ, ପାଟିକୁ ସୁଆଦ ଲାଗୁଥିବା ଷ୍ଟ୍ରିଟ୍ ଫୁଡ୍‌ର ପ୍ୟାକେଜିଂ କଭରରେ ମଧ୍ୟ ଏହି କେମିକାଲ ବ୍ୟବହାର ହେଉଛି। ଏହି କେମିକାଲ ସଂସ୍ପର୍ଶରେ ଅଧିକ ଆସିବା ଦ୍ୱାରା ମହିଳା ନିସନ୍ତାନ ହେବା, ମଧୁମେହ, କିଡନୀ ରୋଗ, ହର୍ମୋନ ଅସନ୍ତୁଳିତ ହେବା ଇତ୍ୟାଦି ସମସ୍ୟା ଦେଖାଯାଏ।

### ନୂଆବର୍ଷରୁ ...

ପୁନଃବିକାଶ ପ୍ରକଳ୍ପ।ଏହା ସମ୍ପୂର୍ଣ୍ଣ ହେବା ପରେ ଭକ୍ତମାନେ ଦୂରରୁ ମନ୍ଦିରକୁ ଦେଖି ପାରିବେ। ଏହି କରିଡର ଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା ସୁଯୋଗ ସୃଷ୍ଟି ହେବା ସହ ସୁରକ୍ଷା ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେବ।

### କେନ୍ଦ୍ରୀୟ ନେତାଙ୍କ ...

ପ୍ରସ୍ତୁତି ଆରମ୍ଭ କରିଛି। ୨୦୨୪ ନିର୍ବାଚନ ପାଇଁ ନଭେମ୍ବର ଶେଷ ସୁଦ୍ଧା ବୁଥ୍ କମିଟି ଗଠନ କରାଯିବ ବୋଲି ପିସିସି ସଭାପତି କହିଛନ୍ତି। ସେପଟେ ବିଧାୟକ ମହମ୍ମଦ ମୋକିମଙ୍କ ଉପରୁ ନିଲମ୍ବନ ନଉଠାଇବା ନେଇ କଂଗ୍ରେସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ପିସିସି ପ୍ରଭାରୀ ଚେଲ୍ଲା କୁମାର କହିଛନ୍ତି, ଏବେ ନିଲମ୍ବନ ଉଠିବ ନାହିଁ। ପିସିସି ସଭାପତି ମଧ୍ୟ ପ୍ରଭାରୀଙ୍କ ସହ ସ୍ୱର ମିଳାଇଛନ୍ତି। ଯାହା ବିଧାୟକ ମହମ୍ମଦ ମୋକିମଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଅନ୍ୟପଟେ ବରିଷ୍ଠ କଂଗ୍ରେସ ନେତାମାନେ ନିର୍ବାଚନ ଲଢ଼ିବା ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ନିର୍ବାଚନ ପ୍ରସ୍ତୁତି ଭିତରେ କଂଗ୍ରେସରେ ନିଲମ୍ବନ ଓ ନିର୍ବାଚନ ଲଢ଼ିବା ଦ୍ୱନ୍ଦ୍ୱକୁ ରାଜନୈତିକ ସମୀକ୍ଷକମାନେ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି। କେନ୍ଦ୍ରୀୟ ନେତାଙ୍କୁ ଓଡ଼ିଶା ଆଣି ସଂଗଠନକୁ ଚଳଚଞ୍ଚଳ କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି ରାଜ୍ୟ କଂଗ୍ରେସ। କିନ୍ତୁ ଓଡ଼ିଶାକୁ ଏଆଇସିସି ଫୋକସ୍ କରୁନଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ରାଜ୍ୟ କଂଗ୍ରେସ ୨୪ ନିର୍ବାଚନ ପାଇଁ କିପରି ପାଗ ଭିଡ଼ିବ ତା' ଉପରେ ସମସ୍ତଙ୍କ ନଜର।

### ଜଟଣୀରେ ସ୍ଥାପନ ...

ଭାରତ ସମେତ ଓଡ଼ିଶାରେ ଶିଶୁ କର୍କଟ ବୃଦ୍ଧି ପାଉଥିବା ବେଳେ ଭିତ୍ତିଭୂମିର ଘୋର ଅଭାବ ରହିଛି। ନିର୍ଦ୍ଦିଷ୍ଟ ଭାବେ ଶିଶୁ କର୍କଟ ରୋଗୀଙ୍କ ପାଇଁ ନିଦାନ, ଚିକିତ୍ସା ତଥା ପରାମର୍ଶ ସେବାରେ ବ୍ୟତିକ୍ରମ ଦେଖା ଦେଉଛି। ଏପରି ଆହ୍ୱାନକୁ ସରକାର ଗୁରୁତ୍ୱର ସହ ନେଇ ହୋମି ଭାବା କ୍ୟାନ୍ସର ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟରରେ ଶିଶୁ କର୍କଟ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡାକ୍ତରଖାନା ନିର୍ମାଣ ପାଇଁ ରାଜ୍ୟ ସରକାର ନିଜ ଆଡୁ ପଦକ୍ଷେପ ନେଇଛନ୍ତି। ନିକଟ ଅତୀତରେ କର୍କଟ ଆହ୍ୱାନର ସଫଳ ମୁକାବିଲା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ନେଇଥିବା ବେଳେ ଆଜିର ନିଷ୍ପତ୍ତି କର୍କଟ ବିରୋଧୀ ଆଭିମୁଖ୍ୟକୁ ଆହୁରି ବଳ ଯୋଗାଇବ। କର୍କଟ ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା ସ୍ୱାସ୍ଥ୍ୟ ବିଭାଗ ପାଇଁ ଏବେ ବି ବଡ଼ ଆହ୍ୱାନ ହୋଇ ରହିଥିବା ବେଳେ ପିଲାଙ୍କ ମଧ୍ୟରେ କର୍କଟ ବଢୁଥିବା ଦେଖାଯାଇଛି। ଏପରିକି ଓଡ଼ିଶାରେ ପିଲାମାନଙ୍କ ମଧ୍ୟରେ କର୍କଟ ଜାତୀୟ ହାର ଠାରୁ ଅଧିକ ରହିଛି। ଜନସଂଖ୍ୟା ଆଧାରିତ କର୍କଟ ରେଜିଷ୍ଟ୍ରି (ପିବିସିଆର) ଅଭାବରେ ରାଜ୍ୟରେ କେତେ ସଂଖ୍ୟକ କର୍କଟ ରୋଗୀ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ ପିଲାମାନଙ୍କ ସଂଖ୍ୟା କେତେ ତାହା ସ୍ପଷ୍ଟ ହୋଇପାରି ନାହିଁ। ତେବେ ପିଲାମାନଙ୍କ କର୍କଟର ଚିକିତ୍ସା କରୁଥିବା ଡାକ୍ତରଖାନାର ଚିକିତ୍ସକଙ୍କ ମତ ଅନୁସାରେ ଓଡ଼ିଶାରେ ଶିଶୁ କର୍କଟ ହାର ୭ରୁ ୧୦% ମଧ୍ୟରେ ରହୁଛି। ନିକଟରେ କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ପିଜି ପ୍ରତିଷ୍ଠାନ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ୨୦୧୩ରୁ ୨୦୨୦ ମଧ୍ୟରେ ୧.୬% ଶିଶୁ ବିଭିନ୍ନ ପ୍ରକାର କର୍କଟ ରୋଗରେ ଆକ୍ରାନ୍ତ ହୋଇଛନତି। ସେହିପରି ଗତ ଚାରି ବର୍ଷ ହେଲା ଏମ୍ସ ଭୁବନେଶ୍ୱରରେ ପ୍ରତି ବର୍ଷ ୨୫୦ରୁ ୩୦୦ ନୂଆ ଶିଶୁ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏଠାକୁ ଓଡ଼ିଶା ସମେତ ଝାଡଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗରୁ ରୋଗୀ ଆସୁଛନ୍ତି। ତେବେ ଓଡ଼ିଶାରେ ଶିଶୁ କର୍କଟ ରୋଗୀଙ୍କ ସଂଖ୍ୟା ପଡୋଶୀ ଜିଲ୍ଲାର ରୋଗୀଙ୍କ ଠାରୁ କମ୍ ରହୁଛି ବୋଲି ଚିକିତ୍ସା କରୁଥିବା ଅଙ୍କୋଲୋଜି ବିଭାଗର ବରିଷ୍ଠ ଡାକ୍ତର କହିବା ସହିତ ଏକ ଚିକିତ୍ସା ବିଜ୍ଞାନ ପାଇଁ ଆଉ ଏକ ପ୍ରମୁଖ ଆହ୍ୱାନ ବୋଲି ପ୍ରକାଶ କରିଛନ୍ତି। ପିଲାମାନଙ୍କୁ ଠିକ୍ ସମୟରେ ଚିକିତ୍ସା କରାଗଲେ ସେମାନେ ସୁସ୍ଥ ହୋଇପାରିବେ। କର୍କଟ ରୋଗର ମୂଳୋତ୍ପାଟନ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଅନେକ କ୍ଷେତ୍ରରେ ପ୍ରତିଫଳିତ ହେଉଛି। ରାଜ୍ୟର ପ୍ରତି ଜିଲ୍ଲା ମୁଖ୍ୟାଳୟରେ କେମୋ ଥେରାପି ସୁବିଧା ଉପଲବ୍ଧ କରାଯିବା ଠାରୁ ଆରମ୍ଭ କରି ଏମ୍‌କେସିଜି ମେଡିକାଲ କଲେଜରେ କ୍ୟାନ୍ସର କେୟାର ୟୁନିଟ୍ ନିର୍ମାଣ ଆରମ୍ଭ କରାଯାଇଛି। ଏଥିପାଇଁ ଟିଏମ୍‌ସି ବୈଷୟିକ ସହାୟତା ପ୍ରଦାନ କରୁଛି। ରୋଗୀଙ୍କ କେମୋ ଥେରାପି ଲାଗି ରାଜ୍ୟ ସରକାର ବାର୍ଷିକ ୧୦୪୬ କୋଟି ଟଙ୍କା ବ୍ୟୟ କରୁଛନ୍ତି। ସେହିପରି ଟିଏମ୍‌ସି ସହାୟତାରେ ଜିଲ୍ଲା ସ୍ତରରେ କର୍କଟ ନିଦାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ଦୁଇଟି ଲିନାର୍ ଆକ୍ସେଲେଟର୍ ଏବଂ ୩୦ ଶଯ୍ୟା ବିଶିଷ୍ଟ ଡେ କେୟାର ୟୁନିଟ୍ ଲୋକାର୍ପଣ କରିଛନ୍ତି। ଏଥିସହ ରାଜ୍ୟରେ କର୍କଟ ରୋଗର ମୁକାବିଲା ପାଇଁ ରାଜ୍ୟ ସରକାର ଘରୋଇ ପୁଞ୍ଜିନିବେଶ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଭୁବନେଶ୍ୱର ଉପକଣ୍ଠରେ ବାଗଚୀ ଶଙ୍କର କ୍ୟାନ୍ସର ହସ୍ପିଟାଲ ନିର୍ମାଣ ହୋଇଥିଲା ବେଳେ ଝାରସୁଗୁଡ଼ା ଠାରେ ଏକ ଅତ୍ୟାଧୁନିକ କର୍କଟ ଡାକ୍ତରଖାନା ପ୍ରତିଷ୍ଠା କରାଯିବ।

### ପିଆଜ ଦେଖିଲେ ...

ଖାଲି ଆମିଷ ନୁହେଁ ନିରାମିଶରେ ମଧ୍ୟ ପିଆଜ ଖୋଜା ପଡିଥାଏ। ପିଅଜି ବିନା ଖାଦ୍ୟ ସ୍ୱାଦିଷ୍ଟ ହୁଏନା କି ପାଟିକୁ ବି ରୁଚେନା। ତେବେ ପିଆଜର ଏହି ବର୍ଦ୍ଧିତ ଦର ସତରେ ଭାରି ବାଧୁଛି। ଓଡିଶାକୁ ଆସୁଥିବା ପିଆଜ ପାଇଁ ନାସିକର ବଜାର ଉପରେ ନିର୍ଭର କରିବାକୁ ପଡେ। ପାଖାପାଖି ୬୦ ପ୍ରତିଶତ ପିଆଜ ନାସିକରୁ ଆମଦାନୀ ହୁଏ। ହେଲେ ଏବେ ବର୍ଷା କାରଣରୁ ନୂଆ ପିଆଜ ଆସିପାରୁନାହିଁ। ସେଥିପାଇଁ ପିଆଜ ଦର ବଢିଛି। ନଭେମ୍ବର ମାସ ଶେଷ ସୁଦ୍ଧା ବଜାରକୁ ନୂଆ ପିଆଜ ଆସିବ? ନୂଆ ପିଆଜ ଆସିଲେ ନଭେମ୍ବର ଶେଷ ସୁଦ୍ଧା ପିଆଜ ଦର କମିବାର ଆଶା ଅଛି ବୋଲି କହିଛନ୍ତି ବ୍ୟବସାୟୀ ସଂଘର ସଚିବ। ଗୋଟିଏ ପଟେ ପରିବା ଦର ଉଚ୍ଚ ଥିବା ବେଳେ ପିଆଜ ଦର ପୁଣି ଖାଉଟିଙ୍କୁ ଚିନ୍ତାରେ ପକାଇଛି। ଆବଶ୍ୟକ ଠାରୁ କମ ପରିମାଣର ପିଆଜ ନେଇ କାମ ମେଣ୍ଟାଇବାକୁ ଲୋକେ ବାଧ୍ୟ ହେଉଛନ୍ତି। ଖୁଚୁରା ବଜାରରେ କିଏ କେତେ ବିକିଲା କିଏ କେତେ କିଣିଲା ତାହା ଦେଖିବାକୁ କେହି ନାହିଁ। ଆଗରୁ ପିଆଜ କାଟିଲେ କାନ୍ଦ ଲାଗୁଥିଲା, ଏବେ ପିଆଜ ଦେଖିଲେ କାନ୍ଦ ଲାଗୁଛି। ଆଲୋଚନା ହେଲାଣି ୨ଶହ ଟଙ୍କା ଟପିପାରେ ପିଆଜ। ତେଣୁ ସରକାର ବିକାଶ ସାଙ୍ଗରେ ପିଆଜ ଚିନ୍ତା କରନ୍ତୁ।

### ଚାଲିବ ସୌରଶକ୍ତି ...

ପରେ ସବସିଡି ଦରରେ ମତ୍ସ୍ୟଜୀବୀ ଓ ପର୍ଯ୍ୟଟନ ପାଇଁ ଯୋଗାଇ ଦିଆଯିବ ଶବ୍ଦ ବିହୀନ ମୋଟର ବୋଟ୍। ଚିଲିକାର ଜୈବ ବିବିଧତା ବଜାୟ ରଖିବା ସହିତ ଶବ୍ଦ ପ୍ରଦୂଷଣ ମୁକ୍ତ କରିବାକୁ ରାଜ୍ୟ ସରକାର ଏ ହେଉଛି ଅଭିନବ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନୂଆ ରୂପ ପାଇବ ଚିଲିକା। ପାରମ୍ପରିକ ଇନ୍ଧନରେ ଚାଲୁଥିବା ମୋଟର ବୋଟ୍ ଯୋଗୁ ଚିଲିକାରେ ରହୁଥିବା ଇରାୱାଡି ଡଲଫିନଙ୍କ ଚଳପ୍ରଚଳ ପ୍ରଭାବିତ ହେଉଛି। ଚିଲିକାର ସୌନ୍ଦର୍ଯ୍ୟ ସୁରକ୍ଷିତ ରଖିବାକୁ ଏହା ହେଉଛି ରାଜ୍ୟ ସରକାରଙ୍କ ମାଷ୍ଟର ପ୍ଲାନ। ଚିଲିକା ପାଇଁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଟୁରିଷ୍ଟ ଅପରେଟର୍। ସବୁଜ ଶକ୍ତି ଓ ଅଣପାରମ୍ପରିକ ଶକ୍ତି ଦ୍ୱାରା ମୋଟର ବୋଟ ହେଲେ ଡଲଫିନ୍ ଓ ବିଦେଶୀ ପକ୍ଷୀ ବିଚରଣ ଉପରେ ଆଉ ପ୍ରଭାବ ପଡ଼ିବନି। ଫଳରେ ପର୍ଯ୍ୟଟକମାନେ ଚିଲିକା ବକ୍ଷରେ ବୋଟିଂ କରିବା ସହିତ ନୀଳ ଜଳରାଶିର ଭରପୂର ମଜା ଉଠାଇପାରିବେ। ଏହାଦ୍ୱାରା ଚିଲିକାକୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସିବେ। ରାଜ୍ୟ ସରକାର ଚିଲିକା ସମେତ ଭିତରକନିକା ଓ ଅନ୍ୟ ଜଳାଶୟ ପର୍ଯ୍ୟଟନ କ୍ଷେତ୍ରରେ ଚାଲୁଥିବା ବୋଟିଂଗୁଡ଼ିକୁ ଏପରି ରୂପାନ୍ତର କରିବା ଦରକାର ବୋଲି ଟୁର ଅପରେଟର ମତ ରଖିଛନ୍ତି।

### ଡିଜିଟାଲ ପେମେଣ୍ଟ ...

ବିଶ୍ୱାସଯୋଗ୍ୟ ବ୍ୟବସ୍ଥା ବିନା ଏହା ଲୋକପ୍ରିୟତା ହାସଲ କରିବା କଷ୍ଟ। ତେଣୁ ଉତ୍ତମ ଭିତ୍ତିଭୂମି ଏ କ୍ଷେତ୍ରରେ ଏକ ମୌଳିକ ଆବଶ୍ୟକତା। ତେବେ ସେ ଯା' ହେଉ ଏ କ୍ଷେତ୍ରରେ ଲୋକଙ୍କ ବ୍ୟବହାର ପରିବର୍ତ୍ତନ ଅଧିକ ଗୁରୁତ୍ୱ ରଖେ। ନଗଦ ପରିବର୍ତ୍ତେ ଲୋକେ ଯଦି ଡିଜିଟାଲ ପେମେଣ୍ଟ ଉପରେ ଅଧିକ ନିର୍ଭର କରିବେ ତେବେ ଏହାର ଅଭିବୃଦ୍ଧି ସୁନିଶ୍ଚିତ। ବ୍ୟବହାର ପରିବର୍ତ୍ତନରେ ବ୍ୟବସ୍ଥାର ସୁବିଧା ସୁଯୋଗ ସହଜରେ ମିଳିବା ଏବଂ ଏହା ଭରସାଯୋଗ୍ୟ ହେବା ବିଶେଷ ଗୁରୁତ୍ୱ ରଖେ। ସେଥିପାଇଁ ଏ କ୍ଷେତ୍ରରେ ଉନୋଭେସନରେ ଉପଯୁକ୍ତ ଦୂରଦୃଷ୍ଟି ରହିବା ବାଞ୍ଛନୀୟ। ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଏହାର ବ୍ୟବହାରକାରୀଙ୍କ ପାଇଁ ପ୍ରାସଙ୍ଗିକ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସୁତରାଂ ଏକ ଭଏସ ବକ୍ସରୁ 'ସିରି' ସଦୃଶ ସ୍ୱରରେ ତତ୍କାଳ ଘୋଷଣା ହେବା ଉଚିତ ଯେ କ୍ୟୁଆର କୋଡରେ ଆପଣ ପଠାଇଥିବା ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ପ୍ରାପ୍ତ ହୋଇଛି। ଏହା ଦ୍ୱାରା ଷ୍ଟ୍ରିଟ ଭେଣ୍ଡର ଓ କ୍ଷୁଦ୍ର ବ୍ୟବସାୟୀମାନେ ଦେଣନେଣ କ୍ଷେତ୍ରରେ ଉପୁଜୁଥିବା ଅବିଶ୍ୱାସର ବାତାବରଣରୁ ମୁକ୍ତ ହୋଇପାରିବେ। କିଏ କେତେ ଟଙ୍କା ଦେଲା ତାହା ସ୍ମାର୍ଟ ଫୋନ ଘୋଷଣାରୁ ଜାଣିହେବ। ତେଣୁ ଏହି ବେପାରୀ ଓ ବ୍ୟବସାୟୀମାନେ ନଗଦ କାରବାର ଅପେକ୍ଷା ଡିଜିଟାଲ ପେମେଣ୍ଟ ଉପରେ ଅଧିକ ନିର୍ଭର କରିବେ। ୟୁପିଆଇରେ ବ୍ୟବହାରକାରୀଙ୍କୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଡିଜାଇନ ପେମେଣ୍ଟ ଦେବାକୁ ପଡିବ। ସେଇଟି ହେଲା ଗ୍ରାହକଙ୍କୁ ସେବା ପ୍ରଦାନକାରୀ ବାଛିବାର ପସନ୍ଦ। ଏଥିରେ ଗ୍ରାହକଙ୍କର କେଉଁ ବ୍ୟାଙ୍କରେ ଆକାଉଣ୍ଟ ଅଛି ତାହାକୁ ବିଚାରକୁ ନେବା ଅନାବଶ୍ୟକ। ଯେକୌଣସି ବ୍ୟାଙ୍କରେ ଆକାଉଣ୍ଟ ଥିବା ବ୍ୟକ୍ତି ୟୁପିଆଇ ପେମେଣ୍ଟକୁ ଆକ୍ସେସ୍ କରିପାରିବାର ସୁଯୋଗ ପାଇବା ଉଚିତ। ୟୁପିଆଇ ସହିତ ରୁପେ କ୍ରେଡିଟ୍ କାର୍ଡକୁ ସମନ୍ୱିତ କରାଯିବା ଫଳରେ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିଛି। ଏହା ଦ୍ୱାରା ଗ୍ରାହକ ୟୁପିଆଇ ଓ କ୍ରେଡିଟ୍ କାର୍ଡ ଉଭୟର ସୁବିଧା ପାଉଛନ୍ତି। ସେମାନେ ନିଜ ବ୍ୟାଙ୍କ ଜମା ଖାତାରୁ ଟଙ୍କା ଉଠାଇବା ପରିବର୍ତ୍ତେ କ୍ରେଡିଟ୍ କାର୍ଡ ମାଧ୍ୟମରେ ସ୍ୱଳ୍ପ ମିଆଦି କ୍ରେଡିଟ୍ (ଋଣ) ସୁବିଧା ଲାଭ କରୁଛନ୍ତି। ଏହା ମାଧ୍ୟମରେ ସେମାନେ ମଧ୍ୟ ୟୁପିଆଇ ଟ୍ରାଞ୍ଜାକସନ୍ ସୁବିଧା ପାଉଛନ୍ତି। ଭାରତର ପ୍ରକାଣ୍ଡ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଓ ଭିତ୍ତିଭୂମି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛି। ୟୁପିଆଇ ସ୍ଥାନୀୟ ଭାବେ ସଫଳ ହେବା ପରେ ଭାରତୀୟ ନେଶନାଲ ପେମେଣ୍ଟ କର୍ପୋରେସନ (ଏନ୍‌ପିସିଆଇ) ଏନଆଇପିଏଲ ନାମରେ ଏକ ଶାଖା ଗଠନ କରିଛି। ଏହାର ପରିଚୟ ଏନ୍‌ପିସିଆଇ ଇଣ୍ଟର ନେସନାଲ ପେମେଣ୍ଟସ୍ ଲିମିଟେଡ। ୨୦୨୦ରେ ଏନ୍‌ଆଇପିଏଲ୍ ଗଠିତ ହେବା ପରେ ଏହା ଭାରତର ଡିଜିଟାଲ ପେମେଣ୍ଟ ସିଷ୍ଟମକୁ ଦେଶ ବାହାରକୁ ସମ୍ପ୍ରସାରିତ କରିଛି । ସେବେଠାରୁ ଏନ୍‌ଆଇପିଏଲ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ୩୦ଟି ଦେଶର ଆର୍ଥିକ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି କରି ଭାରତର ୟୁପିଆଇ ଭିତ୍ତିକ ଟ୍ରାଞ୍ଜାକସନ ବ୍ୟବସ୍ଥାକୁ ସମ୍ପୃକ୍ତ ଦେଶଗୁଡିକରେ ପ୍ରଚଳନ କରିଛନ୍ତି। ଫ୍ରାନ୍ସରେ ୟୁପିଆଇର ପ୍ରବେଶ ଅର୍ଥ ଏହା ୟୁରୋପ ମାଟିରେ ପ୍ରଥମଥର ପାଦ ଥାପିଛି। ବ୍ରିକ୍ସ ରାଷ୍ଟ୍ର ସମୂହରେ ୟୁପିଆଇ ପ୍ରଚଳନ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱ ଦେଇଆସୁଛନ୍ତି। ଏବେ ବ୍ରିକ୍ସ ମେଣ୍ଟରେ ଆଉ ଛ'ଟି ଦେଶ ନୂଆ ସଦସ୍ୟଭାବେ ଯୋଗଦେଇଛନ୍ତି। ୨୦୧୬ରେ ଏକ ସାଧାରଣ ଅୟମାରମ୍ଭ କରିଥିବା ୟୁପିଆଇ ଏକ ଅଭୂତପୂର୍ବ ବିକାଶ ଓ ଲୋକପ୍ରିୟତା ହାସଲ କରି ଏକ ବିଶ୍ୱାସଯୋଗ୍ୟ ଡିଜିଟାଲ ଦେଣନେଣର ମାଧ୍ୟମ ପାଲଟିଛି। ଏହାର ସଫଳତା ଓ ପ୍ରଭାବ ଦେଖିଲେ ମନେ ହୁଏ ଯେ ୟୁପିଆଇ ଏପରି ଏକ ମାଧ୍ୟମ ଯାହାର ତୁଳନା ନାହିଁ।

# ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର କାର୍ଯ୍ୟକାରୀଣି ବୈଠକ



**ଭୁବନେଶ୍ୱର :** ସତ୍ୟନଗର ଅଫିସ ପ୍ରାଙ୍ଗଣରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର କାର୍ଯ୍ୟକାରୀଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ତଥା ଭାରତୀୟ ସାମ୍ବାଦିକ ସଂଘର ସଂପାଦକ ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀଙ୍କ ନେତୃତ୍ୱରେ ଆସନ୍ତା ନଭେମ୍ବର ୧୬ତାରିଖରେ ଶତାଧିକ ସାମ୍ବାଦିକ ମାନଙ୍କୁ ନେଇ ପ୍ରେସ୍ ଦିବସ ପାଳନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ସର୍ବସମ୍ମତିକ୍ରମେ ସଂଘ ବିରୋଧୀ କାର୍ଯ୍ୟ ଓ ଆର୍ଥିକ ଅନିୟମିତତା କାର୍ଯ୍ୟ ଯୋଗୁଁ ଆଶୁତୋଷ ରଥଙ୍କୁ ଉପସଭାପତି ପଦରୁ ବହିଷ୍କାର କରାଯିବା ସହ ସଦସ୍ୟତା ରଦ୍ଦ କରାଗଲା। ପଶ୍ଚିମ ଓଡ଼ିଶାର ଜଣାଶୁଣା ସାମ୍ବାଦିକ ପରମାନନ୍ଦ ମିଶ୍ରଙ୍କୁ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇବା ସହ ଉପସଭାପତି କାର୍ଯ୍ୟ ତୁଲାଇବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀ ସଂପାଦକ ପବିତ୍ର କୁମାର ପାତ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ଅନ୍ୟତମ ସଂପାଦକ ପ୍ରସନ୍ନ ତ୍ରିପାଠୀଙ୍କ କୋଷାଧ୍ୟକ୍ଷ ପ୍ରମୋଦ ପରିଡ଼ା, କଟକ ଜିଲ୍ଲା ସଭାପତି ଲଳିତ କୁମାର ଦାଶ ସଂପାଦକ ପ୍ରକାଶ ନନ୍ଦ, ପୁରୀ ଜିଲ୍ଲା ସଭାପତି ଶରତ ପରିଡ଼ା ସହ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଗୃହ ନିର୍ମାଣରେ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ତାଲିମ ଶିବିର

**ନବରଙ୍ଗପୁର :** ଆଧୁନିକ କୌଶଳ ପ୍ରଣାଳୀରେ କିପରି ଗୃହ ନିର୍ମାଣ ଓ ଏହାର ଡିଜାଇନ୍ ସମୟରେ କିପରି ଅନେକ ବ୍ୟବସ୍ଥା କରାଯାଇ ଶକ୍ତି ସଂରକ୍ଷଣ କରାଯାଇ ପାରିବ ସେସମ୍ପର୍କରେ ଓଡିଶା ଶକ୍ତି ବିଭାଗ ତରଫରୁ ମିଶନ ଶକ୍ତି ସଭା ଗୃହ ନବରଙ୍ଗପୁରରେ ଏକ ଦୁଇ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଲିମ ଶିବିରର ଶୁଭ ଉଦ୍‌ଘାଟନ କରି ତାଲିମ ଶିବିରର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରି ଜିଲ୍ଲାରେ ଗୃହ ନିର୍ମାଣରେ ଶକ୍ତି ସଂରକ୍ଷଣ ବ୍ୟବସ୍ଥା କିପରି କାର୍ଯ୍ୟକାରୀ କରାଯାଇ ପାରିବ ସେ ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ୍ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଦୁଇ ଦିନିଆ ତାଲିମ ଶିବିରରେ ଓଡିଶା ଶକ୍ତି ବିଭାଗର କନସଲଟାଣ୍ଟ ଅଶୋକ ନନ୍ଦ, ମାଷ୍ଟର ଟ୍ରେନର ଯେ. କେ. ବ୍ୟାସ, ରାମ ପ୍ରତାପ ପୋଦାର ତାଲିମ



ପ୍ରଦାନ କରିଥିଲେ। ଏଥିରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପୂର୍ତ୍ତ ବିଭାଗ ପ୍ରଫୁଲ୍ଲ କୁମାର ମିଶ୍ର, ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଦେବର୍ଷି ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ନିର୍ବାହୀ ଅଧିକାରୀ ପୌରପାଳିକା ନବରଙ୍ଗପୁର ପ୍ରାଣନାଥ ସେଠ୍‌ଙ୍କ ସମେତ ଜିଲ୍ଲାର ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଜୁଳି ବିଭାଗ ଇତ୍ୟାଦି ବିଭାଗୀୟ ଇଞ୍ଜିନିୟର ମାନେ ଯୋଗଦାନ କରିଥିଲେ। ଗୃହ ନିର୍ମାଣରେ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଜାଣିବାକୁ ଚାହିଁଲେ ଇଞ୍ଜିନିୟର ଅଶୋକ ନନ୍ଦଙ୍କ ମୋବାଇଲ ଫୋନ ନମ୍ବର ୯୪୩୭୩୦୩୫୪୮ କୁ ଯୋଗାଯୋଗ କରିବା ପାଇଁ ସେ ସୂଚନା ଦେଇଛନ୍ତି।

# ଡାବୁଗାଁରେ ଆଦିବାସୀ ଦଶହରା ପାଳିତ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାରେ ଦୁର୍ଗା ପୂଜା ପରେ ଆଦିବାସୀ ଦଶହରା ପାଳନ ହେଉଥିବା ବେଳେ ଆଜି ଗୁରୁବାର ଡାବୁଗାଁ ବ୍ଲକ ସଦର ମହକୁମା ଠାରେ ପାରମ୍ପରିକ ଆଦିବାସୀ ଦଶହରା ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରୁ ଲାଠି, କୁର୍ଚି ଓ ଶିରା ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଅପରାହ୍ନରେ ସମସ୍ତ ଲାଠି, କୁର୍ଚି ଡାବୁଗାଁ ମାଁ ଠାକୁରାଣୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା ହେବା ପରେ ସେଠାରୁ ଲାଠି, କୁର୍ଚି, ଶିରା ଓ ଦିଶାରି ମାନେ ସୁସଜ୍ଜିତ ହୋଇ ପାରମ୍ପରିକ ଢୋଲ ମାର୍ଦ୍ଦଳର ତାଳେ ତାଳେ ନୃତ୍ୟରତ ଭାବେ ଗ୍ରାମ ସହ ସାପ୍ତାହିକ ବଜାର ପରିକ୍ରମା କରିଥିଲେ। ପରେ ମାଁ ଡାବାଦେଇ ମନ୍ଦିରରେ ପହଞ୍ଚିଥିଲେ। ଗୁରୁବାର ସାପ୍ତାହିକ ହାଟ ଥିବାରୁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହି ଦଶହରା ଆଶ୍ୱିନ ମାସରେ ଦଶହରା ପର୍ବରେ ମା ଦୂର୍ଗାଙ୍କ ଦଶମୀ ପୂଜା ପରେ ଯେଉଁ ଦିନ ସାପ୍ତାହିକ ବଜାର ପଡେ ସେହି ଦିନରେ ଆଦିବାସୀ ଦଶହରା ପାଳନ କରିଥାନ୍ତି।



ଡାବୁଗାଁ ର ସାପ୍ତାହିକ ବଜାର ଗୁରୁବାର ପଡି ଥିବାରୁ ଆଜି ଆଦିବାସୀ ଦଶହରା ଡାବୁଗାଁରେ ପାଳିତ ହୋଇଥିଲା। ଏଥିରେ ଗ୍ରାମର ପ୍ରାୟ ବହୁ ଲୋକଙ୍କ ସହ ଅନ୍ୟ ଗ୍ରାମ ମାନଙ୍କରୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ରାତିରେ ଲୋକ ମାନଙ୍କ ମନୋରଞ୍ଜନ ପାଇଁ ୨ ଟି ଦେଶିଆ ନାଟ ଯଥା:- କୋରାପୁଟ ଜିଲ୍ଲା ର ଗଞ୍ଜେଇପଦର ଗ୍ରାମର ଆଦିବାସୀ ନାଟକ ଭୁବନ ଗୁରୁ ଙ୍କ ନିର୍ଦ୍ଦେଶିତ "ଦିଲ ଦେଇ ବରବାଦ ହେଲି" ଓ କୁନ୍ଦ୍ରା ଗ୍ରାମର କର୍ଣ୍ଣ ଗୁରୁଙ୍କ ନିର୍ଦ୍ଦେଶିତ "ଦୁଃଖ ଦେଇଗଲା ଜୀବନସାଥୀ" ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଗୁଡିକ ଡାବୁଗାଁ ଦୂର୍ଗା ପୂଜା କମିଟି ଦ୍ୱାରା ପରିଚାଳନା କରାଯାଇଥିଲା।

# ଅସ୍ତରଙ୍ଗ ବ୍ଲକ ନୂତନ ବିଡ଼ିଓଙ୍କୁ ସମ୍ବର୍ଦ୍ଧନା



**ଅସ୍ତରଙ୍ଗ :** ବୁଧବାର ଦିନ ଅସ୍ତରଙ୍ଗ ବ୍ଲକରେ ନୂତନ ବିଡିଓ କାର୍ଯ୍ୟଭାର ଗ୍ରହଣ କରିଥିବା ଜଣାପଡ଼ିଛି। ଅସ୍ତରଙ୍ଗ ବିଡିଓ ଡା ବେବିତା ମଞ୍ଜରୀ ନାୟକଙ୍କ ଅନ୍ୟତ୍ର ବଦଳି ହେବା ପରେ ଉକ୍ତ ପଦବୀ ଖାଲି ପଡିଥିଲା।କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକରୁ ଆସି ଅସ୍ତରଙ୍ଗ ବ୍ଲକରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ବିଡିଓ କର୍ଣ୍ଣଦେବ ସମଦାରଙ୍କୁ ବ୍ଲକ ବିଜେଡି ପକ୍ଷରୁ ତାଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଜଣାଇଥିଲେ। ବିଜେଡି କର୍ମକର୍ତ୍ତା ମାନଙ୍କୁ ବିଡିଓ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ସମସ୍ତଙ୍କ ସହଯୋଗ ମିଳିଲେ କାର୍ଯ୍ୟ କରିବାରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ। ସରକାରଙ୍କ ସମସ୍ତ ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡିକୁ ନୀତିନିୟମ ଭିତରେ ତ୍ୱରାନ୍ୱିତ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଦଳମତ ନିର୍ବିଶେଷରେ କାର୍ଯ୍ୟ ତ୍ୱରାନ୍ୱିତରେ କୌଣସି ପ୍ରକାର ଟାଳଟୁଳ ନୀତି ଅବଲମ୍ବନ କରାଯିବ ନାହିଁ। ସବୁବେଳେ ସ୍ୱଚ୍ଛତା ବଜାୟ ରଖିବାକୁ ଚେଷ୍ଟା କରିବି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ଼, ବିଜେଡି ବ୍ଲକ ସଭାପତି କେଦାର ନାଥ ବିଶ୍ୱାଳ, ବରିଷ୍ଠ ବିଜେଡି ନେତା କୁଞ୍ଜ ବିହାରୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସମିତି ସଭ୍ୟ ବିଦ୍ୟାଧର ବିଶ୍ୱାଳ, ରାମଚନ୍ଦ୍ର ନାୟକ, ସରପଞ୍ଚ କ୍ଷୀରୋଦ କାଣ୍ଡି, ଯଶୋବନ୍ତ ନାୟକ, ଭୀମସେନ ନାୟକ, ଚମ୍ପକ ବାରିକ, ରୁଦ୍ର ପ୍ରସାଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳର ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା



କୃଷ୍ଣଚନ୍ଦ୍ର ତ୍ରିପାଠୀ







ପବିତ୍ର କୁମାର ପୂର୍ଣ୍ଣିମା ଠାରୁ ଜଗତଜନନୀ, କରୁଣାମୟୀ,ଅନ୍ନଦାତ୍ରୀ ମାଗଜଲକ୍ଷ୍ମୀଙ୍କର ଆରାଧନା ଆରମ୍ଭ ହୋଇଛି ଢେଙ୍କାନାଳ ସହରରେ। ପାର୍ବଣର ବାସ୍ନାରେ ମହକି ଉଠିଛି ଢେଙ୍କାନାଳ। ରଙ୍ଗବେରଙ୍ଗର ଆଲୋକମାଳା ସାଙ୍ଗକୁ ସୁଦୃଶ୍ୟ ତୋରଣରେ ସହର ନୂଆବୋହୂ ପରି ସଜେଇ ହୋଇଛି। କଳା, ସଂସ୍କୃତି, ଐତିହ୍ୟ ଓ ଭାଇଚାରାରର ବାର୍ତ୍ତା ବହନ କରିଥାଏ ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା ଶ୍ରୀଶ୍ରୀ ମଉଡମଣି ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ମିନା ବଜାର(୧୯୨୮), ଲକ୍ଷ୍ମୀପୂଜା ପ୍ରତିଷ୍ଠାନ, ଜବାହାରଚୌକ, ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ଲକ୍ଷ୍ମୀ ବଜାର(୧୯୪୮), ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ଗଣେଶ ବଜାର(୧୯୪୯), ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ,ମହାବୀର ବଜାର(୧୯୫୦), କାଞ୍ଚନ ବଜାର ପୁଜା ପ୍ରତିଷ୍ଠାନ(୧୯୫୧), ଆନନ୍ଦ ବଜାର ଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ(୧୯୫୨), କାରିଗର ସାହି ଲକ୍ଷ୍ମୀପୂଜା ପ୍ରତିଷ୍ଠାନ (୧୯୫୩), ବାଜିଚୌକ ଲକ୍ଷ୍ମୀପୂଜା ପ୍ରତିଷ୍ଠାନ(୧୯୫୫), ଗୁଡିଆନାଳୀ ଲକ୍ଷ୍ମୀପୂଜା ପ୍ରତିଷ୍ଠାନ(୧୯୫୨), ରାଧାକୃଷ୍ଣ ବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ(୧୯୫୭), ପଦ୍ମବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ(୧୯୫୭), ଜୁବୁଲି ବଜାର ଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ(୧୯୫୭), ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, କୈବଲ୍ୟ ବଜାର(୧୯୫୯), ଶିମିଳିଆ ଅନ୍ନପୂର୍ଣ୍ଣା ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ(୧୯୬୧), ଷ୍ଟେସନ ବଜାର ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ(୧୯୬୩), ଶ୍ରୀଶ୍ରୀ ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ରତ୍ନ ବଜାର (୧୯୬୪),କଲେଜ ଛକ ମା ସୁନ୍ଦରସୁଣୀ ମାତୃ ଆସ୍ଥାନ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ (୧୯୫୭), ଗାନ୍ଧି ବଜାର ଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ(୧୯୬୭), ଚନ୍ଦନ ବଜାର ଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ(୧୯୬୭), ସ୍ୱପ୍ନେଶ୍ୱର ବଜାର ପୂଜା ପ୍ରତିଷ୍ଠାନ, କୋରିଆଁ (୧୯୬୮), ବସଷ୍ଟାଣ୍ଡ ଲକ୍ଷ୍ମୀପୂଜା ପ୍ରତିଷ୍ଠାନ (୧୯୬୮),ଦୁର୍ଗା ବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ (୧୯୭୫), ରାମେଶ୍ୱରପୁର ପୂଜା ପ୍ରତିଷ୍ଠାନ(୧୯୭୭), ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ନେହୁରୁ ବଜାର(୧୯୮୦),ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ଭଗବାନପୁର(୧୯୮୦), ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ଅରବିନ୍ଦ ନଗର (୧୯୮୧), ଲକ୍ଷ୍ମୀପୂଜା ପ୍ରତିଷ୍ଠାନ, ନୀଳକଣ୍ଠ ନଗର(୧୯୮୪), ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ଖମାରସାହି (୧୯୮୭), ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ଗୋପବନ୍ଧୁ ବଜାର(୧୯୯୦.କମ୍ୟୁନିଟ କେୟାର ଆସୋସିଏସନ ମହାଲକ୍ଷ୍ମୀ ପୁଜା ପ୍ରତିଷ୍ଠାନ, ହାଟରୋଡ(୧୯୯୨), ମହାଲକ୍ଷ୍ମୀ ପୁଜା ପ୍ରତିଷ୍ଠାନ, ଅରବିନ୍ଦ ନଗର(୧୯୯୭), ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, କୋରିଆଁ ବାଇପାସ(୨୦୦୨), ଲକ୍ଷ୍ମୀପୂଜା ପ୍ରତିଷ୍ଠାନ,ନିର୍ମାଲ୍ୟ ବଜାର(୨୦୧୨) ପ୍ରଭୃତି ୩୯ଟି ପୂଜା ମଣ୍ଡପମାନଙ୍କରେ ବ୍ରାହ୍ମଣ ପୁରୋଧାଙ୍କର ପବିତ୍ର ମନ୍ତ୍ର ଧ୍ୱନୀ ଏବଂ ବୈଦିକ ରୀତି ଓ ଷୋଡଶ ଉପଚାରରେ ମାଙ୍କର ପୂଜାର୍ଚ୍ଚନା ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଛି। ମୃଦଙ୍ଗ, ଘଣ୍ଟ, ଝାଞ୍ଜ,ଯୋଡିମହୁରୀ ବାଦ୍ୟରେ ପରିବେଶ ପ୍ରକମ୍ପିତ ହୋଇଉଠିଛି। ଝୁଣା, ଗୁଗୁଳ, କର୍ପୁର, ଧୂପ,ଦୀପରେ ସହର ମହକୁଛି । ବିଭିନ୍ନ କଳାକୃତୀରେ ପୂଜାମଣ୍ଡପର ସାଜସଜ୍ଜା,ସୁଦୃଶ୍ୟ ତୋରଣ ନିର୍ମାଣ କରାଯାଇଛି। କେଉଁଠି ଆଭ୍ୟନ୍ତରୀଣ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଉଛି ତ ପୁଣି କେଉଁଠି ଆକର୍ଷଣୀୟ ତୋରଣ ନିର୍ମିତ ହୋଇଛି। ଦିନକୁ ଦିନ ଶ୍ରଦ୍ଧାଳୁଙ୍କ ରୁଚି ବଦଳୁଥିବା ବେଳେ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ସୃଜନାତ୍ମକ ଭାବେ ସାଜସଜ୍ଜା କରାଯାଉଛି। ବିଭିନ୍ନ କଳାକୃତୀରେ ପୂଜାମଣ୍ଡପର ଆଭ୍ୟନ୍ତରୀଣ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ପୌରାଣିକ ଓ ସାମାଜିକ କଥାବସ୍ତୁକୁ ଆଧାର କରି ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି,ପାର୍ଶ୍ୱ ମୂର୍ତ୍ତି ଓ ମଣ୍ଡପର ସାଜସଜ୍ଜାର ଦୃଶ୍ୟ ହୋଇଉଠିଛି ବେଶ ମନୋରମ । କେଉଁ ମଣ୍ଡପରେ ନାଗକନ୍ୟା ବେଷ୍ଟିତ ଅନନ୍ତଶୟନରେ ମା ଉପବିଷ୍ଟ ତ ପୁଣି କେଉଁଠି ରାଜମହଲରେ ମା ବିରାଜମାନ । ବିଶେଷ କରି ବିଭିନ୍ନ ଐତିହ୍ୟକୁ ନେଇ ପୂଜା ପ୍ରତିଷ୍ଠାନମାନେ ରଙ୍ଗୀନ ଆଲୋକର ତୋରଣ ନିର୍ମାଣ କରିଛନ୍ତି । ପ୍ରତିଟି ପୂଜା ମଣ୍ଡପର ରଙ୍ଗୀନ ଆଲୋକର ବର୍ଣ୍ଣାଳୀରେ ଢେଙ୍କାନାଳ ସହର ସ୍ୱର୍ଗର ଇନ୍ଦ୍ରପୁରୀ ପରି ଦୃଶ୍ୟମାନ ହେଉଛି। ମାଙ୍କର କରୁଣା ଲାଭ ପାଇଁ ପୁଜା ମଣ୍ଡପଗୁଡିକରେ ଭିଡ ଲଗାଇ ମାଙ୍କୁ ଭକ୍ତିପୂର୍ଣ୍ଣ ପୁଷ୍ପାଞ୍ଜଳୀ ଅର୍ପଣ କରୁଛନ୍ତି । ଢେଙ୍କାାଳ ସହରର ଚାରି ନଂ ପୂଜା ପ୍ରତିଷ୍ଠାନ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ମା ସୌଭାଗ୍ୟଲକ୍ଷ୍ମୀଙ୍କର ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି।

ବନୀକରଣ ପାଇଁ ଶିଳ୍ପସଂସ୍ଥାମାନେ ସରକାରଙ୍କୁ ଅର୍ଥ ଦେଉଛନ୍ତି। ବନ ବିଭାଗ ମଧ୍ୟ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବନୀକରଣ କରୁଛି। ସରକାରୀ କାଗଜ ପତ୍ରରେ ଜଙ୍ଗଲର ଆୟତନ ବୃଦ୍ଧି ପାଇଁ ଯୋଜନା ଚାଲୁଥିବା ବେଳେ ପ୍ରକୃତକ୍ଷେତ୍ରରେ ସେହିପରିମାଣରେ ଜଙ୍ଗଲ ବୃଦ୍ଧି ହେଉନାହିଁ । ଯାହା ଜଣାପଡୁଛି ବୃକ୍ଷରୋପଣ କେବଳ ଏକ ବିଧି ରକ୍ଷାରେ ପରିଣତ ହୋଇଛି । ସେ ଗଛ ବଞ୍ଚିଲା କି ମରିଲା ତାହାର କେହି ହିସାବ ରଖୁନାହାନ୍ତି । ହିସାବ ରହୁଛି ଜଙ୍ଗଲ ସଫେଇ, ଗାତଖୋଳା, ଚାରାରୋପଣ, ଖତସାର ଯୋଗାଣର । ତେଣୁ ପ୍ରତିବର୍ଷ ଯେତେ ଗଛ ଲଗାଯାଉଛି ସେଥି ମଧ୍ୟରୁ ମାତ୍ର ୩୫ରୁ ୪୦ ଭାଗ ଗଛ ବଞ୍ଚୁଥିବା ଦେଖାଯାଉଛି। ବନ୍ୟା ଜଳର ଗତି ହେଉ କିମ୍ବା ବାତ୍ୟାରେ ପବନର ବେଗକୁ କମାଇଥାଏ ବୃକ୍ଷ । ବିଭିନ୍ନ ପ୍ରକଳ୍ପ ପାଇଁ ଯୁଗ ଯୁଗରୁ ରହି ଆସଥିବା ଆମ୍ବ, ନିମ୍ବ, ବେଲ, ପଣସ, ଶିଶୁ, ଶାଳ ଆଦି ଗଛକୁ କାଟି ସେହିସ୍ଥାନରେ ଇଉକାଲ୍‌ପଟାସ୍, ଟିଣିଆ, ଆକାଶିଆ ଆଦି କମ୍ ପତ୍ର ଥିବା ଗଛ ଲଗାଯାଉଛି।

ଯେଉଁ କାରଣ ଯୋଗୁଁ ହେଉନା କାହିଁକି ଜଙ୍ଗଲ ଧ୍ୱଂସ ବିପର୍ଯ୍ୟୟକୁ ନିମନ୍ତ୍ରଣ କରୁଛି। ଜନ୍ମହେବାଦିନ ଠାରୁ ଗଛ ଆମର ଉପକାର କରୁଥିବା ବେଳେ ଆମେ ତାହାର ସୁରକ୍ଷା ନକରି ତାକୁ ଧ୍ୱଂସ କରିଚାଲିଛୁ । ଜଙ୍ଗଲ ସଂପଦକୁ ନଷ୍ଟ କରିବା ଫଳରେ ଆମେ କେବଳ ଯେ ନିଜର ଜୀବନହାନୀ କରୁଛୁ ତାହା ନୁହେଁ ବରଂ ଭବିଷ୍ୟତ ବଂଶଧରମାନଙ୍କୁ ନିପାତ କରିଦେବାର ବ୍ୟବସ୍ଥା କରୁଛୁ। ଏହିପରି ଭାବରେ ଜଙ୍ଗଲ ସଂପଦ ହ୍ରାସ ହେଲେ ପରିସ୍ଥିତି ଦିନେ ଏମିତି ହେବ ଯେ ଆଉ ଅମ୍ଳଜାନ ସୃଷ୍ଟି ହୋଇପାରିବ ନାହିଁ। ବାୟୁରେ ଅମ୍ଳଜାନ ହ୍ରାସ ପାଇଲେ ପ୍ରଥମେ ବୃକ୍ଷଲତା ମରିଯିବେ। ତାପରେ ଜୀବଜଗତ ଉପରେ ଏହାର ପ୍ରଭାବ ପଡିବ। ସ୍ୱାସ୍ଥ୍ୟ ରକ୍ଷା, ପରିବେଶୀୟ ଉନ୍ନତି ଓ ଜୀବନରକ୍ଷା ପାଇଁ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାଣିପାଗ ସ୍ଥିରତା ଓ ପରିବେଶ ସୁଦ୍ଧ ରଖିବା ପାଇଁ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି ପାଇଁ ଏବେ ବିଶେଷ ଦୃଷ୍ଟି ଦିଆଯାଉଛି । ଉଜୁଡା ଜଙ୍ଗଲ ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ ସରକାରୀ ଯୋଜନା ଯେତେ ବଳିଷ୍ଠ ହେଉନା କାହିଁକି ଏଥିରେ ଜନସହଯୋଗ ଏକାନ୍ତ ଜରୁରୀ। ଜଙ୍ଗଲ ବୃଦ୍ଧି ଓ ସୁରକ୍ଷାକୁ ପ୍ରତ୍ୟେକ ବ୍ୟକ୍ତି ନିଜର ଦାୟିତ୍ୱ ବୋଲି ମନେକରିବା ଉଚିତ୍। ଯେତିକି ବ୍ୟାପକ ବୃକ୍ଷରାଜିରେ ପୃଥିବୀ ପରିପୂର୍ଣ୍ଣ ହେବ ସେତିକି ସ୍ୱଚ୍ଛ ଅମ୍ଳଜାନ ମଣିଷ ପାଇପାରିବ।

କଟକ ଚୌଧୁରୀ ବଜାର ମାଦୁର୍ଗାଙ୍କ ଚାନ୍ଦି ମେଢ ପଛକୁ ୧୯୬୫ ମସିହାରେ ଢେଙ୍କାନାଳରେ ମୀନାବଜାର ଶ୍ରୀଶ୍ରୀ ମଉଡମଣୀ ରାଜଲକ୍ଷ୍ମୀ ପୁଜା ପ୍ରତିଷ୍ଠାନ ମାଲକ୍ଷ୍ମୀଙ୍କର ଚାନ୍ଦି ମେଢ ପ୍ରତଷ୍ଠା କରି ରାଜ୍ୟର ଦ୍ୱିତୀୟ ଚାନ୍ଦି ମେଢର ମାନ୍ୟତା ପାଇଥିଲା। ଏହି ପୁଜା ପ୍ରତିଷ୍ଠାନ ୨୦୧୧ ମସିହାରେ ମାଙ୍କ ପାଇଁ ସୁନାର ମୁକୁଟ ପ୍ରସ୍ତୁତ କରି ଲକ୍ଷ୍ମୀପୁଜାକୁ ସାରା ରାଜ୍ୟରେ ପ୍ରସିଦ୍ଧି କରି ପାରିଛି। ଏବେ ଚନ୍ଦନ ବଜାର ଲକ୍ଷ୍ମୀପୁଜା କମିଟି, ଗଣେଶ ବଜାର ପୂଜା କମିଟି, ସ୍ୱପ୍ନେଶ୍ୱର ବଜାର ପୁଜା କମିଟି, କମ୍ୟୁନିଟି କେୟାର ପୂଜା କମିଟି, ଭଗବାନପୁର ପୁଜା କମିଟି, କାଞ୍ଚନ ବଜାର କମିଟି,କାରିଗର ସାହି ପୁଜା କମିଟି, ଜୁବୁଲି ଟାଉନ କମିଟି-୧, ବାଜିଚୌକ ପୁଜା କମିଟି, ଗାନ୍ଧି ବଜାର ପୁଜା ପ୍ରତିଷ୍ଠାନ, ଦୁର୍ଗାବଜାର ପୁଜା ପ୍ରତିଷ୍ଠାନ, କୈବଲ୍ୟ ବଜାର ପୂଜା କମିଟି ପ୍ରଭୃତି ଅନୁଷ୍ଠାନ ମାଙ୍କୁ ଚାନ୍ଦି ଓ ସୁନାର ମୁକୁଟ, ଅଳଙ୍କାରରେ ସୁଶୋଭିତ କରୁଛନ୍ତି। ଗୁରୁବାର ଦିନକୁ ମାଲକ୍ଷ୍ମୀଙ୍କ ଦିନ ବୋଲି ବିଚାରିଥାନ୍ତି ଓଡିଶାବାସୀ । ଏକାଦଶ ଦିନ ବ୍ୟାପୀ ଏହି ପୂଜୋତ୍ସବର ଗୁରୁବାର ଦିନ କରାଯାଉଥିବା ପୂଜାକୁ ମହାପୂଜା କୁହାଯାଏ । ପ୍ରତ୍ୟେକ ପୂଜା ପ୍ରତିଷ୍ଠାନରେ ଏହିଦିନ କରାଯାଉଥିବା ପ୍ରସାଦ ଭୋଗ ଶଂଖୁଡି ଭୋଗ ଭାବରେ ସ୍ୱତନ୍ତ୍ର ମାନ୍ୟତା ପାଇଛି । ପୂର୍ବରୁ ଗୁରୁବାର ଦିନ ମାଣେ କି ଦିମାଣ ଅରୁଆ ଚାଉଳରେ ଖେଚୁଡି ଅନ୍ନ ପ୍ରସ୍ତୁତି କରାଯାଇ ତାହାକୁ ସେଠାକାର ପୂଜକ ଓ ଉପସ୍ଥିତ ଥିବା ଭକ୍ତ ମାନଙ୍କୁ ପ୍ରଦାନ କରାଯାଉଥିଲା। ପରେ ଏହି ପ୍ରଥାରେ ପରିବର୍ତ୍ତନ କରାଯାଇ ଭୋଗକୁ ପତ୍ର ଚଉପଦିରେ ପୂଜା କମିଟିର ପ୍ରତ୍ୟେକ ଘରକୁ ପଠାଇବାର ବ୍ୟବସ୍ଥା କରାଗଲା। ମାତ୍ର ବର୍ତ୍ତମାନ ଏହି ସଂଖୁଡି ଭୋଗର ପ୍ରଥା ଲକ୍ଷ୍ମୀ ପୂଜାର ଅନ୍ୟତମ ଆକର୍ଷଣରେ ପରିଣତ ହୋଇଛି । ସମ୍ପ୍ରତି ପୂଜା ପ୍ରତିଷ୍ଠାନମାନଙ୍କରେ କ୍ୱିଣ୍ଟାଲ,କ୍ୱିଣ୍ଟାଲ ଅରୁଆ ଚାଉଳରେ ସ୍ୱତନ୍ତ୍ର ପ୍ରସାଦ ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନର ବ୍ୟବସ୍ଥା କରାଯାଉଛି। ଦଧି, ଅନ୍ନ, ଖିରୀ, ଶାଗ, ଖେଚୁଡି, ଖଟା, ଡାଲମା, ତରକାରୀ, ଭଜା, ଆରିସା, କାକରା ମୃଣ୍ମୟୀ ମୂର୍ତ୍ତୀଙ୍କ ପାଖରେ ଶଙ୍ଖୁଡି ଭୋଗ କରାଯାଇ ସ୍ଥାନୀୟ ବାସିନ୍ଦା, ବ୍ରାହ୍ମଣ ଓ ନିମନ୍ତ୍ରିତ ଅତିଥିମାନଙ୍କୁ ପରିବେଷଣ କରାଯାଉଛି। ଏହି ପାରମ୍ପରୀକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଜାତି, ଧର୍ମର ଭେଦାଭେଦ ନଥାଏ। ଏହି ସଂଖୁଡି ଭୋଗ ପରମ୍ପରା ଲକ୍ଷ୍ମୀପୂଜାର ପବିତ୍ରତାକୁ ଦ୍ୱିଗୁଣିତ କରିଛି । ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ଢେଙ୍କାନାଳ ମହିଷାପାଟ ସ୍ଥିତ ନୂତନ ବସଷ୍ଟାଣ୍ଡ ପରିସରରେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ବିଭାଗ, ଓରମାସ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଉଛି। ପଞ୍ଜାବ,ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ପଶ୍ଚିମବଙ୍ଗ,ଜମ୍ମୁ-କସ୍ମିର, ଆସାମ, ଛତିସଗଡ, ନାଗାଲ୍ୟାଣ୍ଡ, କେରଳ, ରାଜସ୍ଥାନ ପ୍ରଭୃତି ରାଜ୍ୟ ସମେତ ଆମ ରାଜ୍ୟର ବ୍ୟବସାୟୀମାନେ ଏହି ପଲ୍ଲିଶ୍ରୀ ମେଳାରେ ଏକତ୍ରିତ ହୋଇଛନ୍ତି।

ବିପଣିମାଳା ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି। ଦୀର୍ଘ ଏକାଦଶ ଦିନ ବ୍ୟାପୀ ପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କୁ ଆଶିଷ ପ୍ରଦାନ କରି ଦ୍ୱାଦଶୀ ଦିନ ମା ମେଲାଣି ନିଅନ୍ତି । ପ୍ରତ୍ୟେକ ପୁଜା ପ୍ରତିଷ୍ଠାନରେ ଭସାଣୀ ଉପଲକ୍ଷେ ନଡିଆ ଭଙ୍ଗା ଯାଇ ସାହି ମୁରବୀଙ୍କ ନିର୍ଦ୍ଦେଶ ପାଇବା ପରେ ଭସାଣୀ ଆରମ୍ଭ ହୋଇଥାଏ। ୧୯୪୬ ମସିହା ପର ଠାରୁ ମାଙ୍କର ମିଳିତ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ବିଭିନ୍ନ ଛକ ସ୍ଥାନମାନଙ୍କରେ ଲକ୍ଷାଧିକ ଭକ୍ତ ମାଙ୍କର ମେଲାଣି ଉତ୍ସବକୁ ଚାତକ ପରି ଚାହିଁ ରହିଥାନ୍ତି । ଗୋଟିଏ ପରେ ଗୋଟିଏ ମେଢ ବଳରାମ ମନ୍ଦିରକୁ ଆସିବା ପରେ କ୍ରମାନ୍ୱୟରେ ରାଜବାଟି, ଦୁର୍ଗାବଜାର,ବସଷ୍ଟାଣ୍ଡ, ପି.ଡବ୍ଲୁ.ଡି ଅଫିସ ଛକ,ମହାବୀର ବଜାର, ମୀନା ବଜାର, ବାଜି ଚୌକ, ଷ୍ଟେସନ ବଜାର ଦେଇ ବିଳମ୍ବିତ ରାତି ସୁଦ୍ଧା ସହର ଉପକଣ୍ଠ କାଠଶଙ୍ଖ ନାଳ ଠାରେ ବିସର୍ଜନ ହୋଇଥାନ୍ତି । ଭସାଣି ଶୋଭାଯାତ୍ରାବେଳେ ଗଣେଶ ବଜାର ପୂଜାକମିଟି ପକ୍ଷରୁ ବିଭିନ୍ନ ସାହି ମୁରବୀମାନଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଜା କମିଟିର ସଭାପତି ଓ ସମ୍ପାଦକମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଏ । ମାଙ୍କର ଏହି ମେଲାଣି ଉତ୍ସବରେ କିର୍ତ୍ତନ ସାଙ୍ଗକୁ ପାରମ୍ପରୀକ ନାଚଗୀତ ଯଥା- ଦୁଲଦୁଲି, ଘୋଡାନାଚ,ବୁଢାବୁଢୀ ନାଚ, କଣ୍ଢେଇନାଚ, ବାଘନାଚ, ଆଦିବାସୀ କଳସ ନୃତ୍ୟ, ମୟୁର ନାଚ, ଦାଣ୍ଡିଆ ନାଚ,ଘଣ୍ଟ ନାଚ, ଘୁମୁରା ନାଚ, ଝାଲିଆ ଶବର ନାଚ, ଠାକୁରାଣୀ ନୃତ୍ୟ ଓ ଲୋକଗୀତରେ ଢେଙ୍କାନାଳର ଗଗନ ପବନ ମୁଖରୀତ ହୋଇଉଠେ । ପୂଜାମଣ୍ଡପ ଗୁଡିକର ଉତ୍କୃଷ୍ଟ ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଶାନ୍ତିଶୃଙ୍ଖଳା ରକ୍ଷା ଆଦି ତିନୋଟି ବିଭାଗରେ ସର୍ବୋତ୍ତମ ପୁଜାମଣ୍ଡପଗୁଡିକୁ ୧୯୯୯ ମସିହା ଠାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଧାରଣତନ୍ତ୍ର ଦିବସ ପାଳନ ଅବସରରେ ପୁରସ୍କୃତ କରାଯାଇଆସୁଛି।






*ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*



## ଓଡ଼ିଶାରେ ହେବ ଚେସର ବିକାଶ

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କଲେ ଡିଆର ଓଜୋଲା

**ଭୁବନେଶ୍ୱର :** ଓଡ଼ିଶାରେ ହେବ ଚେସର ବିକାଶ। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କଲେ ଡି.ଆର. ଓଜୋଲା। ଏଫଆଇଡିଏ ପରିଚାଳନା ବୋର୍ଡ ଉପାଧ୍ୟକ୍ଷ ଡି.ଆର. ଓଜୋଲା। ରାଜ୍ୟରେ କ୍ରୀଡାର ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ଓଜୋଲା। ଚେସର ବିକାଶ ନେଇ ଆରମ୍ଭ ହୋଇଛି ଷ୍ଟେଟ ଚେସ୍ ଏକାଡେମୀ। ଚେସର ବିକାଶ ନେଇ ସହଯୋଗର ହାତ ବଢାଇଲେ ମୁଖ୍ୟମନ୍ତ୍ରୀ। ବିଭିନ୍ନ ସ୍ଥାନରେ ଶହେଟି ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହେବ। ରାଜ୍ୟରେ ଚେସ ଖେଳର ବିକାଶ ନେଇ ଆଲୋଚନା କରାଯାଇଛି। ଓଡ଼ିଶା କ୍ରୀଡ଼ାକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଛି। ଓଡ଼ିଶା ଗସ୍ତରେ ଆସିଥିବା ଅନ୍ତର୍ଜାତୀୟ ଚେସ୍ ମହାସଂଘ ପରିଚାଳନା ବୋର୍ଡର ଉପାଧ୍ୟକ୍ଷ ତଥା ଲାଟଭିଆ ଗଣତନ୍ତ୍ରର ପୂର୍ବତନ ଅର୍ଥ ଓ ଅର୍ଥନୀତି ମନ୍ତ୍ରୀ ଡାନା ରିଜନିସ୍ ଓଜୋଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେସ୍ କୁ ପ୍ରୋତ୍ସାହିତ କରିବା ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରିଜନିସ୍-ଓଜୋଲା ଚେସ୍‌କୁ ଏକ ବୌଦ୍ଧିକ କ୍ରୀଡ଼ା ଭାବରେ ଲୋକପ୍ରିୟ କରିବା ଏବଂ ଯୁବଗୋଷ୍ଠୀଙ୍କୁ ବୌଦ୍ଧିକ ଓ ଭାବନାତ୍ମକ ଭାବେ ସଶକ୍ତ କରିବାର ଅନେକ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବ ଚେସ୍ ପ୍ରତିଭାମାନଙ୍କୁ ଚିହ୍ନଟ କରି ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍କୃଷ୍ଟ ହେବା ପାଇଁ ଉପଯୁକ୍ତ ଭିତ୍ତିଭୂମି ଏବଂ ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ବୈଠକରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବପିଢ଼ିଙ୍କୁ ସର୍ବୋତ୍ତମ ସୁଯୋଗ ଯୋଗାଇ ଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଏବଂ ଚେସ୍ ସେମାନଙ୍କ ଅଭିବୃଦ୍ଧିର ଏକ ପ୍ରମୁଖ ମାଧ୍ୟମ। ରାଜ୍ୟସ୍ତରୀୟ ଚେସ୍ ଏକାଡେମୀ-ପ୍ରୋ ଚେସ୍-ଟା, ଚେସ୍ ଇନ୍ ସ୍କୁଲ୍ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିବା ବେଳେ ଓଡ଼ିଶାରେ ୧୦୦ରୁ ଅଧିକ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଯୋଜନା ହୋଇଛି। ଆମର ଲକ୍ଷ୍ୟ ହାସଲ ପାଇଁ ଆମେ ଫିଡେ ସହ ମିଶି କାମ କରିବାକୁ ଆଗ୍ରହୀ।ବିଶ୍ୱ ଚେସ୍ ସମୁଦାୟ ପ୍ରତି ଅତୁଟ ସମର୍ଥନ ପାଇଁ ପରିଚିତ ରିଜନିସ୍-ଓଜୋଲା ମୁଖ୍ୟମନ୍ତ୍ରୀ ଏବଂ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ାର ବିକାଶ ଦିଗରେ ଓଡ଼ିଶାର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ।



# ଓଡ଼ିଶାରେ ଭୋଟର ସଂଖ୍ୟା ୩.୨୬ କୋଟି

**ଭୁବନେଶ୍ୱର :** ରାଜ୍ୟରେ ଭୋଟରଙ୍କ ସଂଖ୍ୟା ବଢ଼ିଛି। ମହିଳା ଭୋଟରଙ୍କ ଅନୁପାତ ବଢ଼ିଛି। ମୋଟ୍ ଭୋଟର ସଂଖ୍ୟା ୩କୋଟି ୨୬ଲକ୍ଷ ୫୫ହଜାର ୨୧୩ରେ ପହଞ୍ଚିଛି। ଯାହାକି ୦.୯୪ ପ୍ରତିଶତ ଅଧିକ। ଚିଠା ଭୋଟର ତାଲିକା ଜାରି କରି ଏଭଳି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ। ସାଧାରଣ ନିର୍ବାଚନ ପୂର୍ବରୁ ଆଜି ଜାରି ଚିଠା ଭୋଟର ତାଲିକା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଧଳ କହିଛନ୍ତି ଯେ, ରାଜ୍ୟରେ ମୋଟ ୩ଲକ୍ଷ ୩ହଜାର ୯୪ଜଣ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତାଲିକାରେ ୬ଲକ୍ଷ ୨୨ହଜାର ୪୨୯ଜଣ ନୂଆ ଭୋଟର ସାମିଲ ହୋଇଛନ୍ତି ଓ ୩ଲକ୍ଷ ୧୯ହଜାର ୩୪୫ଜଣ ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଏକାଧିକ ସ୍ଥାନରେ ଭୋଟର କାର୍ଡ ଓ ଠିକଣା ପରିବର୍ତ୍ତନ ଓ ମୃତ୍ୟୁ ଯୋଗୁ ଏହି ବ୍ୟକ୍ତିମାନେ ତାଲିକାରୁ ବାଦ୍ ପଡ଼ିଛନ୍ତି। ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩କୋଟି ୨୩ଲକ୍ଷ ୫୨ହଜାର ୧୧୯ ଥିବାବେଳେ ୦.୯୪% ବୃଦ୍ଧି ପାଇ ଏହା ୩କୋଟି ୨୬ଲକ୍ଷ ୫୫ହଜାର ୨୧୩ରେ ପହଞ୍ଚିଛି। କେବଳ ସେତିକି ନୁହେଁ ରାଜ୍ୟରେ ମହିଳା ଭୋଟରଙ୍କ ପରିମାଣ ମଧ୍ୟ ବୃଦ୍ଧି ପାଇଛି। ପୂର୍ବରୁ ପ୍ରତି ଏକ ହଜାର ପୁରୁଷ ଭୋଟରଙ୍କ ଅନୁପାତରେ ୯୬୧ଜଣ ମହିଳା ଭୋଟର ଥିଲେ। ଏବେ ତାହା ବୃଦ୍ଧି ପାଇ ପ୍ରତି ଏକ ହଜାର ପୁରୁଷ ଭୋଟରଙ୍କ ତୁଳନାରେ ୯୬୩ଜଣ ମହିଳା ଭୋଟର ଅଛନ୍ତି। ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନ ମଧ୍ୟ ରାଜ୍ୟରେ ବୁଥ ସଂଖ୍ୟାକୁ ୩୭୬୦୬ରୁ ୩୭୮୦୯କୁ ବୃଦ୍ଧି କରିଛନ୍ତି। ଶ୍ରୀ ଧଳ କହିଛନ୍ତି ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଆଜିଠୁ ଭୋଟର କାର୍ଡ ସଂଶୋଧନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୋଟରମାନେ ସଂଶୋଧନ କିମ୍ବା ପଞ୍ଜିକରଣ ପାଇଁ ଡିସେମ୍ବର ୯ତାରିଖ ପର୍ଯ୍ୟନ୍ତ ଉଭୟ ଅନଲାଇନ ଓ ଅଫଲାଇନରେ ଆବେଦନ କରିପାରିବେ। ଆବଶ୍ୟକ ପଡ଼ିଲେ ଟୋଲ୍ ଫ୍ରି ନମ୍ବର ୧୯୫୦କୁ କଲ୍ କରି ମଧ୍ୟ ସହାୟତା ନେଇପାରିବେ। ସେହିପରି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଯୁବ ଭୋଟରଙ୍କୁ ପଞ୍ଜିକରଣ କରାଇବା ନିମନ୍ତେ ନଭେମ୍ବର ମାସରେ ୫,୧୧,୧୯ ଓ ୨୫ତାରିଖରେ ରାଜ୍ୟର ସମସ୍ତ ବୁଥରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ।

# ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ



**ଭୁବନେଶ୍ୱର :** ପରପାରିରେ ବରିଷ୍ଠ ଆଇନଜୀବୀ ରାଜେଶ ପାଢ଼ୀଙ୍କ ପିତା ରଘୁନାଥ ପାଢ଼ୀ। ୧୯୩୭ ମସିହାରେ ଜନ୍ମିତ ସ୍ୱର୍ଗତଃ ପାଢ଼ୀ ବିଜୟ ଦଶମୀ ଦିନ ହୃଦ୍‌ଘାତରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା ଏବଂ ସେ ବିଶିଷ୍ଟ ଡାକ୍ତର ଲିଙ୍ଗରାଜ ହୋତାଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତଃ ପାଢ଼ୀ ଜଣେ ବିଶିଷ୍ଟ ସମାଜସେବୀ ତଥା ପରୋପକାରୀ ଲୋକ ଭାବେ ବେଶ୍ ଜଣାଶୁଣା। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ଶେଷ ଦର୍ଶନ କରିବା ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଜ୍ୟୋତ୍ସ୍ନା ପାଢ଼ୀ, ବଡପୁଅ ରାଜେଶ, ସାନ ପୁଅ ରାକେଶ, ବଡ ବୋହୂ ଚନ୍ଦ୍ରିକା, ସାନ ବୋହୂ ମୌସୁମୀ, ନାତି ନାତୁଣୀ ଏବଂ ବନ୍ଧୁ, ପରିବାର ବର୍ଗ ଉପସ୍ଥିତ ରହିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ଜାମ୍ମୁ-କାଶ୍ମୀରର ନୂଆ ଡିଜିପି ଓଡ଼ିଆ ପୁଅ ରଶ୍ମିରଞ୍ଜନ



**ଭୁବନେଶ୍ୱର :** ଓଡ଼ିଆ ପୁଅ ରଶ୍ମିରଞ୍ଜନ ସ୍ୱାଇଁ ଜାମ୍ମୁ-କାଶ୍ମୀରର ନୂତନ ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି) ହେବେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶୁକ୍ରବାର ଜାରି କରିଥିବା ଏକ ଆଦେଶରେ କୁହାଯାଇଛି, ଯେ ପୂର୍ବରୁ ସିଆଇଡି ମହାନିର୍ଦ୍ଦେଶକ ଥିବା ରଶ୍ମିରଞ୍ଜନ ସ୍ୱାଇଁ ନଭେମ୍ବର ୧, ୨୦୨୩ଠାରୁ ଜାମ୍ମୁ-କାଶ୍ମୀର ପୁଲିସର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ବର୍ତ୍ତମାନ ଜାମ୍ମୁ-କାଶ୍ମୀର ପୁଲିସର ମହାନିର୍ଦ୍ଦେଶକ ଥିବା ଦିଲବାଗ ସିଂ ଆସନ୍ତା ଅକ୍ଟୋବର ୩୧ରେ ଅବସର ନେବାକୁ ଥିବାବେଳେ ତାଙ୍କ ସ୍ଥାନରେ ରଶ୍ମିରଞ୍ଜନ ଦାୟିତ୍ୱ ନେବେ। ରଶ୍ମିରଞ୍ଜନ ସ୍ୱାଇଁ ହେଉଛନ୍ତି ୧୯୯୧ ବ୍ୟାଚ ଆଇପିଏସ ଅଫିସର। ସେ ଅନେକ ପଦପଦବୀରେ ରହି ଆସିଛନ୍ତି। ଜଣେ ନିଷ୍ଠାବାନ ଓ ସଚ୍ଚୋଟ ପୁଲିସ ଅଫିସର ଭାବେ ସେ ଜଣାଶୁଣା। ସେ ଶ୍ରୀନଗର ଓ ଜାମ୍ମୁର ଏସଏସପି ଦାୟିତ୍ୱରେ ରହିଥିଲେ । ସ୍ୱାଇଁ ୧୫ ବର୍ଷ କେନ୍ଦ୍ରୀୟ ଡେପୁଟେସନରେ ମଧ୍ୟ ଥିଲେ। ଜୁନ୍ ୨୦୨୦ରେ ତାଙ୍କୁ ସିଆଇଇଡି ମୁଖ୍ୟ ଭାବରେ ନିଯୁକ୍ତି ଦିଆଯାଇଥିବା ବେଳେ ସ୍ପେଶାଲ୍ ଡାଇରେକ୍ଟର ଜେନେରାଲ୍ ସିଆଇଡି ଭାବରେ ପଦୋନ୍ନତି ଦିଆଯାଇଥିଲା।

## ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଆଶ୍ୱସ୍ତି

# ୨.୫୯ଲକ୍ଷ ଆକାଉଣ୍ଟ୍‌କୁ ଫେରିବ ଟଙ୍କା

**କଟକ:** ଚିଟ୍‌ଫଣ୍ଡ କେଲେଙ୍କାରୀରେ କ୍ଷତିଗ୍ରସ୍ତ ୨ ଲକ୍ଷ ୫୯ ହଜାର ୨୮୦ ଜଣ ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇବେ। ୮ ହଜାର ଟଙ୍କା ବା ତାଠାରୁ କମ ଟଙ୍କା ନିବେଶ କରିଥିବା ଏଡି ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯିବ। ଜିଏଲ୍‌ପି ଡେଭଲପର୍ସ ଲିମିଟେଡ ଓ ଗୋଲଡେନ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡରେ ନିବେଶ କରିଥିବା ଏହି ଜମାକାରୀମାନଙ୍କୁ ମୋଟ ୯୨ କୋଟି ୫୮ ଲକ୍ଷ ୭୮ ହଜାର ୨୦୧ ଟଙ୍କା ପେ?ଠ କରାଯିବ। କଟକ ଏଡିଏମ୍ ତଥା ପ୍ରାଧିକୃତ ଅଧିକାରୀଙ୍କ ପକ୍ଷରୁ ୨୦୨୩ ସେପ୍ଟେମ୍ବର ୫ରେ ଦାୟର ଆବେଦନକୁ କଟକ ସ୍ୱତନ୍ତ୍ର ଅଦାଲତ ଗ୍ରହଣ କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଜିଏଲ୍‌ପି ଡେଭଲପର୍ସ ଲିମିଟେଡ ଓ ଗୋଲଡେନ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡର ସ୍ଥାବର ଓ ଅସ୍ଥାବର ସଂପତ୍ତି ନିଲାମରୁ ମିଳିଥିବା ଅର୍ଥରୁ ଜମାକାରୀଙ୍କୁ ଏହି ଟଙ୍କା ପ୍ରଦାନ କରାଯିବ। ଅଦାଲତଙ୍କ ଏହି ନିର୍ଦ୍ଦେଶ ପରେ ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ଜମାକାରୀଙ୍କୁ ଟଙ୍କା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ଚିଠି ଲେଖାଯାଇଛି। ଜମାକାରୀମାନେ ଜିଏଲ୍ପି ଡେଭଲପର୍ସ ଲିମିଟେଡ ଓ ଗୋଲ୍‌ଡେନ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡରେ ଜମା କରିଥିବା ଅର୍ଥ ବାବଦ ପ୍ରମାଣପତ୍ର/ରସିଦ ଓ ଇନଡେମନିଟି ବଣ୍ଡ୍ ଦାଖଲ କରିବା ସହିତ ଅନ୍ୟ ଆଇନଗତ ଔପଚାରିକତା ପୂରଣ କରିବା ପରେ ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଯିବ ବୋଲି କଟକ ଏଡିଏମ୍ (ରାଜସ୍ୱ) ଉମାକାନ୍ତ ରାଜ ସୂଚନା ଦେଇଛନ୍ତି। ତଥ୍ୟ ଅନୁଯାୟୀ ରାଜ୍ୟର ବିଭିନ୍ନ ସ୍ଥାନରେ ଜିଏଲ୍ପି ଡେଭଲପର୍ସ ଲିମିଟେଡ ଓ ଗୋଲ୍‌ଡେନ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡ କାର୍ଯ୍ୟାଳୟ ଖୋଲି ବିଭିନ୍ନ ଯୋଜନା ମାଧ୍ୟମରେ ଜମାକାରୀଙ୍କ ନିକଟରୁ କୋଟି କୋଟି ଟଙ୍କା ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ସଂସ୍ଥା ପ୍ରତିଶ୍ରୁତି ଅନୁସାରେ ଜମାକାରୀଙ୍କୁ ଜମି ବା ଟଙ୍କା ଦେଇ ପାରି ନଥିଲା। ସଂସ୍ଥାର ଠକେଇ ନେଇ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ମାମଲା ରୁଜୁ କରିଥିଲା। ଅର୍ଥ ବିଭାଗ ପକ୍ଷରୁ ୨୦୧୪, ଜୁଲାଇ ୧ରେ ଜାରି ମଧ?ବର୍ତ୍ତିକାଳୀନ ନିର୍ଦ୍ଦେଶ (ଆଡ୍ ଇଣ୍ଟେରିମ୍ ଅର୍ଡର ଅଫ୍ ଆଟାଚମେଣ୍ଟ)ରେ ଜିଏଲ୍‌ପି ଡେଭେଲପର୍ସ ଲିମିଟେଡ ଓ ଗୋଲଡେନ ଲ୍ୟାଣ୍ଡ ଡେଭେଲପର୍ସ ଲିମିଟେଡର ସଂପତ୍ତିର ପରିଚାଳନା ଭାର ପ୍ରାଧିକୃତ ଅଧିକାରୀ ତଥା କଟକ ଏଡିଏମଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଏହା ପରେ ପ୍ରାଧିକୃତ ଅଧିକାରୀ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକରୀଙ୍କ ମଧ୍ୟରେ ଏହି ସଂପତ୍ତିରୁ ମିଳିବାକୁ ଥିବା ଅର୍ଥ ବାଣ୍ଟିବା ପାଇଁ ଅନୁମତି ଲୋଡ଼ି ସ୍ୱତନ୍ତ୍ର ଅଦାଲତରେ ୨୦୧୪ରେ ଆବେଦନ କରିଥିଲେ।

# ଅସ୍ତରଙ୍ଗ ବେଳାଭୂମି ମହୋତ୍ସବର ପ୍ରଥମ ବୈଠକ

**ଅସ୍ତରଙ୍ଗ :** ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମି ତିଥିଲେ ଅସ୍ତରଙ୍ଗର ପିର ଯାହାନିଆ ବେଳାଭୂମିରେ ଦୁଇ ଦିନ ଧରି ହେବାକୁ ଥିବା ଅସ୍ତରଙ୍ଗ ବେଳାଭୂମି ମହୋତ୍ସବର ପ୍ରଥମ ବୈଠକ ଶନିବାର ଦିନ ନିକଟ କୈଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ବ୍ଲକ ଅଞ୍ଚଳର ଏକ ଶହରୁ ଊର୍ଦ୍ଧ୍ୱ ଜନତା ସାମିଲ ହୋଇ ଆଲୋଚନାରେ ଭାଗ ନେଇଥିଲେ। ନଭେମ୍ବର ମାସ ୨୮, ଓ ୨୯ ତାରିଖରେ ବାଲିଯାତ୍ରା ପଡୁଥିବାରୁ ଏହି ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ ଆସର, ଛାତ୍ର ଛାତ୍ରୀଙ୍କ ଭିତରେ କୁଇଜ, ବାଲୁକା କଳା, ଖ୍ୟାଦ ଷ୍ଟଲ ,ଲୋକ କଳା ଆଦି ଶୃଙ୍ଖଳା ଭିତରେ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ବାହାରୁ ଆସିବାକୁ ଥିବା କଳାକାରଙ୍କ ରହିବା, ଖାଇବା, ଯାତାୟାତ ଆଦି ଉପରେ ଆଲୋଚନା କରାଯାଇଥିଲା। ମହୋତ୍ସବ ଆଉ ଏକ ମାସ ଥିବାରୁ କମିଟିର ସଭ୍ୟ ମାନେ, କିପରି ସାହାଯ୍ୟ ଓ ସହ ଯୋଗର ହାତ ବଢ଼ାଇ ମହୋତ୍ସବ କିପରି ଶୃଙ୍ଖଳିତ ଭାବେ ଶେଷ ହେବ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପ୍ରଥମରେ ମହୋତ୍ସବ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଅଛି। କମିଟିର ସଭାପତି ଭାବେ ମନ୍ତ୍ରୀ ତୁଷାରକାନ୍ତି ବେହେରା ରହିଥିବା ବେଳେ ପରାମର୍ଶ ଦାତା ଭାବେ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର୍ ସାହୁ, ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ ଓ ପ୍ରଶନ ବିଶ୍ୱାଳ ରହିଛନ୍ତି। ଉପ ସଭାପତି ଭାବେ ପ୍ରମୋଦ କୁମାର ନାୟକ, ସଂପାଦକ ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସହ ସମ୍ପାଦକ ଭାବେ ଉଲ୍ଲାସ କୁମାର ନାୟକ ଓ ପ୍ରତାପ କୁମାର ନାୟକ ରହିଥିବା ବେଳେ ସଂଯୋଜକ ଭାବେ ସୋଭକାର ବେହେରା ରହିଛନ୍ତି। ଆଗାମୀ ଦିନରେ ଆଉ କେତେକ କମିଟ ଗଠନ କରାଯିବ ବୋଲି ସଂପାଦକ ଶ୍ରୀ ନାୟକ ଘୋଷଣା କରିଥିଲେ।

# ‘ପଡିଆ ବ୍ଲକକୁ ମରୁଡି ଘୋଷଣା କରନ୍ତୁ ରାଜ୍ୟ ସରକାର’



**ମାଲକାନଗିରି :** ମାଲକାନଗିରି ଏକ ଚାଷ ବହୁଳ ଜିଲ୍ଲା। ଏଠାକାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି, କିନ୍ତୁ ୨୩ବର୍ଷର ନବୀନ ସରକାରରେ ଚାଷୀଙ୍କୁ ପାଣି ଯୋଗାଇ ଦିଆଯାଉ ନାହିଁ। ନିଳିଗୁଡା, ମାଟେରୁ, ପଡିଆ କାଲଦାପାଲ୍ଲି ଓ ସମିଳି ବାଞ୍ଝା ଗ୍ରାମ ପଞ୍ଚାୟତରେ ଚାଷ ପାଇଁ କେନାଲ ନଥିବା ଦ୍ୱାରା ପ୍ରତିବର୍ଷ ଫସଲ ନଷ୍ଟ ହେଉଛି। ଚଳିତବର୍ଷ ମଧ୍ୟ କ୍ଷେତକୁ ପାଣିର ଆବଶ୍ୟକତା ଥିବାବେଳେ ବର୍ଷା ନହେବାରୁ ପାଣି ପାଇଁ ଚାଷୀ ହଇରାଣ ହେଉଛି। ବର୍ଷା ଅଭାବରୁ ଧାନ ଗଛ ମରିବାରେ ଲାଗିଲାଣି। ପାଣି ଯୋଗାଇ ନଦେଲେ ଖୁବ ଶୀଘ୍ର ଚାଷ ନଷ୍ଟ ହୋଇଯିବ। ଫଳରେ ଚାଷୀ ରୋଜଗାର ହରାଇବା ସହ ଋଣ ପରିଶୋଧ ଓ ପରିବାର ପରିଚାଳନା କରିପାରିବ ନାହିଁ। ଚାଷ ଜମିକୁ ପାଣି ଦିଆଯାଉ ନଚେତ ଜିଲ୍ଲାକୁ ମରୁଡି ଘୋଷଣା କରାଯାଉ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ମରୁଡି ଘୋଷଣା ଦାବିରେ ଆଜି ଭାରତୀୟ ଜନତା ପାର୍ଟି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିଛି। ସର୍ବଦା ଚାଷୀଟିଏ ଚାଷ ପାଇଁ ବର୍ଷା ପାଣି ଉପରେ ନିର୍ଭର କରିଆସୁଥାଏ କିନ୍ତୁ ଚଳିତବର୍ଷ ବର୍ଷା ନଥିବାରୁ ଜମିରେ ପାଣି ଟୋପାଏ ନାହିଁ। ଫଳରେ ଚାଷୀ ହନ୍ତସନ୍ତ ହେଉଛି। ଏନେଇ ବିଜେପି ବ୍ଲକ ଘେରାଉ କରି ଜିଲ୍ଲାର ଚାଷୀ ମାନଙ୍କ ପାଇଁ କେନାଲ ନିର୍ମାଣ କରାଯାଉ ବୋଲି ଦାବି କରିଛି। ଏହାଛଡା ପଡିଆ ବ୍ଲକର ଚାଷ ଜମିକୁ ପାଣି ଯୋଗାଯାଉ ନହେଲେ ଜିଲ୍ଲାକୁ ମରୁଡି ଘୋଷଣା କରାଯାଉ। ଏଥିସହ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ବିଜେପି ଦାବି କରିଛି। ସେହିପରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଆବାସ ଯୋଜନା ଘର ଫଳକମାନଙ୍କରେ ବିଜୁ ପକ୍କାଘର ଯୋଜନାର ଲୋଗ ଅଙ୍କନ କରାଯାଉଛି। ଏହାକୁ ଯଥାଶୀଘ୍ର ବାଦ କରାଯାଉ ଓ ପଡିଆ ବ୍ଲକର ସର୍ବସାଧାରଣଙ୍କ ପାଇଁ ଆସୁଥିବା କୋଟି କୋଟି ଅର୍ଥକୁ ବିନା ପଲ୍ଲିସଭା ଓ ଗ୍ରାମସଭା ଅନୁମତିରେ ମନଇଚ୍ଛା ଖର୍ଚ୍ଚ କରାଯାଉଛି। ସେହିପରି ବ୍ଲକ କାର୍ଯ୍ୟାଳୟ ଦ୍ୱାରା ଆରଟିଜିଏସ ମାଧ୍ୟମରେ ଗୋଟିଏ ସର୍ବସାଧାରଣ ସଂସ୍ଥାର ବ୍ୟାଙ୍କ ଜମାଖାତାକୁ ଲକ୍ଷ ଲକ୍ଷ ଟଙ୍କା ଭ୍ରଷ୍ଟାଚାର କରି ଟଙ୍କା ଟ୍ରାନ୍ସଫର କରାଯାଇଛି। ତୁରନ୍ତ ଏହାର ସିବିଆଇ ତଦନ୍ତ କରାଯାଉ ବୋଲି ବିଜେପି ଦାବି କରିଛି। ଏହି ଅବସରରେ ମାଲକାନଗିରି ଜିଲ୍ଲା ସଭାପତି ନିମାଇଁ ପାଲ, ପୂର୍ବତନ ଜିଲ୍ଲା ସଭାପତି ଗୁରୁ ଚରଣ ମହାନ୍ତି, ପଡିଆ ମଣ୍ଡଳ ସଭାପତି ପି.ଭେଙ୍କଟେଶ୍ୱର ରାଓ, ବିଧାୟକ ପ୍ରତିନିଧି କେ ବାଲେୟା, ନିହାର ରାଏ, ରତ୍ନାକର ପାଣିଗ୍ରାହୀ, ବଜା ମାଡକାମୀ, ନରସିଂହ ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ।

PLOT FOR SALE
MOUZA:BHOLA




N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

# ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ



**ମାଲକାନଗିରି :** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଟିଗଲ ଗ୍ରାମ ପଞ୍ଚାୟତର ଏମ୍‌ପିଭି ୬୫ (ଅଶୋକ ନଗର)ଗ୍ରାମ ପାଳନ କରୁଛି ୪୪ ତମ ପବିତ୍ର ଦୁର୍ଗାପୂଜା। ଅଞ୍ଚଳବାସୀ ପ୍ରାତଃ ସମୟରେ ଜଗତଜନନୀ ମା’ ଦୁର୍ଗାଙ୍କ ପୂଜା ଅର୍ଚ୍ଚନା ସହ ରାତ୍ରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେବା ସଙ୍ଗେ ସଙ୍ଗେ ଅପରାହ୍ନରେ ଚଳିତ ବର୍ଷ ପ୍ରଥମ କରି ଆରମ୍ଭ କରିଛନ୍ତି ଏକ ଆନ୍ତଃରାଜ୍ୟ ଫୁଟବଲ୍ ପ୍ରତିଯୋଗିତା। ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଉଭୟ କଟକ ଏବଂ ରାୟଗଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ନିମନ୍ତ୍ରଣ କରିଥିଲେ ଅଞ୍ଚଳରେ ଜଳଦୂତ ଭାବେ ପରିଚୟ ସୃଷ୍ଟି କରିପାରିଥିବା ଓଡ଼ିଶାର ସୁନାମଧନ୍ୟ ସମାଜସେବୀ ଡଃ ଉତ୍ତମ ମଲ୍ଲିକଙ୍କୁ। ଡଃ ମଲ୍ଲିକ ନବମୀ ପୂଜା ଅବସରରେ ନିମନ୍ତ୍ରଣ କରିଥିବାରୁ ଆୟୋଜକ କମିଟିକୁ ଧନ୍ୟବାଦ ଦେବା ସଙ୍ଗେ ମାନବ ସମାଜରେ ଶାରୀରିକ ଓ ମାନସିକ ସୁସ୍ଥ ରହିବାକୁ ହେଲେ କ୍ରୀଡା ଏକ ମାଧ୍ୟମ ତତ୍ ସଙ୍ଗେ ଆଧାତ୍ମିକ ଚେତନା ଜାଗ୍ରତ ନିମନ୍ତେ ପୂଜାର୍ଚ୍ଚନାର ଆବଶ୍ୟକତା ଅଛି। ଏମ୍‌ପିଭି ୬୫ ଗ୍ରାମରେ ସୁନ୍ଦର ପରିବେଶ ଓ ଉତ୍ତମ ପଦକ୍ଷେପ ନେଇଥିବାରୁ ଯୁବଶକ୍ତିଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। ଏହି ପବିତ୍ର ଦିନରେ ଡଃ ଉତ୍ତମ ମଲ୍ଲିକଙ୍କ ସହ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା, ସମାଜସେବୀ ମାଧବ ଚନ୍ଦ୍ର ସରକାର, ବିଶିଷ୍ଟ ବ୍ୟବସାୟୀ ଦେବବ୍ରତ ରାୟ, ଗୁରୁ ଆନନ୍ଦ ଡାଳିଙ୍କ ସହ ବହୁ ମାନ୍ୟଗଣ୍ୟ ଅତିଥି ଯୋଗ ଦେଇଥିଲେ। ଡଃ ମଲ୍ଲିକ ଅତିଥି ମାନଙ୍କ ସହ ଖେଳ ଦେଖିବା, କମିଟି ସଦସ୍ୟ ସହ ପୂଜା ମଣ୍ଡପ ଯାଇ ମା ଦୁର୍ଗାଙ୍କ ଦର୍ଶନ କରିଥିଲେ। ଡଃ ମଲ୍ଲିକଙ୍କ ଉପସ୍ଥିତି ଏମ୍‌ପିଭି ୬୫ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି